


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୬ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 06 JULY 2025

Vol.No. 36 ■ No.177 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ଜନ୍ମବେଦିରେ ଲୀଳାଖେଳା ସାରି ଶ୍ରୀମନ୍ଦିରକୁ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି

## ଆଜି ରଥ ଉପରେ ସୁନାବେଶରେ ଦେବେ ଦର୍ଶନ



ପୁରୀ, ୦୫/୭ (ନି.ପ୍ର): ଜନ୍ମବେଦୀରେ ଲୀଳାଖେଳା ସାରି ବାହୁଡ଼ିଛନ୍ତି ଶ୍ରୀଜିଉ। ସଅଳ ନୀତିକାନ୍ତି ଓ ଶୃଙ୍ଖଳିତ ରଥଟଣା ପାଇଁ ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ସିଂହଦ୍ୱାରରେ ପହଞ୍ଚି ସାରିଥିଲା ବେଳେ ଆଉ ମାତ୍ର ଅଳ୍ପ ଦୂରରେ ଅଛି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ। କାଳିଆ ସାଆଁନ୍ତଙ୍କ ନନ୍ଦିଘୋଷ ରଥ ବି ବଳଗଣ୍ଡି ଛକ ଡେଇଁ ସାରିଲାଣି। ବର୍ଷା ଭିଜା ପାଗ ସତ୍ତ୍ୱେ ମାନବୀୟ ଠାକୁରଙ୍କ ଏ ଦିବ୍ୟଲୀଳା ଦେଖିବାକୁ ଭକ୍ତଭିଡ଼ରେ ଉଚ୍ଛୁଳୁମୁଛୁଳୁ ବଡ଼ଦାଣ୍ଡ। ଆସନ୍ତୁ ଜାଣିବା ଆଜି ଶ୍ରୀକ୍ଷେତ୍ରରେ କେମିତି ଥିଲା ବାହୁଡ଼ାଯାତ୍ରାର ପରିବେଶ। ଶରଧାବାଲିରୁ ସିଂହଦ୍ୱାର। ରାତି ପାହୁ ନପାହୁଣୁ ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼। ଘଣ୍ଟଘଣ୍ଟା, ଶଙ୍ଖ ଧ୍ୱନିରେ ଫାଟି ପଡୁଥିଲା ବଡ଼ଦାଣ୍ଡ। ତାରି ଭିତରେ ନାକଚଣା ଦ୍ୱାରରେ ତିନିଠାକୁରଙ୍କ ଅପେକ୍ଷାରେ ଥିଲା ତିନି ରଥ ତ, ଆଡ଼ପ ମଣ୍ଡପରୁ ବେଏଗି ବେଏଗି ନୀତିକାନ୍ତି ବଢ଼ାଇ ପ୍ରସ୍ତୁତ ହେଉଥିଲେ ଭାବ ବିନୋଦିଆ ସେଇଥିପାଇଁ ନିର୍ଦ୍ଧାରିତ ସମୟର ୨ ଘଣ୍ଟା ଆଗରୁ ଆରମ୍ଭ ହୋଇଥିଲା ପହଣ୍ଡି ବିଧି। ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ପରେ ବଡ଼ଭାଇ ବଳଭଦ୍ର, ପଛକୁ ଦେବୀ ସୁଭଦ୍ରା ଆଉ ସବା ଶେଷରେ ଟାହିଆ ହଲେଇ ହଲି ଝୁଲି ଧାଡ଼ି ପହଣ୍ଡିରେ ନନ୍ଦିଘୋଷ ରଥକୁ ଆସିଥିଲେ କାଳିଆ ଠାକୁର। ଅନ୍ୟ ରୀତିନୀତି ପରେ ଶ୍ରୀଅଅରରୁ ଆସି ଶରଧାବାଲିରେ ପହଞ୍ଚିଥିଲେ ଜଗନ୍ନାଥଙ୍କ ଆଦ୍ୟ ସେବକ ଗଜପତି ମରାହାଜା ଦିବ୍ୟସିଂହ ଦେବ। ଆରମ୍ଭ ହୋଇଥିଲା ଛେରାପହଁରା। ଏହାପରେ ଚାରମାଳ ଫିଟା, ରଥରେ ଘୋଡ଼ା ଯଚା ହୋଇ ସାରଥୀ ଲାଗିବା ପରେ ଅଗଣିତ ଭକ୍ତଙ୍କ ପାଇଁ ଆସି ପହଞ୍ଚି ଯାଇଥିଲା ସେଇ ମହାର୍ଘ ମୁହୂର୍ତ୍ତ। ଅପରାହ୍ଣ ପ୍ରାୟ ୨ଟା ୫୦ରେ ପ୍ରଥମେ ଘର୍ଘର ନାଦରେ ତାଳଧ୍ୱଜ ରଥ ଗଡ଼ିବା କ୍ଷଣି ଭାବ ଭକ୍ତିରେ ଉଚ୍ଛୁଳି ଉଠିଥିଲା ପରିବେଶ। ତାଳଧ୍ୱଜ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ କାଳିଆ ଠାକୁରଙ୍କ ରଥକୁ ଶ୍ରୀମନ୍ଦିର ଆଡ଼କୁ ଟାଣି ନେଇଥିଲେ ଲକ୍ଷ ଲକ୍ଷ ଭକ୍ତ। ମଝିରେ ମଝିରେ ପୁଷ୍ପବୃଷ୍ଟି ସମ ବର୍ଷା। ସାଙ୍ଗକୁ ଭକ୍ତ ଭିଡ଼ରେ ଦରିଆରେ ପୋତ ଭଳି ଗଡ଼ି ଚାଲିଥିଲେ ତିନି ରଥ ତ ଢେଉ ପରେ ଢେଉ ଭଳି ପୂରା ବଡ଼ଦାଣ୍ଡରେ ଖେଳୁଥିଲା ଆଧ୍ୟାତ୍ମିକତାର ଅପୂର୍ବ ଶିହରଣ। ଏସବୁ ଭିତରେ କିଛି ସମୟ ରଥତ୍ରୟ ଅଟକିଥିଲେ ମାଉସୀ ମାଆଙ୍କ ମନ୍ଦିର ଆଗରେ। ସେଠୁ ପୋଡ଼ପିଠା ଖାଇ ପୁଣି ସିଂହଦ୍ୱାର ଅଭିମୁଖେ ବାହାରିଥିଲେ ତିନି ଠାକୁର।

## ହିମାଚଳରେ ପ୍ରକୃତିର ତାଣ୍ଡବ: ୮୦ରୁ ଅଧିକ ମୃତ, ୪୦ରୁ ଅଧିକ ନିଖୋଜ



ନୂଆଦିଲ୍ଲୀ,୦୫/୭ : ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ପରେ ବର୍ଷା। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଦୁଃଖ ବଢାଇଛି । ମଧ୍ୟପ୍ରଦେଶର ୨୦ଟି ସହରରେ ପ୍ରବଳ ବର୍ଷା ହୋଇଛି । ମଣ୍ଡଲା, ସେଓନି ଏବଂ ବାଲାଘାଟ ଜିଲ୍ଲାଗୁଡ଼ିକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ଜବଲପୁରରେ ଗ୍ୟାସ୍ ସିଲିଣ୍ଡର ବୋଝେଇ ଏକ ଟ୍ରକ୍ ପାଣିରେ ବୁଡ଼ି ଯାଇଛି । ମଣ୍ଡଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଜୁନ୍ ୧ ତାରିଖରୁ ରାଜସ୍ଥାନରେ ୧୬୭.୧ ମିମି ବର୍ଷା ହୋଇଛି, ଯାହା ସ୍ୱାଭାବିକ ଅପେକ୍ଷା ୧୩୭% ଅଧିକ । ନିରନ୍ତର ମୌସୁମୀ ସକ୍ରିୟ ଥିବାରୁ, ବର୍ତ୍ତମାନ ଗୋଟିଏ ବି ଜିଲ୍ଲା ଶୁଖିଲା ନାହିଁ । ଯେତେବେଳେ ଗତ ଜୁଲାଇ ▶▶ପୃଷ୍ଠା ୭

## ମୌସୁମୀ ସକ୍ରିୟ: ପୁଣି ଆସୁଛି ଆଉ ଏକ ଲଘୁଚାପ



ଭୁବନେଶ୍ୱର,୫।୭: ସାରା ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ଆଗାମୀ ୨୪ ଘଣ୍ଟାରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ଆଖପାଖରେ ସୃଷ୍ଟି ସମ୍ଭାବନା ରହିଛି। ରବିବାର ବିଭିନ୍ନ ଜିଲାକୁ ବର୍ଷା ଓ ବଜ୍ରପାତ ନେଇ ସତର୍କ କରାଯାଇଛି। ▶▶ପୃଷ୍ଠା ୭

## ଜୁଲାଇ ୭ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଭୁବନେଶ୍ୱର, ୦୫/୭ (ନି.ପ୍ର): ଆସନ୍ତା ଜୁଲାଇ ୭ ତାରିଖ ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ୩୦.୦୬.୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଦାଖଲ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ଜୁନ୍ ୩୦ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ଆବେଦନ ପତ୍ର ସହ ନିର୍ଦ୍ଧାରିତ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରୀ) ଠାରେ ଜନ ଶୁଣାଣି ପାଇଁ ଉପସ୍ଥିତ ରହିବେ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆତଙ୍କୀ ସଂଗଠନ କବ୍‌ଜାରେ ଓଡ଼ିଆ ଯୁବକ: ପରିବାରରେ କାନ୍ଦବୋବାଳି



ନୂଆଦିଲ୍ଲୀ,୦୫/୭ : ପଶ୍ଚିମ ଆଫ୍ରିକାର ମାଲିରେ ଅଲକାଏଦା ଦ୍ୱାରା ପରିଚାଳିତ ଏକ ଆତଙ୍କବାଦୀ ସଙ୍ଗଠନ ଦ୍ୱାରା ଅପହୃତ ୩ ଭାରତୀୟଙ୍କ ମଧ୍ୟରେ ଅଛନ୍ତି ଜଣେ ଓଡ଼ିଆ। ଅପହୃତ ଯୁବକଙ୍କ ଘର ଗଞ୍ଜାମ ହିଞ୍ଜିଳିକାଟୁ ଥାନା ଅଞ୍ଚଳରେ । ତୁରନ୍ତ ସେଠାରୁ ପୁଅକୁ ଉଦ୍ଧାର ଲାଗି ପ୍ରଶାସନ ଓ ସରକାରଙ୍କ ନିକଟରେ ପରିବାର ଲୋକ କରିଛନ୍ତି ଆକୁଳ ନିବେଦନ। ସେପେଟ ହିଞ୍ଜିଳି ତହସିଲଦାର ଅପହୃତ ଯୁବକଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ଦେଇଛନ୍ତି ଆଶ୍ୱାସନା। ପରିବାର ଲୋକଙ୍କ ଆଖିରେ ଲୁହ। କେବେ ଘରକୁ ଫେରିବ ପୁଅ, ଚାହିଁ ବସିଛି ମାଆ। ମନ ବୁଝୁନି, ବାରମ୍ବାର ପୁଅ ଫଟୋ ଏପଟ ସେପଟେ କରି ଦେଖୁଛି। ଆଉ କେତେବେଳେ ପୁଅର ଫଟୋକୁ ଛାତିରେ ଜାବୁଡି ଧରି କାନ୍ଦୁଛି । ଆମେ କହୁଛୁ, ପଶ୍ଚିମ ଆଫ୍ରିକା ମାଲିରେ ଆତଙ୍କୀ ସଂଗଠନ ଦ୍ୱାରା ଅପହରଣ ହୋଇଥିବା ଜଣେ ଓଡିଆ ପୁଅ କଥା। ମାଲିରେ ଅପହୃତ ହୋଇଥିବା ତିନି ଭାରତୀୟଙ୍କ ମଧ୍ୟରେ ଅଛନ୍ତି ଗଞ୍ଜାମ ହିଞ୍ଜିଳିକାଟୁ ଥାନା ସମରଝୋଳର ପି. ଭେଙ୍କେଟ ରମଣ। ପୁଅ ଅପହୃତ ହୋଇଥିବା ▶▶ପୃଷ୍ଠା ୭

## ୧୦୮ ଆମ୍ବୁଲାନ୍ସର ଏବେ ଶହେ ଦୁଃଖ: ନିଜ ସ୍ୱାସ୍ଥ୍ୟ ସଙ୍କଟରେ, ରୋଗୀସେବାକୁ ପଚାରେ କିଏ



ଭୁବନେଶ୍ୱର, ୦୫/୭ (ନି.ପ୍ର): ଜୀବନ-ମରଣର ଯୁଦ୍ଧ ଭିତରେ ରୋଗୀକୁ ମେଡ଼ିକାଲ୍ ପହଞ୍ଚାଇବା ପାଇଁ ଦୂତ ସାଜିଥିବା ୧୦୮ ଆମ୍ବୁଲାନ୍ସ ନିଜେ ଏବେ ଅସହାୟ। ରାଜ୍ୟବ୍ୟାପି ଆପଣ ଯେଉଁଠିକୁ ଯାଆନ୍ତୁ, ଯେଉଁ ଆମ୍ବୁଲାନ୍ସକୁ ବି ଆଖି ବୁଲାଇ ଆଣନ୍ତୁ, ଅବ୍ୟବସ୍ଥାର ମାଳ ମାଳ ଚିତ୍ର। କାଲି ଆମ୍ବୁଲାନ୍ସ ସମସ୍ୟା ପାଇଁ ଜଣେ ୧୯ ବର୍ଷିୟ ଯୁବକ ଯେଭଳି ପ୍ରାଣ ହରାଇଲେ, ପ୍ରମାଣିତ ହୋଇଗଲା ଜରୁରୀକାଳୀନ ସେବାର ଯନ୍ତ୍ରଣାଦାୟକ ଅବସ୍ଥା। ଆଜିର ଚିତ୍ର ଦେଖିଲେ, ମୁଣ୍ଡରେ ହାତ ଦେଇଦେବେ ଆପଣ। ଆସନ୍ତୁ ବଣାଇ ଓ ମୋହନା ଅଞ୍ଚଳରୁ ଆମ୍ବୁଲାନ୍ସ ସେବାର ରୁଗ୍ଣ ଘଟଣା ବିଷୟରେ। ମେଡ଼ିକାଲ୍ ଯିବାକୁ ସାଧାରଣ ଗରିବ ରୋଗୀଟିଏର ଭରସା ୧୦୮ ଆମ୍ବୁଲାନ୍ସ। ହେଲେ ସେହି ୧୦୮ ଆମ୍ବୁଲାନ୍ସର ଏବେ ଶହେ ଦୁଃଖ...ନିଜ ବୋଝ ସମ୍ଭାଳିବାକୁ ଯେତେବେଳେ ଅସମର୍ଥ, ଜୀବନ-ମରଣର ଯୁଦ୍ଧ ଭିତରେ ଥିବା ରୋଗୀ ବୋଝକୁ ବା ସମ୍ଭାଳିବ କେମିତି...ଧଡ଼ତ୍। ହୋଇଗଲାଣି ଟାୟାର। କେତେବେଳେ କେଉଁଠି ଚକ ଫାଟିବ, କହିବା ମୁସ୍କିଲ...ଖାଲି କ'ଣ ଚକ ? ଡ୍ରାଇଭର କ୍ୟାବିନରୁ ପାଣି ଗଳୁଛି...କାମ କରୁନି ଏସି...ଦୁର୍ବଳ ହୋଇଗଲାଣି ଡୋର..ରାତିରେ ଗଲାବେଳେ ହେଡଲାଇଟ୍ ଫେଲ୍। ଗଜପତି ମୋହନା ମେଡ଼ିକାଲରେ ନିୟୋଜିତ ୧୦୮ ଆମ୍ବୁଲାନ୍ସର। ଡ୍ରାଇଭର ହୁଅନ୍ତୁ ଅବା କର୍ମଚାରୀ, କର୍ତ୍ତୃପକ୍ଷଙ୍କୁ ଏକଥା କହି କହି ଥକିଗଲେଣି। ▶▶ପୃଷ୍ଠା ୭

## ପିଏନବି ବ୍ୟାଙ୍କ ଘୋଟାଲା ମାମଲା: ଆମେରିକାରେ ଗିରଫ ହେଲେ ନୀରବ ମୋଦୀଙ୍କ ଭାଇ ନେହାଲ

ନୂଆଦିଲ୍ଲୀ,୦୫/୭ : ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଘୋଟାଲା ମାମଲାରେ ଆଉ ଏକ ସଫଳତା । ଆମେରିକାରେ ଗିରଫ ହେଲେ ନୀରବ ମୋଦୀଙ୍କ ଭାଇ ନେହାଲ ମୋଦୀ । ଆମେରିକା କୋର୍ଟ ଭାରତର ଇଡି ଓ ସିବିଆଇର ଅନୁରୋଧ କ୍ରମେ ଏହି ଗିରଫ କରିଛି। ନେହାଲ ମୋଦୀଙ୍କ ଜୁଲାଇ ୪ ତାରିଖରେ ଗିରଫ କରାଯାଇଛି। ନୀରବ ମୋଦୀ, ମେହୁଲ ଚୋକସି ମିଳିତ ଭାବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଘୋଟାଲା କରିଥିଲେ । ▶▶ପୃଷ୍ଠା ୭

## ମହାରାଷ୍ଟ୍ର ରାଜନୀତିରେ ଐତିହାସିକ ମୂହୁର୍ତ୍ତ: ୨୦ବର୍ଷ ପରେ ଠାକରେ ଭାଇଙ୍କ ମିଳିତ ରାଲି



ନୂଆଦିଲ୍ଲୀ,୦୫/୭ : ଶନିବାର ମହାରାଷ୍ଟ୍ର ରାଜନୀତିରେ ଏକ ସ୍ମରଣୀୟ ମୂହୁର୍ତ୍ତ ଦେଖିବାକୁ ମିଳିଛି । ପୂରା ଦୁଇ ଦଶନ୍ଧି ପରେ ଗୋଟିଏ ମଞ୍ଚରେ ଏକାଠି ନଜର ଆସିଛନ୍ତି ଠାକରେ ଭାଇ ଉଦ୍ଧବ ଓ ରାଜ । ମରାଠୀ ଭାଷା ଅସ୍ମିତା ବଞ୍ଚାଇବା ଉଦ୍ଦେଶ୍ୟରେ ଶିବସେନା ଆୟୋଜିତ କରିଥିବା ମେଗା ରାଲିରେ ଉଭୟଙ୍କୁ ଏକାଠି ଦେଖିବାକୁ ମିଳିଛି । ନିଜ ନିଜ ଅସ୍ତିତ୍ୱ ବଞ୍ଚାଇବାକୁ ଏବେ ଉଦ୍ଧବ ଓ ରାଜ ଏକାଠି ହୋଇଛନ୍ତି । ବାହାନା ମହାରାଷ୍ଟ୍ର ଉପରେ ହିନ୍ଦୀ ଭାଷା ଲଦିବା ଅଭିଯୋଗ । ମାତ୍ର ଟାର୍ଗେଟ୍‌ରେ ରାଜ୍ୟରେ ହେବାକୁ ଥିବା ଆଗାମୀ ପୌର ନିର୍ବାଚନ। ଗତ ନିର୍ବାଚନରେ ଉଭୟଙ୍କ ଦଳର ଶୋଚନୀୟ ପରାଜୟ ହୋଇଛି । ବିଭାଜନ ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା ଉଦ୍ଧବଙ୍କ ଶିବସେନା କ୍ରମଶଃ ଦୁର୍ବଳ ହେଉଛି । ମହାବିକାଶ ଅଘାଡିର ପ୍ରମୁଖ ଦଳ ହେଉଥିଲେ ମଧ୍ୟ ଉଦ୍ଧବଙ୍କ ଶିବସେନା ମାତ ୨୦ଟି ବିଧାନସଭା ଆସନ ଜିତିପାରିଥିଲା। ପ୍ରତ୍ୟେକ ଦିନ ଉଦ୍ଧବଙ୍କ ଶିବସେନାର କର୍ମୀ ଓ ପ୍ରମୁଖ ନେତାମାନେ ଶାସକ ଶିବସେନାରେ ଯୋଗ ଦେଉଛନ୍ତି । ଏଭଳି ସ୍ଥଳରେ ଉଦ୍ଧବ ଏକୁଟିଆ ପୌର ନିର୍ବାଚନ ଲଢ଼ିବା ସ୍ଥିତିରେ ନାହାନ୍ତି। ସେହିଭଳି ରାଜ ଠାକରେଙ୍କ ନବ ନିର୍ମାଣ ସେନା ଗତ ବିଧାନସଭା ନିର୍ବାଚନରେ ୧୦୦ରୁ ଅଧିକ ଆସନରେ ଲଢ଼ିଥିଲେ ମଧ୍ୟ କୌଣସିରେ ଜିତପାରିନଥିଲା । ଏପରିକି ରାଜ ନିଜ ପୁଅ ଅମିତକୁ ମୁମ୍ବାଇର ମାହିମରୁ ବିଜୟୀ କରିବାରେ ବିଫଳ ହୋଇଥିଲେ । ୨୦୧୪ ଓ ୨୦୧୯ ଲୋକସଭା ନିର୍ବାଚନ ସମୟରେ ରାଜ ଠାକରେ ପ୍ରଧାନମନ୍ତ୍ରୀ ମୋଦୀ ଓ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ▶▶ପୃଷ୍ଠା ୭

## ପୁରୀରେ ଏୟାରପୋର୍ଟ ପାଇଁ କେନ୍ଦ୍ର ନିକଟରେ ଦାବି ରଖିବୁ- ବିଜେପି

ଭୁବନେଶ୍ୱର, ୦୫/୭ (ନି.ପ୍ର): ପୁରୀରେ ସାଢେ ଚାରି କୋଟି ଓଡିଆଙ୍କ ଦେବତା ଅଛନ୍ତି। ପୁରୀରେ ଏୟାରପୋର୍ଟ ହେବ। କେନ୍ଦ୍ର ସରକାର ପାଖରେ ନିଶ୍ଚିତ ଭାବରେ ଦାବି ରଖିବୁ ବୋଲି ବିଜେପି ବିଧାୟକ ଗୋବିନ୍ଦ ଦାସ କହିଛନ୍ତି। ସେ କହିଛନ୍ତି ଯେ, ଆମେ ନିଶ୍ଚିତ ଯାହା ଯାହା ଓଡ଼ିଶାବାସୀଙ୍କ ଅପେକ୍ଷା ଅଛି। ସରକାର ତାକୁ ପୁରା କରିବାକୁ ଚେଷ୍ଟା କରିବେ। ଯାହା ଯାହା ବାଧକ ସାଜୁଛି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହ ବସି ଆଲୋଚନା କରିବେ। ଆମର ଡବଲ ଇଞ୍ଜିନ ସରକାର ଅଛି। କୌଣସି ଜିନିଷରେ ବାଧକ ସାଜିବ ନାହିଁ। ଟିକେ ଡେରି ହେବ। କିନ୍ତୁ ନିଶ୍ଚୟ ପୁରା ହେବ ବୋଲି ସେ କହିଛନ୍ତି ।

## ଆମେରିକା ସଂସଦରେ ପାରିତ ହେଲା 'ୱାନ ବିଗ୍ ବ୍ୟୁଟିଫୁଲ ବିଲ': ଟ୍ରମ୍ପଙ୍କ ହସ୍ତାକ୍ଷର ପରେ ଆଇନରେ ପରିଣତ




ନୂଆଦିଲ୍ଲୀ,୦୫/୭ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଦିନ ପ୍ରମୁଖ କର ଓ ଖର୍ଚ୍ଚ ବିଲ୍ 'ୱାନ୍ ବିଗ୍ ବ୍ୟୁଟିଫୁଲ' ବିଲ୍ ଉପରେ ହସ୍ତାକ୍ଷର କରିଛନ୍ତି । ଏବେ ଏହି ବିଲ୍ ଆଇନରେ ପରିଣତ ହୋଇଛି । ଏହି ଅବସରରେ ଟ୍ରମ୍ପ୍ କହିଛନ୍ତି କି, ଏହା ଦେଶ ପାଇଁ ଭଲ । ଏହି ଆଇନ ପାରିତ ହେବା ପରେ କୁହାଯାଉଛି କି, ଆମେରିକାରେ ମଧ୍ୟବିତ୍ତଙ୍କ ଉପରେ କର ବୋଝ କମ ହେବ । ଏହାସହ ଏହି ବିଲ୍ ପାରିତ ହେବା ପରେ ଟ୍ରମ୍ପଙ୍କ ପ୍ରମୁଖ ନୀତିକୁ ଆଇନଗତ ଶକ୍ତି ମିଳିବ । ଯେଉଁଥିରେ ରହିଛି ମାସ ଡିପୋଟେସନ (ବହୁ ସଂଖ୍ୟାରେ ପ୍ରବାସୀ ନାଗରିକଙ୍କୁ ଦେଶରୁ ବିତାଡିତ କରିବା) । ସେନା ଓ ସୀମା ସୁରକ୍ଷା ପାଇଁ ଅଧିକ ଖର୍ଚ୍ଚ କରିବା, ଓଭର ଟାଇମ୍ କାର୍ଯ୍ୟ ଓ ଟିପ୍ସ ଆକାରରେ ମିଳୁଥିବା ଅର୍ଥ ଉପରେ କର ଛାଡ । ଶୁକ୍ରବାର ଦିନ ଆମେରିକା ସିନେଟ୍ ଓ ହାଉସ ଅଫ୍ ରିପ୍ରେଜେଣ୍ଟେଟିଭରେ ଏଡି ବିଲ୍ ପାରିତ ହେବା ପରେ ଟ୍ରମ୍ପ କହିଛନ୍ତି କି, ଆମେରିକା ପାଇଁ ସ୍ୱତନ୍ତ୍ରତା ଦିବସ ଅବସରରେ ଏହାଠାରୁ ମୂଲ୍ୟବାନ ପୁରସ୍କାର ଆଉ କିଛି ହୋଇନପାରେ । ଏହି ବିଲ୍ ମାଧ୍ୟମରେ ମୁଁ ଦେଶର ଜନତାଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ ହୋଇପାରିବ । ଏହି ବିଲ୍ ପାରିତ ହେବା ପରେ ଏହାକୁ ଆମେରିକାର ସ୍ୱର୍ଣ୍ଣ ଯୁଗର ଆରମ୍ଭ ବୋଲି ଟ୍ରମ୍ପ କହିଛନ୍ତି ।

# ପାହାଡ଼ି ଗ୍ରାମ ଗୁଡିକରେ ବାସ କରୁଥିବା ଅଧିବାସୀମାନଙ୍କ ଜୀବନରେ ହସ ଫୁଟିବ କେବେ ?

ମାଲକାନଗିରି, ୦୫/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ବାହାରି ଲୋକଙ୍କ ପାଇଁ ଆଲୋଚନାର ବିଷୟ ପାଲଟିଥିବା ବେଳେ ଏଠାରେ ବସବାସ କରୁଥିବା ଆଦିମ ଜନଜାତିଙ୍କ ଅବସ୍ଥା କିନ୍ତୁ ବିପର୍ଯ୍ୟସ୍ତ । ଯନ୍ତ୍ରଣାରେ ଜର୍ଜରିତ ପାହାଡ଼ି ଗ୍ରାମଗୁଡିକରେ ବାସ କରୁଥିବା ଅଧିବାସୀମାନଙ୍କ ଜୀବନରେ ହସ ଫୁଟିବ କେବେ । ନିର୍ବାଚନ ଆସେ ଓ ଯାଏ । ଲୋକଙ୍କୁ ପ୍ରତିଶ୍ରୁତି ଦେଇ ନେତା ଓ ମନ୍ତ୍ରୀ ଚାଲିଯାନ୍ତି । ପ୍ରତିଶ୍ରୁତି କେବଳ ପାଣି ଗାର ସଦୃଶ୍ୟ ହୁଏ ।ଆଜି ବି ଲୋକେ ମୌଳିକ ସୁବିଧା ପାଇଁ ଆନ୍ଦୋଳନ କରିବାକୁ ପଛାଉ ନାହାନ୍ତି । କିନ୍ତୁ, ମିଳୁଛି କଣ । କେବଳ ପ୍ରତିଶ୍ରୁତି । ଯଦି ଦେଖିବା ଜିଲ୍ଲାର ଖଇରପୁଟ ବ୍ଲକର ରାସବେଡା ପଂଚାୟତରର ଡାଗବେଡା, ବଣ୍ଡାଘାଟିର ବନ୍ଧଗୁଡ଼ା, କିର୍ସାନିପଡା ଭଳି ବହୁ ଗ୍ରାମ ପାହାଡ଼ି ହୋଇଥିବା ବେଳେ ପ୍ରଶାସନ ଅଧିକାରୀଙ୍କ ପାଦ ଏହି ଗାଁ ମାନଙ୍କରେ କେବେ ପଡି ନାହିଁ । ଦୁଇ ଆଦିମ ଜନଜାତି ବଣ୍ଡା ଓ ଡାଡାୟୀ ଦଶନ୍ଧି ଦଶନ୍ଧି ଧରି ନିଜର ଭାଗ୍ୟକୁ ଆଦରି ଏହି ପାହାଡି ଗାଁମାନଙ୍କରେ ପାହାଡ ଉପରେ ନିର୍ଭର କରି ଜୀବନ ବିତାଉଛନ୍ତି । ପାହାଡ଼ିଆ ରାସ୍ତାରେ ଚାଲିବାରେ ଏମାନେ ଅଭ୍ୟସ୍ତ । ପାଣି ପାଇଁ ବର୍ଷ ତମାମ ପାହାଡ଼ିଆ ଝରଣା ଏବଂ ଚୁଆ ଉପରେ ହିଁ ନିର୍ଭର କରନ୍ତି । ବହୁ ସମୟରେ ପାଣି ପାଇଁ ମାଇଲ ମାଇଲ ବାଟ ମଧ ଚାଲିବାକୁ ପଡ଼େ । ରାସ୍ତା ନଥିବାରୁ ଗାଁକୁ ନା ଆମ୍ବୁଲାନ୍ସ ଆସୁଛି ନା କୌଣସି ସରକାରୀ ବାବୁଙ୍କ ପାଦ ପଡୁଛି । ରୋଗୀ ଓ ଗର୍ଭବତୀ ତଥା ପ୍ରସୂତୀଙ୍କୁ କାଉଡି କରି କିମ୍ବା ଖଟିଆରେ ମେଡିକାଲ ନେବାକୁ ପଡିଥାଏ । ଅଜଣା ରୋଗର ଶିକାର ହୋଇ ଅକାଳରେ ବହୁ ଲୋକଙ୍କ ଜୀବନ ଯାଏ । ଏହାର ହିସାବ ନା ସ୍ୱାସ୍ଥ୍ୟ ବିଭାଗ ପାଖରେ ନା ପ୍ରଶାସନ ପାଖରେ ରହିଛି । ୨୦୧୬ରେ ଜାପାନୀ ଜ୍ୱରରେ ଏହି ଅଂଚଳର ବହୁ ପିଲାଙ୍କ ଜୀବନ ଚାଲିଯାଇଛି । କେବଳ ଉଚିତ୍ ଚିକିତ୍ସା ଅଭାବରୁ । ଭୋଟ ମାଗିବା ପାଇଁ ନେତାମାନେ ଚାଲି ଚାଲି କିନ୍ତୁ ପାହାଡି ରାସ୍ତା ଅତିକ୍ରମ କରି ଗାଁରେ ପହଂଚି ଲୋକଙ୍କୁ ଆଶ୍ୱାସନା ଦେଇ ଭୋଟ ନିଅନ୍ତି । କିନ୍ତୁ, ପରମୁହୂର୍ତ୍ତରେ ତାକୁ ଭୁଲିଯାନ୍ତି ବୋଲି ଗ୍ରାମବାସୀ କହନ୍ତି । ଖଇରପୁଟ ବ୍ଲକରେ ମୁଦୁଲିପଡା, ଅଣ୍ଡ୍ରାହାଲ, ରାସବେଡା ଗୋବିନ୍ଦପାଲୀ, ପୋଡାଘାଟ, ବଡ଼ଡୁରାଲ ଭଳି ପଂଚାୟତର ବହୁ ଗ୍ରାମ ଆଜି ବି ପାହାଡ଼ ଉପରେ ରହିଛି । ପାହାଡ଼ ଉପରେ ବସବାସ କରୁଥିବା ଲୋକଙ୍କ ଚିତ୍କାର କେବଳ ପଥରରେ ପିଟି ହୋଇ ସେଠାରେ ହିଁ ରହିଯାଉଛି । ବହୁ ପାହାଡିଆ ଗ୍ରାମରେ ଆଜି ବି ସ୍କୁଲ ଓ ଅଂଗନବାଡ଼ି କେନ୍ଦ୍ର ନାହିଁ । ବହୁ ପିଲା ଅପପୃଷ୍ଟିର ଶିକାର ହେଉଛନ୍ତି । ସରକାର ଚେତିଲେ ପାହାଡ଼ିଆ ଲୋକଙ୍କ ଭାଗ୍ୟ ବଦଳିବ ବୋଲି କୁହାଯାଇଛି । ତେବେ ସରକାର କେବେ ଚେତୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ପୁରୀରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ଜଗନ୍ନାଥ ମ୍ୟୁଜିୟମ: ଖୋଲିବ ଲାଇବ୍ରେରୀ ଓ ଗବେଷଣା କେନ୍ଦ୍ର

ଭୁବନେଶ୍ୱର, ୦୫/୦୭ (ନି.ପ୍ର): ପୁରୀ ସହରରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ଜଗନ୍ନାଥ ମ୍ୟୁଜିୟମ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ପୁରୀ ଠାରେ ଏକ ବିଶ୍ୱ ସ୍ତରୀୟ ଶ୍ରୀ ଜଗନ୍ନାଥ ମ୍ୟୁଜିୟମ, ଲାଇବ୍ରେରୀ ଏବଂ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଷ୍ପତି ନେଇଛନ୍ତି । ଗୋଟିଏ ପରିସରରେ ଏହା ନିର୍ମିତ ହେବ । ଶ୍ରୀ ଜଗନ୍ନାଥ ସଂଗ୍ରହାଳୟରେ ଜଗନ୍ନାଥ ସଂସ୍କୃତି ଓ ଇତିହାସ ଯେପରିକି ଏହାର ପୌରାଣିକ ମହତ୍ୱ, ନୀଳବଧବଙ୍କ ଠାରୁ ମନ୍ଦିର ନିର୍ମାଣର ଇତିହାସ, ବିଗ୍ରହ ପ୍ରତିଷ୍ଠା, କାଂଚି ବିଜୟ, ଯାନିଯାତ୍ରା, ମନ୍ଦିର ରୀତିନୀତି, ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଭାବାବେଗ ଇତ୍ୟାଦି ପ୍ରଦର୍ଶିତ ହେବ । ଏହି ସବୁ ଘଟଣାବଳୀକୁ ବିଭିନ୍ନ ଚିତ୍ରକଳା, ମିନିଏଚର ପ୍ରତିମୂର୍ତି, ପଟ୍ଟଚିତ୍ର ଇତ୍ୟାଦି ମଧ୍ୟମରେ ପ୍ରଦର୍ଶିତ କରାଯାଇପାରିବ ।

ସେହିପରି ଏହି ପରିସରରେ ଏକ ପୁସ୍ତକାଗାର ଏବଂ ଜଗନ୍ନାଥ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପିତ କରାଯିବ । ଏହି ପୁସ୍ତକାଗାରରେ ଜଗନ୍ନାଥ ସଂସ୍କୃତି ସହିତ ଓଡିଆ ସଂସ୍କୃତି ଓ ପରମ୍ପରା ସମ୍ବନ୍ଧୀୟ ପୁସ୍ତକ ବି ରହିବ । ଏହି ପୁସ୍ତକାଗାରରେ ଇ-ଲାଇବ୍ରେରୀର ସୁବିଧା ପ୍ରଦାନ କରାଯିବ ଏବଂ ପାଠକମାନେ ଇ-ଲାଇବ୍ରେରୀ ମଧ୍ୟମରେ ସବୁ ପ୍ରକାର ପଠନ ସାମଗ୍ରୀ ପାଇ ପାରିବେ । ଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ଏହା ନିଶ୍ଚିତ ଭାବେ ସାହାଯ୍ୟ କରିବ ।

ଏଥି ସହିତ ଏହି ପରିସରରେ ପ୍ରାୟ ୩୦୦ ଆସନ ବିଶିଷ୍ଟ ଏକ ପ୍ରେକ୍ଷାଳୟ (ଅଡିଟରିଅମ) ନିର୍ମାଣ କରାଯିବ । ଏହି ଅଡିଟରିଅମରେ ପ୍ରତି ଦିନ ଲାଇଟ ଓ ସାଉଣ୍ଡ ଶୋ ପ୍ରସ୍ତୁତ କରାଯିବ । ଜଗନ୍ନାଥ ମନ୍ଦିର ଏବଂ ଠାକୁରଙ୍କୁ ନେଇ ଅନେକ କାହାଣୀ, ଅନେକ ପ୍ରସଙ୍ଗ ରହିଛି । ଏହି ସବୁ ପ୍ରସଙ୍ଗକୁ ବିଭିନ୍ନ ଅଧ୍ୟାୟରେ ବିଭାଜନ କରି ଗୋଟିଏ ଗୋଟିଏ ଅଧ୍ୟାୟ (ଏପିସଡ) ପ୍ରସ୍ତୁତ କରି ବିଭିନ୍ନ ଭାଷା ଯେପରିକି ଓଡିଆ, ହିନ୍ଦୀ, ଇଂରେଜୀ ଏବଂ ବଙ୍ଗାଳୀ ଭାଷାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ କରାଯିବ । ତା' ଛଡା ଏହି ପରିସର ମଧ୍ୟରେ ଏକ ମୁକ୍ତାକାଶ ରଙ୍ଗମଂଚ ବି ନିର୍ମିତ ହେବ ଯେଉଁଠି ରାଜ୍ୟର କଳାକାର ଏବଂ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇପାରିବ । ଏହି ପ୍ରକଳ୍ପ ଜଗନ୍ନାଥ ସଂସ୍କୃତି, ପରମ୍ପରା ଏବଂ ସାହିତ୍ୟକୁ ସୁଦୃଢ ଏବଂ ପରିପୁଷ୍ଟ କରିବା ସହିତ ପୁରୀ ଜଗନ୍ନାଥ ଧାମକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ଉତ୍କୃଷ୍ଟ ସମୟ ବ୍ୟତୀତ କରିବା ପାଇଁ ସୁଯୋଗ ପ୍ରଦାନ କରିବ । ଏହା ପୁରୀକୁ ଦେଶର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବାରେ ସହାୟକ ହେବ ।

## ଟେଲି ମାନସ ଏବଂ ମେଂଟାଲ ହେଲଥ୍ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୦୫/୦୭ (ନି.ପ୍ର): କେନ୍ଦ୍ରାପଡା ତୁଳସୀ ମହିଳା ମହା ବିଦ୍ୟାଳୟରେ ଟେଲି ମାନସ ଏବଂ ମେଂଟାଲ ହେଲଥ୍ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ମଥୁରୀ ଚରଣ ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ କିପରି ମାନସିକ ଭାବେ ସୁସ୍ଥ ରହିବେ ଅଧ୍ୟକ୍ଷ ଶ୍ରୀ ନାୟକ ଭଗବତ ଗୀତାର ଉଦାହରଣ ମାଧ୍ୟମରେ ସାର ଗର୍ଭକ ଉପଦେଶ ପ୍ରଦାନ କରିଥିଲେ । ଷ୍ଟୁଡେଣ୍ଟ ସର୍ଭିସ ସେଂଟରର ସଂଯୋଜିକା ଅଧ୍ୟାପିକା ଡ଼ଃ ସୁଜାତା ଭଟ୍ଟ ଟେଲି ମାନସ ଆପ୍‌ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

# ଏକ୍ ପେଡ୍ ମା' କେ ନାମ ୨.୦ ଅଭିଯାନରେ ଦେବଗଡ଼ରେ ବ୍ୟାପକ ବୃକ୍ଷ ରୋପଣ

ସମ୍ବଲପୁର, ୦୫/୦୭ (ନି.ପ୍ର): ଦେବଗଡ଼ ଜିଲ୍ଲାରେ ଏବେ ମୋଟ ୨୩ ପ୍ରତିଶତ ଜଙ୍ଗଲ ଅଛି । ଏହାକୁ ଅନ୍ତତଃ ୩୫ ପ୍ରତିଶତକୁ ବୃଦ୍ଧି କରାଇବା ପାଇଁ ଆମ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ହେବ ବୋଲି ଶୁକ୍ରବାର ଦେବଗଡ଼ ଜିଲ୍ଲା ତିଳେଇବଣି ସୁଗୁଡା ଅଂଚଳରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନ ଅଧୀନରେ ବୃକ୍ଷରୋପଣ କରି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ "୭୬ତମ ବନ ମହୋତ୍ସବ ସପ୍ତାହ - ୨୦୨୫"ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବୃକ୍ଷ ଏବଂ ଜଙ୍ଗଲ ଆମର ଜୀବନ । ଶ୍ରୀଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁ ଜଗନ୍ନାଥ, ଜଙ୍ଗଲ ଏବଂ ଓଡ଼ିଶାର ଅନନ୍ୟ ସମ୍ପର୍କ ରହିଛି । ବର୍ତମାନ ସମୟରେ ଜଳବାୟୁ ପରିବର୍ତନ ଏବଂ ପରିବେଶ ପ୍ରଦୂଷଣ ମାନବ ସମାଜ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ଏହାକୁ ସନ୍ତୁଳିତ କରି ରଖିବା ପାଇଁ ହେଲେ ଆମେ ସମସ୍ତେ ଗଛ ଲଗାଇବା ସହ ତା'ର ଯତ୍ନ ନେବା ଦରକାର । ଦେବଗଡ଼କୁ ସବୁଜ ସହରରେ ପରିଣତ କରିବା ଦରକାର । ଆମେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନରେ ସାମିଲ ହୋଇ ସମସ୍ତେ ଗଛ ଲଗାଇବା । ଘର ଠାରୁ ଆରମ୍ଭ କରି ସ୍କୁଲ, କଲେଜ, ରାସ୍ତା, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗଛ ଲଗାଇ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବା । ଏଥିପାଇଁ ଆବାଳବୃଦ୍ଧବନିତାଙ୍କୁ ଆଗେଇ ଆସିବା ସହ ଗଛ ଲଗାଇବାର ପାଗଳପଣ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ଦେବଗଡ଼ ବନଖଣ୍ଡରେ ୯ ଲକ୍ଷ ୫୦ ହଜାର ଗଛ ଲଗାଇବା ଲକ୍ଷ୍ୟ ରଖାଯାଇଥିବା ବେଳେ ସବୁ ବର୍ଗର ଲୋକଙ୍କୁ ସାମିଲ କରି ଏହାକୁ ଜନଆନ୍ଦୋଳନର ରୂପ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୃକ୍ଷରୋପଣ ଅଭିଯାନରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସ୍କୁଲ ଛାତ୍ରଛାତ୍ରୀ, ଯୁବ ସଂଗଠନ, ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ, ପରିବେଶବିତ ଓ ପ୍ରକୃତିପ୍ରେମୀମାନେ ସାମିଲ ହୋଇ ଗଛ ଲଗାଇଥିଲେ ।

ଉଲ୍ଲେଖନୀୟ ଯେ, ଦେବଗଡ଼ରେ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ତଥା ସମାଜିକ ସଚେତନତା ସୃଷ୍ଟି କରିବା ପାଇଁ ଦେବଗଡ଼ ବନଖଣ୍ଡ ପଦକ୍ଷେପ ଅନ୍ତର୍ଗତ ଶ୍ରୀ ପ୍ରଧାନ ଏକ ଭ୍ରାମ୍ୟମାଣ ସବୁଜ ରଥର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସଏଚଜି ଭଉଣୀ ଏବଂ ଗଜ ସାଥୀମାନଙ୍କୁ ସମ୍ମାନିତ କରିଥିଲେ ।

# ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କନ୍ଧମାଳ, ୪ ଜୁଲାଇ (ହି.ସ.)- ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫୁଲବାଣୀର ଯୁବ ରେଡକ୍ରସ୍ ଶାଖା ଆନୁକୁଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷରୋପଣ କରିଥିଲେ ଏବଂ ସମସ୍ତଙ୍କୁ ବୃକ୍ଷରୋପଣ କରିବା ସହ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ପ୍ରଫେସର ମୂରଲୀଧର ସେଠୀ ଏବଂ ସୁକାନ୍ତ କୁମାର ବେହେରା ମହାବିଦ୍ୟାଳୟର ସୌନ୍ଦର୍ଯ୍ୟ ଏବଂ ସବୁଜିମା ବୃଦ୍ଧି କରିବା ନିମନ୍ତେ ବୃକ୍ଷରୋପଣ କାର୍ଯ୍ୟକୁ ଗୁରୁତ୍ୱ ଦେବା ସହ ଚାରା ଯୋଗାଇଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପାଠାଗାର ତରଫରୁ ମଧ କିଛି ଚାରା ଯୋଗାଇ ଦିଆଯାଇଥିଲା । ମହାବିଦ୍ୟାଳୟର ସମସ୍ତ ବିଭାଗ ଓ ବିଭାଗୀୟ ମୁଖ୍ୟ ଏବଂ ପ୍ରଫେସର୍ ବୃନ୍ଦ ଗୋଟିଏ ଗୋଟିଏ ଚାରା ଏହି କାର୍ଯ୍ୟକ୍ରମରେ ରୋପଣ କରିଥିଲେ । ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍ସ ସମେତ ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକାର ଚାରା ମହାବିଦ୍ୟାଳୟ ପରିସରରେ ରୋପଣ କରିଥିଲେ ଏବଂ ବୃକ୍ଷ ଗୁଡ଼ିକ ସୁରକ୍ଷା ନିମନ୍ତେ ଶପଥ ନେଇଥିଲେ । ଏହା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ବନ ସଂରକ୍ଷଣ ଓ ପରିବେଶ ସୁରକ୍ଷା ପ୍ରତି ଆଗ୍ରହ ବୃଦ୍ଧି ପାଇଁ ପ୍ରେରିତ କରାଯାଇଥିଲା । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ ଜିଲ୍ଲା କନଭେନର-କମ୍-ସେକ୍ରେଟାରି ଡ. ଅଭିପ୍ସା ବଳ ସୁଚାରୁ ରୂପେ ପରିଚାଳନା କରିଥିଲେ । ସମସ୍ତ ପ୍ରଫେସର ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ୨ ଦିନିଆ କୋରାପୁଟ ଜିଲା ଗସ୍ତ

ଜୟପୁର, ୦୫/୦୭ (ନି.ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇ ଦିନିଆ କୋରାପୁଟ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ଜୟପୁର ଠାରେ ସାମ୍ବାଦିକ ସମ୍ମିଳନି କରି ଏହି ସୂଚନା ଦିଆଯାଇଛି । ଜୟପୁର ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସମ୍ମିଳନିରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ସୂଚନା ଦେଇଛନ୍ତି । କୋରାପୁଟ ଜିଲାକୁ ୨ ଦିନିଆ ଗସ୍ତ ରହିଛି । ୫ ତାରିଖ ସକାଳ ୬ଟାରେ ଦାମନଯୋଡି ନାଲକୋ ଗେଷ୍ଟ ହାଉସରେ ପହଂଚିବେ । ଶାବର ଶ୍ରୀକ୍ଷେତ୍ରରେ ବାହୁଡା ଯାତ୍ରାରେ ସାମିଲ ହୋଇ କୋନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ବିକାଶମୂଳକ କାର୍ଯ୍ୟର ଉଦଘାଟନ କରିବା ସହ ୪ଶହ ୮୦ କୋଟି ଟଙ୍କାର ବିଶ୍ୱବିଦ୍ୟାଳୟରେ ଭିତିଭୂମିର ଭିତିପ୍ରସ୍ତର ସ୍ଥାପନ କରିବେ । ୬ ତାରିଖରେ ଜୟପୁର କେନ୍ଦ୍ରୀୟ ବିଦ୍ୟାଳୟର ଭିତିପ୍ରସ୍ତର ଦେବା ସହ ନୂତନ ବିଦ୍ୟାଳୟ କୁ ଉଦଘାଟନ କରିବେ । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହିବେ । କେନ୍ଦ୍ର ସରକାର ଅବିଭକ୍ତ କୋରାପୁଟ ଜିଲାକୁ ଆକାଂକ୍ଷା ଜିଲା ଭାବେ ଘୋଷଣା କରିଛନ୍ତି । ଏହି ଜିଲାକୁ ବିଭିନ୍ନ ଯୋଜନାରେ ଅନେକ ଅର୍ଥ ଆସୁଛି । ତେଣୁ କୋରାପୁଟରେ ସମିକ୍ଷା କରିବେ । କାର୍ଯ୍ୟ ଗୁଡିକ ଅଧିକ କ୍ରିୟାଶିଳ ସହ ତ୍ୱରିତ ବେଗରେ କାର୍ଯ୍ୟ ସମ୍ପୁର୍ଣ୍ଣ ହେବା ସହ ସରକାରି ଅର୍ଥ କିପରି ଠିକ ଭାବେ ରୁପାୟନ ହୋଇପାରିବ ସେ ନେଇ ସମିକ୍ଷା କରିବେ । ଅନ୍ୟ ମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁ ରାମ ମାଛ, ନବରଙ୍ଗପୁର ବିଧାୟକ ଜିଲା ଗୌରି ସଙ୍କର ମାଝୀ, ଜିଲା ସଭାପତି ଶିବ ମୁଦୁଲି, ଜୟପୁର ବିଧାୟକ ପ୍ରାର୍ଥି ଗୌତମ ସାମନ୍ତରାୟ ଉପସ୍ଥିତ ରହିଥିଲେ ।

# ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର, ୦୫/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ରାଜ୍ୟରେ ଥିବା ସମସ୍ତ ୧୯୯ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଭାରପ୍ରାପ୍ତ ଅଧ୍ୟକ୍ଷ-ଅଧ୍ୟକ୍ଷାମାନଙ୍କ କାର୍ଯ୍ୟ ସମୀକ୍ଷା ଓ ଦକ୍ଷତା ବିକାଶ କର୍ମଶାଳା କୃଷି ଭବନଠାରେ ଆୟୋଜିତ ହୋଇଯାଇଛି । ଏହି ଏକ ଦିବସୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ଯୋଗ ଦେଇଥିବା ବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସସ୍ମିତା ସାହୁ, ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ଦିପ୍ତୀମୟୀ ଶୁଭଦର୍ଶିନୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସସ୍ମିତା ମାଲି ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ନନ୍ଦ କହିଛନ୍ତି, ବିକଶିତ ଭାରତ ଗଠନରେ ଯୁବକମାନଙ୍କର ଭୂମିକା ରହିଛି ଏବଂ ସେମାନଙ୍କୁ ଶିକ୍ଷକ/ଅଧ୍ୟକ୍ଷ ମାନେ ହିଁ ଉଚିତ୍ ଦିଗଦର୍ଶନ ଦେଇପାରିବେ । ସେ ଏହା ମଧ କହିଛନ୍ତି, ଉପସ୍ଥିତ ଥିବା ସମସ୍ତ ଅଧ୍ୟକ୍ଷ/ଅଧ୍ୟକ୍ଷା ଶିକ୍ଷାର ମୁଖ୍ୟ ସ୍ତମ୍ଭ । ଆଜିର ଏହି କର୍ମଶାଳା ମାଧ୍ୟମରେ ଅଧ୍ୟକ୍ଷମାନେ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିବେ ଓ ବିକଶିତ ଭାରତ ଗଠନରେ ନିଜର ଯୋଗଦାନ ଦେବେ । କର୍ମଶାଳାର ପ୍ରାରମ୍ଭରେ ଉଦବୋଧନ ଦେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟାର ସମସ୍ତ ଅତିଥି, କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ଭାରପ୍ରାପ୍ତ ଅଧ୍ୟକ୍ଷ-ଅଧ୍ୟକ୍ଷାଙ୍କୁ କର୍ମଶାଳାକୁ ସ୍ୱାଗତ କରିବା ସହିତ ଏହାର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଓସେପା ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସାହୁ କହିଛନ୍ତି, ସମସ୍ତ କ୍ଷେତ୍ରରେ ସୁଚାରୁରୂପ କାର୍ଯ୍ୟ ତୁଲାଇବା ପାଇଁ ଏହି କର୍ମଶାଳାର ଆୟୋଜନ । ନିଜର ସାମର୍ଥ୍ୟକୁ ସମସ୍ୟା ସମାଧାନ ଦିଗରେ କେନ୍ଦ୍ରିତ କଲେ ସକରାତ୍ମକ ଫଳ ମିଳି ପାରିବ ବୋଲି ସେ କହିଛନ୍ତି । ଏଥିସହ ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ଶୁଭଦର୍ଶିନୀ ଉପସ୍ଥିତ ରହି କର୍ମଶାଳାରେ ଥିବା ସମସ୍ତ ଅଧିବେଶନକୁ ଯତ୍ନବାନ ହୋଇ ଶୁଣିବା ଏବଂ ତାହାର ଅନୁପାଳନ କରିବା ନେଇ ସୂଚନା ଦେଇଥିଲେ । ଏହି କର୍ମଶାଳାରେ ଭାରପ୍ରାପ୍ତ ଅଧ୍ୟକ୍ଷ-ଅଧ୍ୟକ୍ଷା ସେମାନଙ୍କର ଭୂମିକା ବିଷୟରେ ଅବଗତ ହେବା ସହ ବିଦ୍ୟାଳୟର ସୁପରିଚାଳନା ନିମିତ ବିଭିନ୍ନ ବିଷୟରେ ଯଥା- ପରୀକ୍ଷା ପରିଚାଳନା ପଦ୍ଧତି, ପରୀକ୍ଷା ଫଳର ବିଶ୍ଳେଷଣ, କ୍ୟାରିୟର କାଉନସେଲିଂ, ଛାତ୍ରବୃତି, ଇ-ଆଡମିଶନ ପ୍ରକ୍ରିୟା , ଅତିଥି ଶିକ୍ଷକ ନିୟୋଜନ ପ୍ରକ୍ରିୟା, ସମଗ୍ର ଶିକ୍ଷା ଓ ପିଏମ-ଶ୍ରୀ ସ୍କୁଲ ଅଧିନରେ ଥିବା ଅନୁଦାନର ବ୍ୟବହାର, ୟୁଡିଆଇଏସଇ ଅପଡେଟ୍, ଅପାର ଆଇଡି ପ୍ରସ୍ତୁତ, ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା ପ୍ରଶିକ୍ଷଣ, କାର୍ଯ୍ୟ ସମ୍ପାଦନରେ ଅଧ୍ୟକ୍ଷମାନେ ସମ୍ମୁଖିନ ହେଉଥିବା ସମସ୍ୟା ଇତ୍ୟାଦି ବିଷୟରେ ଅଧିବେଶନ ଆୟୋଜିତ ହୋଇଥିଲା ।

## କୋଠୀ ଯୋର ବ୍ରିଜ୍ ତୁରନ୍ତ ହେଲା ମରାମତି

ବଲାଙ୍ଗୀର, ୦୫/୦୭ (ନି.ପ୍ର): ଆଗଲପୁର(ଲୁଡୁକା ) ବ୍ଲକ ସାଲେଭଟା-କୁଟାସିଂହା ରାସ୍ତାର ହରଭଙ୍ଗା - ଡୁଙ୍ଗୁରିପାଲି ମଧ୍ୟରେ ନୂତନ ନିର୍ମିତ କୋଠିଯୋର ସେତୁ ନିମ୍ନମାନର କାମ ଯୋଗୁଁ ଭାଙ୍ଗି ବଡ଼ ଗର୍ତ ସୃଷ୍ଟି ହୋଇଥିଲା । ଫଳରେ ଯାତାଜାତ ଠପ ହୋଇଥିଲା । ଯାତ୍ରୀମାନେ ବହୁ ଅସୁବିଧା ଭୋଗୁଥିଲେ । ଏନେଇ ଗତ ୩୦ ତାରିଖ ରେ ସମ୍ବାଦ ରେ ଖବର ପ୍ରକାଶ ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିଲା । ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଆସି ଯାଂଚ କଲାପରେ ଶୀଘ୍ର ସେତୁର ମରାମତି କରାଯାଇଛି । ବର୍ତମାନ ଗମନାଗମନର ସମସ୍ୟା ଦୂର ହୋଇଛି ।

# ଯାଜପୁର ଜିଲା ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଧର୍ମଶାଳା, ୦୫/୦୭ (ନି.ପ୍ର): ଯାଜପୁର ଜିଲା କୃଷକ ମୋର୍ଚ୍ଚା ପକ୍ଷରୁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରୀ ନିର୍ବାଚନ ମଣ୍ଡଳୀ ବ୍ରହ୍ମବରଦା ମଣ୍ଡଳ ଅନ୍ତର୍ଗତ ମଙ୍ଗରାଜପୁର ପଂଚାୟତ ବାଲିଗୁଡା (ଦେଉଳି)ଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା କୃଷକ ମୋର୍ଚ୍ଚା ଉପ-ସଭାପତି ସୌଭାଗ୍ୟ ମିଶ୍ରଙ୍କ ଆବାହକରେ ଜିଲା କୃଷକ ମୋର୍ଚ୍ଚା ସଭାପତି ପାଣ୍ଡବ ଧଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା, ବରୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ପ୍ରଫୁଲ୍ଲ ଗିରି, ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ବିବେକାନନ୍ଦ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ରତିକାନ୍ତ ରାଜବଂଶୀ, ବରିଷ୍ଠ ନେତା କାହ୍ନୁ ଚରଣ ଦାଶ, ନାରୀ ନେତ୍ରୀ ନିଶି ଜେନା ଓ କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ବିଭିନ୍ନ ଫଳ ବୃକ୍ଷ ଚାରାରୋପଣ କରିଥିଲେ ।

ବ୍ରହ୍ମବରଦା ମଣ୍ଡଳ ସଭାପତି ମିଥୁନ କୁଣ୍ଡୁ, କଳିଙ୍ଗ ମହାନ୍ତି, ରବି ଶତପଥୀ, ଉପେନ୍ଦ୍ର କର, ରମେଶ ରାଉତ, ପ୍ରତାପ ଜେନା, ଶ୍ୟାମ ପଣ୍ଡା, ଅନୀଲ ରାଉତ, ସଂଜୟ ବେହେରା, ପ୍ରଦୀପ ଜେନା, ଚତୃଭୂଜ ଦ୍ୱିବେଦୀ, ବିରେନ ରାଉତ, ଦୀପକ ରାଉତ, ଅଗାଧ ସାହୁ, ସୁମିତ୍ରା ବେହେରା, ମମତା ସାହୁ, ପ୍ରଶାନ୍ତ ମହାରଣା, ଆଦିକନ୍ଦ ରାଉତ, ପ୍ରଶାନ୍ତ ମହାନ୍ତି, ମାଧବ ନାୟକ, ଉମେଶ ମିଶ୍ର, ପ୍ରଭାକର ସାହୁ, ବିଚିତ୍ର ସାମଲ ଓ ଲକ୍ଷ୍ମୀଧର ପତି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କୃଷକ ମୋର୍ଚ୍ଚାର ସମସ୍ତ କର୍ମକର୍ତା, ସ୍ଥାନୀୟ ଯୁବନେତା ଓ ମହିଳାନେତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ନେତା କାହ୍ନୁ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ ମହୋତ୍ସବ ପାଳିତ : ୧୫୦୦ ବୃକ୍ଷ ରୋପଣ

ଭୁବନ, ୦୫/୦୭ (ନି.ପ୍ର): ଭୁବନ ବ୍ଲକ ଜିରାଳ ଫରେଷ୍ଟ ସେକସନ୍ ଅନ୍ତର୍ଗତ ଖୋକସା ଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି । ଜିରାଳ ଫରେଷ୍ଟର କବିତା ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଭଇରପୁର ସରପଂଚ ଆରତୀ ରାଉତ, ଜଗନ୍ନାଥପୁର ସରପଂଚ ସୁଶାନ୍ତ ମଲ୍ଲିକ, ସାରୁଆଳି ସରପଂଚ ମଦନ ବେହେରା, ସମାଜସେବୀ ରଶ୍ମି ରଞ୍ଜନ ଦାସ, ଅଭୟ ନାୟକ ଏବଂ ଅତିରିକ୍ତ ରେଞ୍ଜର ଯୋଗ ଦେଇଥିଲେ । ଏହି ଅବସରରେ ସୁନାଝରି ସଂରକ୍ଷିତ ଜଙ୍ଗଲରେ କରଞ୍ଜ, ଶିସୁ, ଅଶ୍ୱସ୍ଥ, ନିମ୍ବ, ବଉଳ ପ୍ରଭୃତି ୧୫୦୦ ରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଥିଲା ।

# ଦେବଗଡ଼ରେ ଗରିବ କଲ୍ୟାଣ ଓ ବିକାଶ ସମାବେଶ

ସମ୍ବଲପୁର, ୪ ଜୁଲାଇ (ହି.ସ.)- ରାଜ୍ୟରେ ପ୍ରଥମ ଥର ପାଇଁ ହୋଇଥିବା ଡବଲ ଇଞ୍ଜିନର ସରକାର ଗରିବଙ୍କ ମୁହଁରେ ହସ ଫୁଟାଉଛି । ସମସ୍ତ ସରକାରୀ ଯୋଜନାର ଲାଭ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଂଚାଇବା ଦିଗରେ ଆମ ସରକାର ନିରନ୍ତର ପ୍ରୟାସ କରୁଛି ବୋଲି ଶୁକ୍ରବାର ଦେବଗଡ଼ ଠାରେ "ଗରିବ କଲ୍ୟାଣ ଓ ବିକାଶ ସମାବେଶ"ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଡବଲ ଇଞ୍ଜିନ ସରକାରର ୧୪ଟି ବିଭାଗର ପ୍ରାୟ ୧୬୩ କୋଟି ଟଙ୍କା ମୂଲ୍ୟର ୪୫ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ କହିଛନ୍ତି, ଦେବଗଡ଼ବାସୀଙ୍କ ଆଶୀର୍ବାଦରୁ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହୋଇଛି । ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଗୋଟି ଗୋଟି କରି ପୂରଣ କରାଯାଉଛି । ଆଜି ପ୍ରତିକୂଳ ପାଗ ସତ୍ତ୍ୱେ ଲୋକମାନେ ଏହି ସମାବେଶରେ ସାମିଲ ହୋଇଛନ୍ତି, ଯାହା ଆମ ସରକାର ପ୍ରତି ଥିବା ଲୋକଙ୍କର ଆଶୀର୍ବାଦ ଓ ଭଲପାଇବାକୁ ସୂଚାଉଛି । ସେ କହିଛନ୍ତି ଯେ, ଓଡ଼ିଶାରେ ଯେଉଁ ସରକାର ହୋଇଛି ତାହା ଲୋକଙ୍କ ସରକାର, ଲୋକଙ୍କ ପାଇଁ ସରକାର ଏବଂ ଲୋକଙ୍କ ଦ୍ୱାରା ସରକାର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବକା ସାଥ୍ - ସବକା ବିକାଶ, ସବକା ପ୍ରୟାସ ଓ ସବକା ବିଶ୍ୱାସ ମନ୍ତ୍ରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ତୋଦୟ ଯୋଜନାରେ ଗରିବଙ୍କୁ ଘର ମିଳୁଛି । ପୂର୍ବ ସରକାର ମୋଦୀଙ୍କ ଲୋକପ୍ରିୟତା ବଢିଯିବ ବୋଲି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଦିଲ୍ଲୀ ପଠାଉନଥିଲେ । ଲାଂଚ ନେଇ ସମ୍ପନ୍ନ ଲୋକଙ୍କୁ ଦଳୀୟ ଆଧାରରେ ଘର ଦିଆଯାଉଥିଲା, ଫଳସ୍ୱରୂପ ଗରିବ ଲୋକମାନେ ଘର ପାଇବା ପାଇଁ ବଂଚିତ ହେଉଥିଲେ । ଆମ ସରକାରରେ ଦଳୀୟ ରାଜନୀତି ଶେଷ ହୋଇଛି । ଯୋଗ୍ୟ ଲୋକମାନଙ୍କୁ ଘର ପ୍ରଦାନ କରାଯାଉଛି । ଡବଲ ଇଞ୍ଜିନ ସରକାରରେ ଗରିବ ଲୋକ ନିଜର ଅଧିକାର ପାଇଛି । ଏବେ ରାଜ୍ୟରେ ସୁଭଦ୍ରା ଯୋଜନାରେ ମାଆ ଓ ଭଉଣୀମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ସେମାନଙ୍କୁ ସ୍ୱାବଲମ୍ବୀ କରିଛି । ଧାନ ସଂଗ୍ରହ, ଧାନର ଏମଏସପି ୩୧୦୦ ଟଙ୍କାକୁ ବୃଦ୍ଧି ଚାଷୀମାନଙ୍କୁ ସଶକ୍ତ କରିଛି । ପିଏମ ସୂର୍ଯ୍ୟ ଘର ଯୋଜନାରେ ସୋଲାର ପ୍ୟାନେଲ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଦୁଗ୍ଧ ଚାଷକୁ ପ୍ରୋତ୍ସାହନ, ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାରେ ଜନଜାତି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି, ପିଏମ ଶ୍ରୀ ଯୋଜନାରେ ପ୍ରତି ସ୍କୁଲର ବିକାଶ କରାଇବାର ଦାୟିତ୍ୱ ଡବଲ ଇଞ୍ଜିନ ସରକାର ନେଇଛନ୍ତି । ଗରିବ ଲୋକର ମୁହଁରେ ହସ ଫୁଟାଇବା ଆମ ନେତୃତ୍ୱର ସ୍ଲୋଗାନ ହୋଇଛି । ଦେବଗଡ଼ ଜିଲ୍ଲା ଏକ ଚଷା ଚାଷୀର ଅଂଚଳ । ପଶୁପାଳନ ସହ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଏଠାରେ ଅପାର ସମ୍ଭାବନା ରହିଛି । ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ସହଯୋଗରେ ଏହି ଜିଲ୍ଲାରେ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ, ମତ୍ସ୍ୟଚାଷ, ଗୋପାଳନ ଓ ଦୁଗ୍ଧ ଚାଷ ସମେତ ଆନୁଷାଙ୍ଗିକ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବା ପାଇଁ ବିସ୍ତୃତ ଯୋଜନା ହେବ । ଦେବଗଡର ସବୁ ଗାଁର ବିକାଶ କରିବା ଆମର ଦାୟିତ୍ୱ । ଦେବଗଡ଼ ଜିଲ୍ଲାକୁ ଏକ କୃଷି ବ୍ୟବସାୟ ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ଆମ ସରକାର ବଦ୍ଧ ପରିକର । କୃଷି ଉପରେ ସଚେତନତା ତିଆରି କରି ରୋଜଗାର ବଢାଇବା ପାଇଁ ପଡିବ । ଦେବଗଡ ସବୁବେଳେ ଆମ ପରିବାରକୁ ଆଶୀର୍ବାଦ ଦେଇଛି । ଦେବଗଡବାସୀଙ୍କ ଭଲପାଇବା କେବେ ଭୁଲିହେବ ନାହିଁ । ଦେବଗଡ଼ ଜିଲ୍ଲାକୁ ନୂଆ ରୂପ ଦେବା ପାଇଁ ପ୍ରୟାସ ହେଉଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲାର ସବୁ ପଂଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଥିବା ଯୋଜନାର ତାଲିକା, ଅନଲାଇନ୍ ଆବେଦନର ପ୍ରକ୍ରିୟା ଏବଂ ବିଭିନ୍ନ ଚାଷର ଯୋଜନା ଓ ସରକାରୀ ପ୍ରୋତ୍ସାହନର ତାଲିକା ମାରିବା ପାଇଁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଦେବଗଡ଼ରେ ନୂତନ ବସ ଟର୍ମିନାଲ ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ୫ଟି ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ଓ ମଶା ଧୂଆଁ ଗାଡିର ଲୋକାର୍ପଣ କରିଥିଲେ । ଏହି ପଦକ୍ଷେପ ଦ୍ୱାରା ଦେବଗଡ଼ରେ ବସଯାତ୍ରୀ ଏବଂ ଜନସାଧାରଣ ଉନ୍ନତ ସୁବିଧା ଓ ସେବା ପାଇପାରିବେ । ଶେଷରେ ଏହି ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

# ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୬ ଜୁଲାଇ ୨୦୨୫
email : rabibarachayan2015@gmail.com

# ରବିବାର ଚୟନ
......ସୁଚୟନ ସୁଚୟନ ସୁଚୟନ......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର


## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**

ଭାଗ-୧୦୪
(ପୂର୍ବ ପ୍ରକାଶିତ ଉତ୍ତାରୁ...)

'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...



ମୋ ଶବ କୋକେଇରେ ମଧ ଲେଖିଦେବ ରାମନାମ । ମୋତେ ନେଇ ଯେଉଁଠି ଦାହ କରିବ, ଦାହ ସଂସ୍କାର ପରେ ସେହି ପାଉଁଶରେ ରାମନାମ ଧରି ମଞ୍ଜିଟିଏ ପୋତି ଦେଇ ତହିଁରେ ପାଣିଦେବ । ସେ ମଞ୍ଜିରୁ ଗଛ ଉଠିଲେ ପ୍ରତ୍ୟହ ରାମନାମ ଧରି ତହିଁରେ ପାଣି ଘଟିଏ ଘଟିଏ ଦେଇ ଦେଉଥିବ । ଏମିତି ଏମିତିରେ ସେ ଶିଶୁ ଚାରା ଦିନେ ବୃକ୍ଷରେ ପରିଣତ ହେବ । ଆଉ ଯେଉଁଦିନ ତୁମେମାନେ ଅନୁଭବ କରିବ ବୃକ୍ଷର କାଠରେ କିଛି ଉପକରଣ ତିଆରି ହୋଇପାରିବ, ସେହିଦିନ ତୁମେମାନେ ବଢ଼େଇ ଜଣକୁ ଡକାଇ ସେ ଗଛକୁ କାଟିଦେବ । ସେ ବଢ଼େଇକୁ କହିବ ସେ କାଠରେ ମୋ ପ୍ରଭୁଙ୍କ ପାଦ ପାଇଁ ଯୋଡ଼ାଏ କଠଉ ନିର୍ମାଣ କରିଦେବ, ଯେଉଁ କଠଉରେ ସର୍ବତ୍ର କେବଳ ସୀତା ନାମ ହିଁ ଲେଖା ହେବ । ବର୍ଦ୍ଧକୀ କଠଉ ତିଆରି କରିସାରିବା ପରେ ସେ କଠଉକୁ ତୁମେ ମୋ ପୁତ୍ରଙ୍କ ହସ୍ତରେ ଅଯୋଧ୍ୟାକୁ ପଠାଇଦେବ । ତାଙ୍କୁ କହିବ ଅଭାଗିନୀ ସୀତା ମୃତ୍ୟୁ ସମୟରେ ପତିଙ୍କ ମୁଖଦର୍ଶନ କରିପାରିଲା ନାହିଁ । ଯେଉଁ ସଧବା ନାରୀ ମୃତ୍ୟୁ ସମୟରେ ସ୍ୱାମୀ ମୁଖ ଦର୍ଶନ କରି ମରେ, ତା ଠାରୁ ପୁଣ୍ୟବତୀ ଏ ଜଗତରେ କେହି ନଥିବେ । ସେ ସୌଭାଗ୍ୟ ଏ ହତଭାଗିନୀର ନାହିଁ । ସେଇଥିପାଇଁ ତାଙ୍କ ଅନୁରୋଧ ରକ୍ଷାକରି ତାଙ୍କ ମୃତ୍ୟୁପରେ ମଶାଣିରେ ଯେଉଁଠି ତାଙ୍କୁ ପୋଡ଼ା ଯାଇଥିଲା, ତାଙ୍କରି ଭସ୍ମରୁ ସୃଷ୍ଟ ବୃକ୍ଷର କାଠରେ ଏ କଠଉ ତିଆରି ହୋଇଛି । ଏହାକୁ ପାଦରେ ଧାରଣ କରିବା ପାଇଁ ସୀତା ତାଙ୍କ ସ୍ୱାମୀଙ୍କୁ ଅନୁରୋଧ କରିଯାଇଛି । ଏକଥା ଶୁଣିବାପରେ ମୋ ସ୍ୱାମୀ ନିଶ୍ଚିତ ସେ କଠଉକୁ ପାଦରେ ଧାରଣ କରିବେ । ସେ ଯେଉଁଦିନ ସୀତା ନାମ ନାମିତ ପାଦୁକାକୁ ପାଦରେ ସେ ପିନ୍ଧିବେ, ସେହିଦିନ ସୀତାର ଜୀବନ ଧନ୍ୟ ହୋଇଯିବ।"

ଏତକ କହି ସୀତାଦେବୀ ଭୋ ଭୋ କରି କାନ୍ଦି ପ୍ରଭୁ ପ୍ରଭୁ କହି ତଳେ ଲୋଟିପଡ଼ିଥିଲେ । ସୀତାଦେବୀଙ୍କ ମୁଖରୁ ଏପରି କଥା ଶୁଣି ପ୍ରୀତିଦା, ସୁଧାମୟୀ ସମସ୍ତେ କାନ୍ଦି ଉଠନ୍ତେ, ତପସ୍ୱିନୀ ଅନୁକମ୍ପା ସେଠାରେ ପହଞ୍ଚି କହିଥିଲେ, ତୁମେମାନେ କାହିଁକି କାନ୍ଦୁଛ ପ୍ରୀତିଦା, ସୁଧାମୟୀ। ସୀତାର ସମସ୍ତ କଥା ମୁଁ ଶୁଣିସାରିଛି। ତୁମେମାନେ ମଧ ଶୁଣିଲ । ସୀତା ଏ ଦୁନିଆ ଛାଡ଼ିବ । ଖୁବ୍ ଅଳ୍ପଦିନ ମଧ୍ୟରେ ଛାଡ଼ିବ । ମୁଁ ବଞ୍ଚିଥିଲେ ତାର ଶେଷ ଅଭିଳାଷ ପୂର୍ଣ୍ଣ କରିବି । ମୁଁ ନଥିଲେ ତୁମେମାନେ କରିବ । ଧନ୍ୟ ତୁ ସୀତା ଧନ୍ୟ, ତୋ ପତିଭକ୍ତି । ତୋର ଏ ଶେଷ ଅଭିଳାଷ କେବଳ ଏ ମର୍ତ୍ତ୍ୟରେ ନୁହେଁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏ ତ୍ରିପୁରର ନାରୀ ସମାଜକୁ ଜଣାଇ ଦେବ ଯେ ଜଣେ ସତୀ ପତିବ୍ରତା, ପତି ପରାୟଣା ନାରୀ ତା ସ୍ୱାମୀ ପାଇଁ କ'ଣ କରିପାରେ । ଆଜି ମୁଁ ମହାମୁନିଙ୍କୁ କହିବି ସେ ତାଙ୍କ ରାମାୟଣ ମହାକାବ୍ୟରେ ରାମଙ୍କୁ ଜଣେ ଆଦର୍ଶ ରାଜା, ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ପ୍ରଜାବତ୍ସଳ, ପତ୍ନୀ ପରାୟଣ ସ୍ୱାମୀ ଭାବରେ ଚିତ୍ରଣ କରିବା ପଛରେ ଜଣେ ସତୀ ସ୍ୱାଧୀ ପତିବ୍ରତା ନାରୀର ଯେଉଁ ତ୍ୟାଗ, ନିଷ୍ଠା, ଦୁଃଖ, ଯନ୍ତ୍ରଣା ରହିଛି ତାହାକୁ ସର୍ବାଗ୍ରେ ରୂପ ଦେବେ। ତେବେ ଯାଇ ତାଙ୍କ ରାମାୟଣ କାଳଜୟୀ ମହାକାବ୍ୟର ଆଖ୍ୟା ବହନ କରିବ ।

।। କୋଡ଼ିଏ ।।

ଆଜି କୁଶ ଲବଙ୍କର ଜନ୍ମଦିନ । ମାତୃଗର୍ଭରୁ ଭୂମିଷ୍ଠ ହେବାର ନଅ, ନଅଟି ବର୍ଷା, ବସନ୍ତକୁ ବିତାଇ ଦେଇ ଦଶବର୍ଷରେ ପାଦ ଦେଲେଣି ସେମାନେ । ତାଙ୍କ ଜନ୍ମଦିନକୁ ଆଶ୍ରମବାସୀ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରନ୍ତି। ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଆଶ୍ରମରେ ଲାଗିରହେ ନାନା ପୂଜା, ଆରାଧନା, ଯଜ୍ଞାନୁଷ୍ଠାନ ଆଦି କର୍ମ । ନିଜେ ମହର୍ଷି ବାଲ୍ମିକୀ କୁଶ ଲବଙ୍କର ଜନ୍ମଦିନରେ ତାଙ୍କୁ ନୂତନ ବସ୍ତ୍ର ଦାନ କରି ତାଙ୍କର ଶୁଭ ମନାସି ଯଜ୍ଞାନୁଷ୍ଠାନ କରନ୍ତି । ଆଶ୍ରମବାସୀଙ୍କର ଖୁସି ସେଦିନ କହିଲେ ନସରେ । ମୁନିକନ୍ୟାମାନେ ସକାଳୁ ସକାଳୁ ପୁତ୍ରଦ୍ୱୟଙ୍କୁ ସ୍ନାନ ମାର୍ଜନା କରାଇ, ନବବସ୍ତ୍ର ପରିହିତ କରାଇବା ସହ ପୁଷ୍ପାଳଙ୍କାରରେ ତାଙ୍କୁ ସଜାଇ ଦିଅନ୍ତି । ଆଜିକାଲି କୁଶ ଲବ ଧନୁର୍ବିଦ୍ୟା ମଧ ଶିକ୍ଷା କଲେଣି । ତାଙ୍କ ସ୍କନ୍ଧରେ ଧନୁ ତୂଣୀର ଦେଖିଲେ ସୀତାଙ୍କର ମନେ ପଡ଼ିଯାଏ ଅରଣ୍ୟରେ ସ୍ୱାମୀଙ୍କ ସହିତ ଲକ୍ଷ୍ମଣ ଏମିତି ବେଶଧାରଣ କରି ବିଚରଣ କରୁଥିଲେ । ପ୍ରତ୍ୟହ ପ୍ରଭାତରୁ ସ୍ୱାମୀ ତାଙ୍କର ସ୍ନାନ କରି ଏମିତି ବୃକ୍ଷର ବଲ୍କଳଟିଏ ଧାରଣ କରି ହସ୍ତପଦରେ ପୁଷ୍ପାଳଙ୍କାର ମାନ ପିନ୍ଧି କାନ୍ଧରେ ଧନୁ ଝୁଲାଇ କୁଡ଼ିଆରୁ ବାହାରକୁ ବାହାରି ପଡ଼ନ୍ତି । ଲକ୍ଷ୍ମଣ ମଧ ଠିକ୍ ସେମିତି । ଦୁଇଭାଇ ଏକତ୍ର କଥାବାର୍ତ୍ତା ହୋଇ ଅରଣ୍ୟରେ କିଛି ପାଦ ଯିବାପରେ ଲକ୍ଷ୍ମଣ ତାଙ୍କ ଗନ୍ତବ୍ୟ ପଥରେ ଚାଲିଯାଆନ୍ତି, ଆଉ ସ୍ୱାମୀ ତାଙ୍କର ଫେରି ଆସି କୁହନ୍ତି ଦେଖିଲ ସୀତେ ଅରଣ୍ୟର ଏ ବନଚାରୀ ସନ୍ନ୍ୟାସୀ ଯୋଦ୍ଧାର ବେଶ କ'ଣ ଅଯୋଧ୍ୟାର ରାଜକୁମାରଙ୍କ ବେଶ ପରିପାଟୀ ଠାରୁ ସୁନ୍ଦର ନୁହେଁ ।

ହସିହସି ସ୍ୱାମୀଙ୍କୁ ଆଲିଙ୍ଗନ କରି ସେ କୁହନ୍ତି ମୁଁ ସବୁଦିନେ ଆପଣଙ୍କୁ ଏହି ବେଶରେ ଦେଖିବାକୁ ଚାହେଁ ସ୍ୱାମୀ । ମୋର ସେ ରାଜାରାଜୁଡ଼ା ବେଶରେ ଲୋଭ ନାହିଁ । ଏହି ବେଶ ହିଁ ମୋ ନୟନ ମନକୁ ଚରିତାର୍ଥ କରି ଦେଉଛି । ଆଜି ସେମିତି କୁଶ ଲବ ଦୁଇଭାଇ ଗେରୁଆ ରଂଗର ବସ୍ତ୍ର ପିନ୍ଧି, ହସ୍ତରେ, ବାହୁରେ, ଫୁଲ ଅଳଙ୍କାର ପିନ୍ଧି, ଗଳାରେ ଫୁଲମାଳ ଲମ୍ବାଇ ଆସୁଥିବାର ଦେଖି ସୀତାଙ୍କର ବନବାସର କଥା ସ୍ମରଣକୁ ଆସୁଛି । ଆଖିରୁ ତାଙ୍କର ଅଜାଣତରେ ବହିଯାଉଛି ଅମାନିଆ ଅଶ୍ରୁ। କୁଶ ଲବ ମା' ମା' ଡାକି ଆସି ମା'ଙ୍କୁ ପ୍ରଣାମ କରନ୍ତେ ସୀତା ଦୁହିଁଙ୍କୁ ତଳୁ ଉଠାଇ କୋଳକରି ନେଇ କହିଥିଲେ ଧନରେ ତୁମର ଏହି ବେଶ ଦେଖି ଆଜି ମୋ ମନ ପୂରିଉଠୁଛି । ତୁମକୁ ଆଜି ଏ ବେଶରେ ସଜାଇ ଦେଇଛି କିଏ ?

ଆମେ ସଜାଇ ଦେଇଛୁ ଦେବୀ । ମହର୍ଷି ଆମକୁ ଆଦେଶ ଦେଇଥିଲେ କୁଶ ଲବଙ୍କର ଦଶମ ଜନ୍ମଦିନରେ ତାଙ୍କୁ ଏହି ବେଶରେ ସଜାଇ ଦେବାକୁ । ମହର୍ଷିଙ୍କ ଠାରୁ ବେଦ ବିଦ୍ୟା ଅଧ୍ୟୟନ କରିବା ସହିତ ସେମାନେ ଶସ୍ତ୍ର ବିଦ୍ୟା ମଧ ଶିକ୍ଷା କରିଛନ୍ତି । ଆଜି ତାଙ୍କର ଦଶମ ଜନ୍ମ ବାର୍ଷିକୀରେ ସେମାନେ ଧନୁର୍ବିଦ୍ୟାରେ କେତେ ପାରଙ୍ଗମ ହୋଇଛନ୍ତି ତାହା ଆଶ୍ରମବାସୀଙ୍କୁ ଦେଖାଇବେ। ତା' ସହିତ ରାମାୟଣ ଗାନ କରି ସମସ୍ତଙ୍କୁ ଶୁଣାଇବେ ।

ସୁଧାମୟୀ, ପ୍ରୀତିଦାଙ୍କ କଣ୍ଠରୁ ଏପରି ବଚନ ଶୁଣି ଦେବୀ ସୀତା ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ତାଙ୍କର ସ୍ମରଣକୁ ଆସିଥିଲା ସ୍ୱାମୀ ତାଙ୍କର କହୁଥିଲେ ତାଙ୍କୁ ଦଶବର୍ଷ ବୟସରେ ପିତା ଦଶରଥ ଶସ୍ତ୍ର ବିଦ୍ୟାରେ ପାରଙ୍ଗମ କରାଇ ସାରିଥିଲେ । ଉପଯୁକ୍ତ ଗୁରୁଙ୍କ ଠାରୁ ତାଙ୍କ ଚାରିପୁତ୍ର ଧନୁର୍ବିଦ୍ୟା ଶିକ୍ଷା କରିଥିଲେ ହେଁ ଜ୍ୟେଷ୍ଠ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଲକ୍ଷ୍ମଣ ଥିଲେ ଧନୁର୍ବିଦ୍ୟାରେ ପାରଙ୍ଗମ । ଆଜି ମଧ ଠିକ୍ ଦଶବର୍ଷ ବୟସରେ ତାଙ୍କ ପୁତ୍ରଦ୍ୱୟ ଧନୁର୍ବିଦ୍ୟାର ପରୀକ୍ଷା ଦେବେ। ତା ସହିତ ରାମାୟଣ ଗାନ କରିବେ ।

(କ୍ରମଶଃ)


❤ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ତୀର୍ଯ୍ୟକ୍ — କାଳିଆ ସାଆନ୍ତେ



**ସୁବ୍ରତ ପଟ୍ଟନାୟକ**

କାଳିଆ ସାଆନ୍ତେ,

ତମକୁ କୋଟିଏ ଜୁହାର। ତପ କରୁଣା ଅପାର। ତମ ପୂଜା, ପର୍ବ ନୀତିକାନ୍ତି ସବୁ ନିଆରା। ତମର ପୁଣି କେତେ ରକମର ନାଁ। ଚକାଆଖିଆ, କାଳିଆ ନାଗର, କୋଠଭୋଗ ଖିଆ, ନଟନାଗର ଏମିତି କେତେ କଅଣ ? ତମର ବି ଢ଼େଏର ବେଶ। କେତେବେଳେ ନାଗାର୍ଜୁନ ତ କେତେବେଳେ ବନ ସିଂହାର, ଗଜବେଶ ତ ସୁନାବେଶ। ତମେ ବି କୁଆଡ଼େ ଖୁବ୍ ଭୋଜନପ୍ରିୟ। ଷାଠିଏ ପଉଟିରେ କୁଆଡ଼େ ପୁରୋନା ତମ ପେଟ। ଆନନ୍ଦ ବଜାରରେ ଅଭଡ଼ା ଅନ୍ନ, ଡାଲେମା, ସାଗ, ମହୁର, ବେସର, କ୍ଷୀରି, ଚକୁଳି, ପିଠା ପଣା, ଖଜା, ଫେଣି, ମୋହନ ଭୋଗ, ମଗଜ ଲଡୁ କେତେ ରକମର ବ୍ୟଞ୍ଜନ। ଭୋଜନ ପରେ ତମର ପ୍ରିୟ ପାନ। ସେଥିରେ କୁଆଡ଼େ ଅଷ୍ଟଧାତୁ ଭସ୍ମ ସହିତ ଗୁଜୁରାତି, ଲବଙ୍ଗ, ଅଳେଇଚ ପରି ଚଉଷଠି ପ୍ରକାରର ମସଲା। ତମ ଦେହରେ ବୋଳାହୁଏ କସ୍ତୁରୀ, ଚନ୍ଦନ। ଶୟନ ପୂର୍ବରୁ ଦେଖ ଦେବଦାସୀଙ୍କ ନାଚ। ତମେ କାଳିଆ ରଜା। ଶ୍ରୀକ୍ଷେତ୍ରର ମଉଡ଼ମଣି। ଏତେ ଆଡ଼ମ୍ବର, ହେପାଜତରେ ଥାଇ ବି ତମ ଦେହ ଖରାପ ହୁଏ। ଜ୍ୱର ହୁଏ। ବଇଦ ଆସନ୍ତି। ତମ ଦେହରେ ବୋଳାହୁଏ ଫୁଲୁରି ତେଲ। ଦଶମୂଳ ମୋଦକ ପ୍ରସ୍ତୁତ ହୁଏ। ତମେ ରୁହ ଅଣସରର ।

ତମର ବାର ମାସରେ ତେର ପର୍ବ। ସବୁଠୁ ବଡ଼ ପର୍ବ ରଥଯାତ୍ରା। ସେହି ଯାତ୍ରାରେ ତମେ ରତ୍ନବେଦୀ ଛାଡ଼ି ବାହାରି ଆସ ବଡ଼ଦାଣ୍ଡକୁ। ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦିଅ। କେମିତି ରୁଣ୍ଡ ହୁଅନ୍ତି ଏତେ ଭକ୍ତ ? ସେମାନଙ୍କୁ ତେମ କଣ ନିମନ୍ତ୍ରଣ ପତ୍ର ପଠାଇଥାଅ ? ଆବାଳ ବୃଦ୍ଧ ବନିତା ଆସନ୍ତି। ଶରଧାବାଲିରେ ଗଡ଼ନ୍ତି। ରଥ ଦଉଡ଼ିକୁ ଛୁଇଁ ପରମ କରୁଣା ଓ କୃତାର୍ଥ ଲାଭ କରନ୍ତି। ତମେ ରଥରେ ଯାଅ ମାଉସୀ ମାଆଙ୍କ ଘରକୁ। ସେଇଟି ତମର ଜନ୍ମବେଦୀ। ତମ ସାଙ୍ଗରେ ଚାଲନ୍ତି ତମ ଭାଇ ଭଉଣୀ। ତମେ ସବା ପଛରେ ଚାଲ। ଲକ୍ଷ୍ମୀ ଠାକୁରାଣୀଙ୍କୁ ସାଥିରେ ନିଅନ୍ତି। ସାଆନ୍ତେ, ସତ କହିଲା, ଏଥିରେ ମା' ଲକ୍ଷ୍ମୀ ଠାକୁରାଣୀ ରାଗିବେ ନା ନାହିଁ ? ସତରେ ତମେ ଭାରି କପଟିଆ। ବାଇଶି ପାହାଚରେ ପହଣ୍ଡି ବିଜେ କର। ଘଣ୍ଟ, ମାର୍ଦ୍ଦଳ, ଶଙ୍ଖ, ତୁରୀ, ଭେରୀ କେତେ କଣ ବାଜେ। ଟାହିଆ ହଲେଇ ତମେ ଭକତିଙ୍କ ଗହଣକୁ ଆସ। ଚାରମାଳ ଦେଇ ରଥକୁ ଚଢ଼। ରଥାରୂଢ଼ ବେଶରେ ତମେ କୋଟି କୋଟି ଶ୍ରଦ୍ଧାଳୁଙ୍କ ଦୁଃଖ ହରଣ କର। ତମେ ଦୟାଳୁ, ପରମ ଦୟାଳୁ। ଗଜପତି ମହାରାଜା ତମର ଚାମର ସେବକ। ବିଷ୍ଣୁଙ୍କର ଚଳନ୍ତି ପ୍ରତିମା। ତାଙ୍କ ସେବା ନପାଇଲେ ତମ ରଥ କୁଆଡ଼େ ଇଞ୍ଚେ ବି ଗଡ଼େନି ? ଏକଥା କଣ ସତ ? ଗଜପତିଙ୍କ ସହିତ ରାଣୀମା କାହିଁକି ରଥ ନିକଟକୁ ଆସନ୍ତି ନାହିଁ। ତମେ କଣ ତାଙ୍କୁ ବାରଣ କରିଛ ? ତମର ବହୁତ ଛନ୍ଦ କପଟ। ହଜାରେ କୋଶ ଦୂରରୁ ତମେ ଦାସିଆ ବାଉରୀର ନଡ଼ିଆ ଆଣିଚ। ବନ୍ଧୁ ମହାନ୍ତିଙ୍କୁ କୋଳେଇଚ। ଶବର ରାଜାର ପଛେ ପଛେ ଧୀର ଧୀରେ ଚାଲିଚ। ଅପୂର୍ବ ତମର ଲୀଳା ଖେଳା। ତମର ନାଁ ଦିନବନ୍ଧୁ। ତମେ ଅନାଥର ନାଥ, ଜଗତର ନାଥ।

ସାଆନ୍ତେ, ତମ କଥା ବଖାଣିଲେ ତ ଦିନ ସରିବ ନାହିଁ। ଆମ କଥା ପଦେ ଦିପଦ ଲେଖୁଚୁ। ତମେ ଟିକେ କାନ ଡେରି ଶୁଣିବ। ତମକୁ ନେଇ ଆରମ୍ଭ ହେଲାଣି ରାଜନୀତି। ତିଆରି ହେଲାଣି ଜଗନ୍ନାଥ ଧାମ। କୌଣସି ଗଜପତି ନୁହନ୍ତି, ଜଣେ ମୁଖ୍ୟମନ୍ତ୍ରୀ କୁଆଡ଼େ ତୋଳିଛନ୍ତି ତମ ଲାଗି ଭବ୍ୟ ମନ୍ଦିର। ଜଗନ୍ନାଥ ଧାମ- ନାମକରଣ ହୋଇଛି। ସେଇଠି ବି ମାଗଣାରେ ମିଳୁଛି ମହାପ୍ରସାଦ। ଟଣା ହେଉଚି ରଥ। ଆମ ମନ୍ତ୍ରୀ କହୁଛନ୍ତି। ସେଇଟା ଡୁପ୍ଲିକେଟ। ଆମେ ତାଙ୍କ ନାଁରେ କେସ୍ କରିବୁ। ତାଙ୍କୁ କାଠଗଡ଼ାକୁ ଟାଣିବୁ। ଓଡ଼ିଶାବାସୀଙ୍କ ଭାବାବେଗ ସହିତ ଚାଲିଛି ଖେଳ। ତମେ ତ ସବୁ କଥା ଜାଣିଚ। କହି ଦଉନ ସତଟା କଣ ? ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ପୁରୁଣାକାଳିଆ ବୋଲି ତମ ମନ ଲାଗୁନି କି ? ଦଧିନଉତିରେ ଦେଖାଦେଲାଣି ଫାଟ। ରତ୍ନ ଭଣ୍ଡାରରେ ପାଣି ଗଳୁଛି। ରତ୍ନ ସିନ୍ଦୁକର ଚାବି ମେଲା ମୁକୁଳା ପଡ଼ିଛି। ସେଇଥିପାଇଁ ତମେ ରୁଷିଛ କି ? ମହୋଦଧିକୁ ଛାଡ଼ି ବେଙ୍ଗଲ ଦିଦିଙ୍କ ନିକଟକୁ ଯିବାକୁ ଏତେ ବ୍ୟାକୁଳ ? ଏଥର ରଥଯାତ୍ରାରେ ଚାରିଜଣ ଭକ୍ତଙ୍କ ପ୍ରାଣଗଲା ଦଳାଚକଟାରେ। ଶହେ ଉପରେ ଆହତ ହେଲେ। ରାତିରେ ଟଣାଗଲା ରଥ। ସରକାରଙ୍କ ତରଫରୁ ଖୋଦ୍ ମୁଖ୍ୟମନ୍ତ୍ରୀ କ୍ଷମା ପ୍ରାର୍ଥନା କଲେ। ପ୍ରତି ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା କଲେ। ଭବିଷ୍ୟତରେ ଏଭଳି ଅଘଟଣ ନଘଟିବାକୁ ଘୋଷଣା କଲେ। ତମ କୃପାରୁ ବାହୁଡ଼ା ଯାତ୍ରା, ସୁନାବେଶରେ କୌଣସ ଅଘଟଣ ଘଟିନାହିଁ। ସାଆନ୍ତେ, ତମ ରୀତିନୀତି ଠିକ୍ ଭାବେ ଚାଲୁ। ସେଥିରେ ରାଜନୀତି ଭର୍ତ୍ତି ନହେଉ। ଆମର ଜଣେ ବରିଷ୍ଠ ମନ୍ତ୍ରୀ କହୁଛନ୍ତି, ଯାହା ସବୁ ଘଟୁଛି, ତାହା କୁଆଡ଼େ ପ୍ରଭୁଙ୍କ ଲୀଳା। ତମେ ଲୀଳାମୟ। ତମ ଇଚ୍ଛାରେ ସବୁ କିଛି ଚାଲିଛି। ଆମେ କାହା କଥା ସତ ମଣିବୁ ? ତିନି ଠାକୁରଙ୍କୁ ପୁଣିଥରେ ଶହେ ଦଣ୍ଡବତ।

।। ଜୟ ଜଗନ୍ନାଥ ।।


❤ ଓରାଳି କେନ୍ଦୁଝର,
ମୋ: ୯୯୩୭୭୯୧୨୪୪


## କବିତା...



### ଅନନ୍ତିମ
**ଅଞ୍ଜଳି ଦାଶ**

ଶେଷ କି ଶ୍ରେଷ୍ଠ ବୋଲି କିଛି ଥାଏ ?
ନିଃଶ୍ୱାସ ହେଉ କି ବିଶ୍ୱାସ
ଅବଶେଷ କି ଅବଶୋଷ
ସରିଯାଏନି ହଜିଯାଏନି କିଛି ବି
ଖାଲି ବଦଳିଚାଲେ ଘଟ.. ଘାଟ.. ପାତ୍ରପାତ୍ରୀ,
ଯାତ୍ରା କି ନାଟ
ମଣ୍ଡପର ତାଣ୍ଡବ, ସଂପର୍କର ଶୋକ

କବିତା ହେଉ କି କଦମ୍ବ
ତା' ଇଚ୍ଛାରେ ଫୁଟିବ
ମଉଳିବ ବି ବେଳରେ
ସେଥିପାଇଁ କାହିଁ ଝାଉଁଳି ଯାଇଛ ଖରାରେ ?
ଶେଷର ଆରମ୍ଭ ଥାଏ ବୋଲି ତ
ଶୋକ ପିନ୍ଧିପାରେ ଶ୍ଳୋକର ପୋଷାକ
ଆରମ୍ଭର ଶେଷ ଥାଏ ବୋଲି ତ
ବେଳାବାଲିରେ ପାଦଚିହ୍ନ ଅସଂଖ୍ୟ
କୁଆଡ଼େ ଯାଏ ପାଦ, ଆଗକୁ ନା ପଛକୁ
କେହି ଦେଖିଛ ?
ସମୁଦ୍ର ମୁହାଁ ପାଦ ସଂଜ ଗଡ଼ିଲେ
ଯେମିତି ଫେରେ
ପଛକୁ କୂଳକୁ ଘରକୁ ଆପଣା ଭିତରକୁ ?

ଜୀବନମୁହାଁ ମନ କେତେବେଳେ ପିନ୍ଧିପକାଏ
ବୈରାଗ୍ୟର ଜପାମାଳି ତ
ଦେହର 'ମତେ ଛୁଁ' ଖେଳ ଭିତରେ
କେମିତି ଛିଣ୍ଡେଇ ପକାଉଥାଏ ଅଣ୍ଟା ଦଉଡ଼ି
କେତେବେଳେ ଜୀବନମୁହାଁ ମରଣ ତ,
ମରଣ ଉପରାନ୍ତ ଜୀବନ...
ବୃତ୍ତ ବୃତତ ବିନ୍ଦୁ ବିନ୍ଦୁ
ସଘନ ସଘନ ପ୍ରତିକ୍ଷଣ।


❤ ନିଗମ ନଗର- ୪ର୍ଥ ସରଣି
ଆଙ୍କୁଲି, ବ୍ରହ୍ମପୁର-୧୦
ଗଂଜାମ
ମୋ: ୭୦୦୮୬୬୦୪୫୭


### ମଶାଣି ଆଲୁଅ
**ଦୁର୍ଗାଚରଣ ଷଡ଼ଙ୍ଗୀ**



ବେଳେବେଳେ ଏ ଉଦାସ ଆଖିରେ
ଉଲ୍ଲାସ ଭରି ଦିଅ ତମେ।
ରୋମାଞ୍ଚିତ ହୁଏ ଅଙ୍ଗରାଗ
ପାକଳ ଦେହର କ୍ଳାନ୍ତି ମେଣ୍ଟିଯାଏ
ଅବଲୀଳାରେ ଦୂରହୋଇଯାଏ ଦରଜ
ଦୁଇ ଅଭ୍ୟସ୍ତ ପାଦରୁ
ଦୂର ଦିଗ୍‌ବଳୟରେ ଯେବେ ଉକୁଟି ଉଠେ
ରଙ୍ଗ ବର୍ଣ୍ଣାଳିରେ ଇନ୍ଦ୍ରଧନୁ
ହାଲୋର ହୋଇଯାଏ
ମୋ ଚେତନାର ଆକାଶ
ମୁଁ ସରମରେ ସରି ଯାଉଥାଏ ବେଳୁଁବେଳ
ନିଜ ଭିତରେ ନିଜେ
ଦୀନ-ହୀନ କାକୁସ୍ଥ ପଣରେ।

ଅନନ୍ତ ଯୁଗର ତୃଷା ମୋ ଆଖିରେ
ଓହଳି ପଡୁଥାଏ
ସମର୍ପଣର ଅଦଉତି
ଆଲିଙ୍ଗନର ମହାମୁଦ୍ରାରେ
ଇତସ୍ତତଃ ହୋଇଉଠେ ମୋ ଚେତନା
ଯେବେ କୁହ ତମେ-
'ଜିଇଁବ ପରା ମୁଁ ନମରିବା ଯାଏଁ
ଏ ସଂସାରରୁ ତୁମେ ଯିବେ ବା କେମିତି !'

ଜୁଇରେ ସଜଡ଼ା ହେଉଥିବା ଶବ
ଚଇତ୍ରରେ ପତ୍ରଝଡ଼ା ଗଛର ଡାଳ ସବୁ
ଉନ୍ମତ୍ତ ହୋଇ ପାରେକି
ଫାଲଗୁନର ମିଠା ପବନରେ !!

ଶିରାଳ ସ୍ଥବିର ଦେହ
ଅବିଶ୍ରାନ୍ତ ଝରୁଥିବା ଆଖିର
ଶେଷ ଲୁହ ବୁନ୍ଦା ସବୁ
ଉନ୍ମାଦ କରେକି କେବେ ମଣିଷକୁ
କ'ଣ ଆଉଥରେ ଉନ୍ମତ୍ତ ହେବାକୁ ?

ଚିରାଚରିତ ଭାଗବତର ଧାଡ଼ି ସବୁ
ଓହଳି ଆସନ୍ତି
ଧୂଳିଉଡ଼ା ସଂଜରେ
ଗାଈଆଳ ପିଲାର ଗୀତ ପରି,
କରୁଣ ରାଗିଣୀର ବଂଶୀ ଗାଉଥାଏ ଯେବେ
ଗୋବିନ୍ଦ ଚନ୍ଦ୍ରର
ଉଦାସ ଅପରାହ୍ନର ଦୁଃଖ ଗୀତ ସବୁ,
ଯେବେ ପକ୍ଷୀଏ ଭୋକର ଉଦର ଭରି
ଫେରିଆସନ୍ତି ତୃପ୍ତିର ବସାଘରକୁ।

ସେବେଳେ କେବଳ ହିଁ ତମ ମୁହଁ ଦିଶିଯାଏ
କଦବା କେମିତି
ପୂର୍ଣ୍ଣମୀର ଜହ୍ନ ପରି ପୋଷେ କଳା
ଯାହା ବୋଲି ହୋଇଥାଏ

ତମ ତୃଷାର୍ତ୍ତ ଓଠରେ ଶୋଷି ନେବାକୁ
ହେମ ଶୀତଳ ଦେହକୁ ମୋ
ନିର୍ବିକାରରେ।

ଉଦଣ୍ଡ କୀର୍ତ୍ତନରେ ସବୁ ଆଭାମୟ ଦିଶେ
ପଥ ଓ ପୃଥିବୀ
ପରିଚ୍ଛନ୍ନ ହୋଇଯାଏ
ଚେତନାର ଲୋହିତ ପଶ୍ଚିମ ଦିଗନ୍ତ,
ଅବଧୂତର ଗୀତ ସବୁ
ଓହଳି ଆସନ୍ତି ବିଷର୍ଣ୍ଣ ମୋ ଆଖି ଡୋଳାରୁ
କୋଳାହଳରେ
ଫାଟି ପଡୁଥାଏ ମୋ ବୈଧବ
ଗୋଟେ ମିଛ ଖୁସିର ଏ ଛଳ ସଂସାରରେ।


ମୋ: ୯୪୩୮୫୩୫୫୭୭


### ବିରଜା ରାଉତ୍ରା
**ପ୍ରେମାନନ୍ଦ ଖଣ୍ଡୁଆଳ**



ଶବ୍ଦମାନେ ରଙ୍ଗୀନ୍ ଡେଣାରେ
ପ୍ରଜାପତି ହୋଇ ଉଡ଼ିବୁଲୁଥିଲେ ତ
କି ଯାଦୁ ଜାଣିଥିଲା କେଜାଣି ବିରଜା ରାଉତ୍ରା
ପୋଷା ମନେଇ ଡାକିଲା
ବି ସେମାନେ ଚୁପ୍‌ଚାପ୍ ବସିପଡ଼ିଲେ
ଟେବୁଲ ଉପରେ
ଦି' ଆଖି ଦେଖୁଥିବା ଯେତେ ସବୁ ତାରାଙ୍କୁ
ଏକା ନିଃଶ୍ୱାସକେ ଗଣିଦେଇ
ମନ ଇଚ୍ଛା ଖଞ୍ଜିଦେଲା ଯାହାକୁ ଯୋଉଠି,
ପବନକୁ କହିଲା ଭଲ ଗୋଟେ ଗୀତ ଗା'
ସମୟକୁ କହିଲା ରହି ରହି ଧାଁ ।

ଏବେ ପ୍ରଜାପତି ଝାଡ଼ିଲା ପରାଗ
ଫୁଲ ଝାଡ଼ିଲା ରଂଗ
ତାରାମାନେ ବିଞ୍ଚିଲେ ସପ୍ନ
ପବନ ନେସିଲା ବାସ୍ନା

ଡେଣା ଛାଡ଼ି ଶବ୍ଦମାନେ
ତା ଉପରେ ଗଡ଼ିଲେ ବେପରୱା,
ଗଢ଼ି ହୋଇଗଲା ମୂର୍ତ୍ତିଟିମାନ
ସାହିତ୍ୟ, ସଂସ୍କୃତି, ନାନାଦି - ନାନାଦି ।

ବିରଜା ରାଉତ୍ରା ଏବେ ବହୁ ବଚନ
ସବୁଆଡ଼େ ତା'ର ମତି - ସ୍ଥିତି - ଗତି
କହିଲା ଦୁର୍ଘଟଣା ଘଟଣା ହ'
ଦୁଃସମୟ ହ' ମାହେନ୍ଦ୍ର ଲଗ୍ନ
ହାତ ପାହାନ୍ତାକୁ ଓଡେଇ ହେଇ ଆ'
ଆକାଶ କଇଁଆ,
ଥାଳିରେ ବଢ଼ା ହେଉ
ଚିଲିକା ମାଛର ଝୋଳ,
ଉଷୁନା ଧାନ ଗଜା ହ' ହ' ହ'
କହିଲା ହଟ ହଟ ଅନ୍ଧାର ମୋ ଆଗରୁ
ଆହୁରି ଆକାଶ ଫର୍ଚ୍ଚା ହ'
କହିଲା ଗୋଟିଏ ନୂଆ କଥା
ସମୟ କାହାରି ନିଜର ନୁହଁ ।

ବିରଜା ରାଉତ୍ରା !
କୁଣ୍ଡଳିନୀକୁ ଜାଗ୍ରତ କରୁଚି ଶବ୍ଦରେ
ତ୍ରିକୂଟର ଧବଳ ଜ୍ୟୋତିରେ
ଦେଖୁଚି ବ୍ରହ୍ମାଣ୍ଡ
ମାଟିରେ ଚେର ଭିଡ଼େଇ
ଆଙ୍ଗୁଳି ଓ ଚାଖଣ୍ଡରେ ମାପୁଚି ଆକାଶ
ଓ ମାପି ଚାଲିଚି ଚାଲିଚି ।


❤ ବାର୍ହାପୁର, ରାଜନଗର,
କେନ୍ଦ୍ରାପଡ଼ା
(ମୋ) ୯୩୩୭୩୧୩୬୬୫


### ଯୋଗୀ
**ପ୍ରଶାନ୍ତ କୁମାର ଦାଶ**



ତୋ ଭାବକୁ ଚନ୍ଦନ କରି ଘୋରି ଘୋରି
ଲଗେଇଲି କପାଳରେ,
ଲଲାଟରେ, ଉଦରରେ, ବକ୍ଷରେ, କଣ୍ଠରେ,
ବାମ ଓ ଦକ୍ଷିଣ ଭାଗର ବାହୁରେ-କାନ୍ଧରେ,
ତୋ ବିରହକୁ ରୁଦ୍ରାକ୍ଷ କରି
ଲମ୍ବେଇଲି ଗଳାରେ,
ତତ୍‌ପରେ ମୋର ଆବେଗକୁ
ଗୈରିକ ବସ୍ତ୍ର କରି
କେନ୍ଦରା ସହ ବାହାରିପଡିଲି ତୋ ଗାଁ ଆଡେ ।

ତୋ ଘର ସମ୍ମୁଖରେ ଉଚ୍ଚାଟରେ ଗାଇଲି ଗୀତ
ତୋ ଗାଁର ଗଗନ, ପବନ, ମାଟି,
ଧୂଳି ହେଲେ ପ୍ରକମ୍ପିତ,
ତରୁଲତା ଗଛବୃଚ୍ଛ ମୋ ସହ ଧରୁଥିଲେ ପାଳି,
ଠିକ୍ ସେତିକିବେଳକୁ ତୁ ଦୃଶ୍ୟ ହେଲୁ
ମୋ ଆଖିରେ ଦେବୀଟିଏ ପରି,
ଗୋଟାପଣେ ନିଶ୍ଚଳ ହୋଇଗଲା
ମୋ ଚୌଦିଗ,
ପାଳଭୂତ ପାଲଟିଲା ପଞ୍ଚଭୂତର ଶରୀର ।

ତୋ ଆଖି ଭିତରେ ମୁଁ ଦେଖୁଥିଲି
କିପରି ଅନନ୍ତ ନିଦ୍ରାରେ ଶୋଇଥିବା କାଳ
ମୋତେ ଆଲିଙ୍ଗିବା ପାଇଁ ପ୍ରସାରୁଛି ହାତ,
ଅଥର୍ବ ଅତୀତ ଠିଆ ହୋଇ ଆହ୍ଲାଦରେ

ଉଚ୍ଚାରୁଛି ଆବାହନୀ ମନ୍ତ୍ର,
ଗୋଟିକ ପରେ ଗୋଟିକ
ଫିଟୁଛି ତୋ ଆଖିର କବାଟ ।

କବାଟ ଫିଟିବା ମାତ୍ରେ
ଦିଶିଯାଉଛି ଦୃଶ୍ୟ ପରେ ଦୃଶ୍ୟ,
ଦୃଶ୍ୟ ଭିତରର ଦୃଶ୍ୟ, ମହାଦୃଶ୍ୟ,
ସବୁ ଦୃଶ୍ୟ ଅଦୃଶ୍ୟ ହୋଇଯାଉଛନ୍ତି
ମୋ ଆତ୍ମାର ଗୁପ୍ତ ପ୍ରକୋଷ୍ଠରେ,
ଆଃ ତୋ ସ୍ପର୍ଶ,
ଅନ୍ତିମରେ ତୋ ସ୍ପର୍ଶରେ ହେଲି ପ୍ରକୃତିସ୍ଥ ।

ତୁ ବାହୁଡିବା ପୂର୍ବରୁ ଶେଷଥର ଲାଗି
ଦେଖିଲି ତୋ ଆଖି,
ତୋ ଆଖିର ଡୋଳାରେ ମୁଁ ଦିଶୁଥିଲି
ଧ୍ୟାନସ୍ଥ ଯୋଗୀଟିଏ ପରି ।


❤ ରେଗଡା, ଏମ୍.ରାମପୁର, କଳାହାଣ୍ଡି
ମୋ-୭୭୩୫୪୧୯୫୭୩


### କିଛି କଥା ପଚାରେନି
**ପୀୟୂଷ ପଟ୍ଟନାୟକ**



ଅପରାହ୍ନ ଟା କଟି ଗଲା ସାରା ବର୍ଷା କୁ ଖୋଜି ଖୋଜି
ମିଛଟାରେ ମୋତେ କହିଥିଲ ପରା ଆସିବାକୁ କାଲେ ଆଜି ।
ଅନେକଟା ତାର ମିଛ କାହିଁ ମୋତେ ଏତେଯେ ଲାଗଇ ଭଲ
ଗହନ ରାତିରେ ମିଛେ ମିଛେ ଗଢେ ସପନର ବାଲିଘର ।

ନିର୍ଲିପ୍ତ ସେଇ ବେଳା ଭୂମି ଚୁମେ ବିସ୍ତିର୍ଣ ବାଲୁଚର
ମୁକ୍ତା ପାଇବା ବାହାନାରେ କାଳେ ଖୋଜେ ଶାମୁକାର ଘର ।
ଖୋଜୁ ଖୋଜୁ ଦିନେ ହଜିଗଲା ସିଏ ଆଉତ ଫେରିଲା ନାହିଁ
ଶୋଇକି ପଡିଲା ସବୁଜ ଘାସରେ କାକରବିନ୍ଦୁ ହୋଇ ।

ସୂର୍ଯ୍ୟ ଉଇଁଲେ ଉଭେଇକି ଯାଏ, ଅନ୍ଧାରେ ଆଖି ପୋଛି
ଶାଢ଼ୀର କାନିକୁ ଭିଜାଇ ଦିଏସେ କାହାକୁ କହେନା କିଛି ।
ପଚାରିବାକୁ ମୋ ମନରେ ଯେବେହେଁ ଇଚ୍ଛା ଟିକିଏ ହୁଏ
'କିଛି ପଚାରନି' ହାତ ରଖେ ମୁହେଁ ଅଶ୍ରୁ ନିଗାଡ଼ି ଦିଏ ।

ତା ହାତ ସ୍ପର୍ଶ ବରଫ ଠାରୁ ବି ଶୀତଳ ନଦୀର ପାଣି
ମୁଦି ହୋଇଯାଏ ଓଠମୋ ଆଉମୁଁ କିଛି କଥା ପଚାରେନି ।


❤ ଉ-୮୦, ମୈତ୍ରୀ ବିହାର, ଭୁବନେଶ୍ୱର, (ମୋ)୭୫୦୬୧୮୯୦୩୦

# ପାଠକ ହିଁ ଲେଖକର ଆଦ୍ୟ ଓ ଶେଷ ଗୁରୁ : କ୍ଷୀରୋଦ ଦାସ

**କ୍ଷୀରୋଦ ଦାସ**
ଓଡିଆ ଗଳ୍ପ ଜଗତର ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ବର୍ଣ୍ଣନାର ଯାଦୁକାରୀ ସ୍ପର୍ଶରେ ପାଠକଙ୍କୁ ଆୟତ୍ତ କରିବା କଳାରେ ସେ ପାରଙ୍ଗମ । ତାଙ୍କ ଗଳ୍ପ ଉପନ୍ୟାସରେ ଜୀବନ ଜୀଜିବିଷାର ଚିତ୍ର ଏତେ କମନୀୟ ଯେ ତାହା ତାଙ୍କ ଲେଖାକୁ ନେଇ ଯାଇପାରେ ଗୋଟେ ଉଚ୍ଚତାକୁ ଓ ଶବ୍ଦର ଆପଣାପଣ ଅନାୟସରେ ଛୁଇଁପାରେ ପାଠକଙ୍କ ହୃଦୟ । ସେ ତାଙ୍କ ଲେଖାରେ ବାଣ୍ଟିପାରନ୍ତି ଅନୁଭବର ଦୀର୍ଘଶ୍ୱାସ ଏବଂ ପରିଣତିରେ ଠିଆ କରେଇ ଦେଇପାରନ୍ତି ଏକ ଅକଳ୍ପନୀୟ ବାସ୍ତବତା ପାଖରେ । 'ଲେଖକ ପ୍ରଥମେ ପାଠକଟିଏ ହେଉ' ବୋଲି କହୁଥିବା ଆମ ସମୟର ଜଣେ ପ୍ରତିଭାବାନ୍ କଥାକାରଙ୍କ ସହ ଏଥରର ଆଳାପ..

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ସୁକୁମାରୀ ରାଜକୁମାରୀକୁ ଭୟାନକ ରାକ୍ଷସ ଯେତେବେଳେ କାନ୍ଧରେ ଉଠାଇ ନେଇ ଅଗ୍ନାଅଗ୍ନି ଜଙ୍ଗଲ ଭିତରକୁ ପଳାଇଲା, ରାଜକୁମାରୀର ଦୁଃଖ ଓ କଷ୍ଟକୁ ହୃଦୟଙ୍ଗମ କରି ଦୁଃଖ, ଭୟ ଓ କୋହରେ ଜୁଡୁବୁଡୁ ହୋଇ ବୋଉକୁ କୁଣ୍ଢାଇ ଧରି ଡକାପାରି କାନ୍ଦି ଉଠୁଥିବା ଜଣେ ଶିଶୁ ଯେତେବେଳେ କୈଶୋର ଅତିକ୍ରମ କରି ଯୌବନରେ ପାଦ ଦେଲା, ରାସ୍ତା ଉପରେ ବୁଢ଼ୀ ଭିକାରୁଣୀର ଶୂନ୍ୟଥାଳ ଆଉ ବିକଳ ଆଖି ଦେଖି ହାହାକାର କରି ଉଠିଥିଲା ତା' ଛାତି । ଗରୀବ ବୁଢ଼ୀର ଶୂନ୍ୟଥାଳକୁ ଉପହାସ କରି ରାସ୍ତା କଡ଼ରେ ଭ୍ରମିଥିବା ପଥର ରୂପି ଠାକୁରମାନଙ୍କ ଉପରକୁ ଖଇ ଫୁଟିଲା ପରି ଟଙ୍କା ପଇସା ଫିଙ୍ଗୁଥିବା ମଣିଷର ଅମଣିଷ ପଣିଆ ତା' ଛାତିକୁ ଆନ୍ଦୋଳିତ କରିବା ଅବସରରେ ସେଇ ଯୁବକଟି ଯେତେବେଳେ କଲମ ଧରିଲା, ଦୀର୍ଘ ପଇଁତ୍ରିଶ ବର୍ଷ ତଳର ସେଇ ଘଟଣାଟି ଏବେ ମଧ୍ୟ ମାନସପଟରେ ଝକଝକ ହୋଇ ଝଲସୁଛି ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ବୋଉ। ଯିଏ ମୋତେ ଓ ମୋ ଭଉଣୀକୁ ସବୁଦିନ ରାତିରେ କୋଳରେ ଜାକି ଟୁଆଁ ଟୁଇଁ କଥା, କଲୁରୀ ବେଣ୍ଟ କଥା, ରାଣ୍ଡିପୁଅ ଅନନ୍ତା କଥା, ରାଜାପୁଅ ମାଲୁଣୀ ବୁଢ଼ୀ କଥା, ତଅପୋଇ କଥା ଠାରୁ ଆରମ୍ଭ କରି ରାମାୟଣ ମହାଭାରତ ପର୍ଯ୍ୟନ୍ତ କଥାମାନ ଅତି ସରସ ସୁନ୍ଦର କରି ପରସି ଦେଉଥିଲା ଆମ କାନ ପାଖରେ । ଗପ ଶୁଣିବାର ସେଇ ନିଶା କ୍ରମେ ଗପ ଲେଖିବାର ନିଶାରେ ପରିଣତ ହୋଇଯାଇଥିଲା । ଦ୍ୱିତୀୟ ପ୍ରେରଣା ହେଉଛି ପେଟରୁ କାଟି କିଣିଥିବା ଗଦାଗଦା ବହି । ସାହିତ୍ୟରେ କେହି କାହାର ଗୁରୁ ନଥାନ୍ତି ବୋଲି ମୋର ବ୍ୟକ୍ତିଗତ ମତ । କେହି ମୋ ଆଙ୍ଗୁଳି ଧରି ମୋତେ ଲେଖା ଶିଖାଇ ଦେଇ ନାହାନ୍ତି । ଏଇଟା ଭୁଲ ହେଲା, ସେଇଟା ଏମିତି ହେବା କଥା ବୋଲି କେହି ମୋତେ ଆକଟ କରି ପରାମର୍ଶ ଦେଇ ନାହନ୍ତି । ମୁଁ ଲେଖିଛି । ତାକୁ ବାରମ୍ବାର ପଢ଼ିଛି । କାଟିଛି । ସଂଶୋଧନ କରିଛି ଏବଂ ମୋ ମନବୋଧ ହେବାପରେ ପାଠକମାନଙ୍କ ଆଗରେ ବାଢ଼ି ଦେଇଛି । ହଁ, ଅନେକ ପାଠକଙ୍କ ପାଖରୁ ବହୁତ ଅମୂଲ୍ୟ ମତାମତ ଓ ପରାମର୍ଶ ପାଇଛି, ଯାହା ମୋତେ ଅନେକାଂଶରେ ପରିମାର୍ଜିତ କରିଛି । ଅତଏବ ମୁଁ ଏବଂ ମୋର ପାଠକ ହିଁ ମୋର ଆଦ୍ୟ ଏବଂ ଶେଷ ଗୁରୁ ବୋଲି ମୁଁ ବିଚାରେ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସାଂପ୍ରତିକ ସମାଜରେ ସବୁ କ୍ଷେତ୍ରରେ ଉତ୍ଥାନ ଘଟୁଛି । କିନ୍ତୁ ଦ୍ରୁତ ଗତିରେ ଅଧୋପତନ ଘଟୁଛି ମାନବିକ ମୂଲ୍ୟବୋଧର । ସମାଜର ବାହ୍ୟ ସମସ୍ୟାର ସମାଧାନ କରିବାକୁ ତ ଆମ ଗଣତାନ୍ତ୍ରିକ ରାଷ୍ଟ୍ରର ସରକାର ଅଛନ୍ତି । ସଂକଟରେ ଗତି କରୁଥିବା ତଥା କ୍ଷିପ୍ର ଗତିରେ ପତନ ଆଡ଼କୁ ଅଗ୍ରସର ହେଉଥିବା ମଣିଷର ଚରିତ୍ର, ସଂସ୍କାର ଆଉ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାର ଦାୟିତ୍ୱ କେବଳ ସାହିତ୍ୟିକର। ସେଇ ସବୁ ସମସ୍ୟାକୁ ଆଧାର କରି ଲେଖକ ସାହିତ୍ୟ ଲେଖନ୍ତୁ, ମଣିଷ ଆଉ ସମାଜ ପରିବର୍ତ୍ତନ ହେବାକୁ ବାଧ୍ୟ ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖାଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ । ଏ ବାବଦରେ ଆପଣ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ଏ ଅଭିଯୋଗ ଶତ ପ୍ରତିଶତ ସତ । ଗଳ୍ପ ସଂଖ୍ୟା ବଢ଼ିବା ସହିତ ଗାଳ୍ପିକ/ଗାଳ୍ପିକାମାନଙ୍କ ସଂଖ୍ୟା ବି ବଢ଼ୁଛି । ଯେଉଁ ନୂଆ ପିଢ଼ିର ଲେଖକ ଲେଖିକାମାନେ ଲେଖାଲେଖି କରୁଛନ୍ତି, ପ୍ରଥମେ ସେମାନେ ଜଣେ ଜଣେ ପାଠକ କି ? ସେମାନେ ଆଉ କାହାକୁ ପଢ଼ୁଛନ୍ତି କି ? ଲେଖକଟିଏ ବୋଲାଇବାର ନିଶା ଏବେ ଏତେ ଦୁର୍ବାର ଯେ ନୂତନ ପିଢ଼ି କିଛି ପଢ଼ାପଢ଼ି ନକରି ରାତାରାତି ସାମାଜିକ ଗଣମାଧ୍ୟମ ଜରିଆରେ ଆତ୍ମ ପ୍ରତିଷ୍ଠିତ ଲେଖକ ହୋଇଯାଉଛନ୍ତି । ସେମାନେ ଯାହା ଲେଖିଲେ ବି କିଛି ତଥାକଥିତ ପ୍ରତିଷ୍ଠିତ ପ୍ରକାଶକ ସେମାନଙ୍କଠାରୁ ଟଙ୍କା ନେଇ ସୁଦୃଶ୍ୟ ଆକାରରେ ସେମାନଙ୍କ ବହି ଅତି କମ୍ ସଂଖ୍ୟାରେ ଛାପି ଦେଇ, ସବୁ ଉନ୍ମୋଚନ କରାଇ, ଖବରକାଗଜରେ ଛପାଇ ଦେଇ ସୋମନଙ୍କୁ ରାତାରାତି ପ୍ରତିଷ୍ଠିତ କରାଇ ଦେଉଛନ୍ତି। ସେମାନେ ଆଉ ବରିଷ୍ଠମାନଙ୍କର କାଳଜୟୀ ସାହିତ୍ୟ ପଢ଼ିବାକୁ ଆଗ୍ରହୀ ନୁହଁନ୍ତି । ଲେଖକ ପ୍ରଥମେ ପାଠକଟିଏ ହେଉ । ନିଜ ଲେଖାରେ ଅଯଥା ନିଜର ପାଣ୍ଡିତ୍ୟ ପ୍ରଦର୍ଶନ ନକରି, ଆଧୁନିକତା ନାମରେ ବୌଦ୍ଧିକ ବାହାସ୍ଫୋଟ ନମାରି, ସାଧାରଣ ପାଠକର ବୋଧଗମ୍ୟ ହେବାପରି, ମଣିଷର ସୁଖଦୁଃଖ, ଜୀବନ-ଯନ୍ତ୍ରଣାର କଥା ଲେଖିଲେ ବର୍ତ୍ତମାନର ମଣିଷ ଇଣ୍ଟରନେଟ ମାୟାରୁ ମୁକୁଳି ପୁଣି ବହି ଜଗତକୁ ଫେରିବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଅନେକ ବର୍ଷ ଧରି ଏପରି ଅଭିଯୋଗ ହୋଇ ଆସୁଛି ଏବଂ ଏ ଅଭିଯୋଗର ସତ୍ୟତା ଅଛି । ଏଥିପାଇଁ ଆମେ ଏବଂ ଆମ ସରକାର ଦାୟୀ । କାହାର ବି ତିଳେମାତ୍ର ଆନ୍ତରିକତା ନାହିଁ ମାତୃଭାଷାକୁ ଶ୍ରଦ୍ଧା କରିବା ପାଇଁ । ମାତୃଭାଷାକୁ ସଂକଟରୁ ଉଦ୍ଧାର କରିବାର ଦାୟିତ୍ୱ ଉଭୟ ସରକାର ଏବଂ ଜନସାଧାରଣଙ୍କର। ଏ ସଂକଟର ନିରାକରଣ ସେତିକିବେଳେ ସମ୍ଭବ ହେବ, ଯେବେ ଆମେ ମୋବାଇଲ ଉଠାଇବା ମାତ୍ରେ 'ହ୍ୟାଲୋ' ନକହି 'ଜୟ ଜଗନ୍ନାଥ' କିମ୍ବା 'ନମସ୍କାର' ବୋଲି କହିବା । ଯେବେ ଆମେ 'ଗୁଡ ମର୍ଣ୍ଣିଂ' ନକହି 'ସୁପ୍ରଭାତ' ବୋଲି କହିବା କିମ୍ବା ଲେଖିବା। ଯେବେ ଆମେ 'ସରି' ନକହି 'ଦୁଃଖିତ' ବୋଲି କହିବା । ଯେବେ ଆମେ 'ଏକ୍ସକ୍ୟୁଜ୍ ମି' ନକହି 'କ୍ଷମା କରିବେ' ବୋଲି କହିବା । ଯେବେ ଆମେ ଆମ ଘରେ ଖଣ୍ଡେ ଖଣ୍ଡେ ଭାଗବତ ଗ୍ରନ୍ଥ ରଖିପାରିବା ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖାଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ସାମାଜିକ ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିବାର ଦାୟିତ୍ୱ ସରକାରଙ୍କର । ହଁ, ଆପଣ ଯେଉଁ ଅବ୍ୟବସ୍ଥା କଥା କହୁଛନ୍ତି, ତାହା ଅନେକାଂଶ ମନୁଷ୍ୟକୃତ । ମଣିଷର ନୈତିକ ଅଧୋପତନ ଘଟିଲେ ତାହା ସମାଜକୁ ଆକ୍ରାନ୍ତ କରେ। ଆଉ ମନୁଷ୍ୟକୁ ନୈତିକ ସ୍ଖଳନରୁ ଉଦ୍ଧାର କରିବାର ଦାୟିତ୍ୱ ସାହିତ୍ୟର । ଲେଖକ ନିଜର ସଂସ୍କାରଧର୍ମୀ ଲେଖା ମାଧ୍ୟମରେ ମଣିଷକୁ, ତାର ଆଚରଣ ଓ ଉଚ୍ଚାରଣକୁ ଉର୍ଦ୍ଧ୍ୱମୁଖୀ କରିପାରିବ ବୋଲି ମୁଁ ସଂପୂର୍ଣ୍ଣ ଆଶାବାଦୀ ।

■ ଗଳ୍ପ ତୁଳନାରେ ଉପନ୍ୟାସର ସଂଖ୍ୟା ବହୁତ କମ୍ । ଏମିତି କାହିଁକି ? ଏଥିପାଇଁ ପ୍ରୋତ୍ସାହନ ନା ଭିତ୍ତିଭୂମିର ଅଭାବ ଦାୟୀ ବୋଲି ଆପଣ ମନେ କରନ୍ତି କି ?

■■ ମଣିଷ ଏକ ସୁବିଧାବାଦୀ ଏବଂ ଅନେକାଂଶରେ ପରିଶ୍ରମକାତର ପ୍ରାଣୀ । ଅଳ୍ପ ପରିଶ୍ରମ କରି ଅଧିକ ପ୍ରାପ୍ତି ପାଇଁ ତା'ର ଲାଳସା ପ୍ରଚୁର । ଲେଖକମାନେ ସେଥିରୁ ବାଦ ଯିବେ କିପରି ? ଗଳ୍ପଟିଏ ଲେଖିବା ପାଇଁ ଯେତିକି ଶ୍ରମ ଓ ନିଷ୍ଠା ଦରକାର, ଉପନ୍ୟାସ ପାଇଁ ତା'ଠାରୁ କାହିଁ କେତେଗୁଣ ଶ୍ରମ, ନିଷ୍ଠା, ଧୈର୍ଯ୍ୟ ଓ ଏକାଗ୍ରତା ଆବଶ୍ୟକ, ଯାହା ଆଜିର ଲେଖକମାନେ ଦେବାପାଇଁ ପ୍ରସ୍ତୁତ ନୁହଁନ୍ତି । ଲେଖକ ଅଳ୍ପରେ ସନ୍ତୁଷ୍ଟ ନହୋଇ ନିଜ ଭିତରେ ଏକ ସାତ୍ତ୍ୱିକ ତଥା ସର୍ଜନଶୀଳ ଅସନ୍ତୋଷକୁ ଲାଳନ କଲେ ବୃହତ୍ତର ସୃଷ୍ଟି ଆଡ଼କୁ ମନ ବଳାଇବ । ସେଥିପାଇଁ କୌଣସି ବାହ୍ୟ ପ୍ରୋତ୍ସାହନ କିମ୍ବା ଭିତ୍ତିଭୂମିର ଆବଶ୍ୟକତା ଆଦୌ ଦରକାର ନାହିଁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଯେହେତୁ ମୁଁ ସନ୍ଥ ନୁହେଁ, ସାଧାରଣ ମଣିଷ ଓ ଜଣେ ଅତି ସାଧାରଣ ଲେଖକ, ଯେହେତୁ ପୁରସ୍କାର ପ୍ରାପ୍ତି ଆନନ୍ଦ ଦିଏ, ସେଭଳି ପ୍ରାପ୍ତିରେ ଆନନ୍ଦିତ ହେବି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଜଣେ ଲେଖକୁ ତା'ର କୃତିତ୍ୱ ପାଇଁ ଯଦି ପୁରସ୍କୃତ କରାଯାଏ ସେଥିପାଇଁ ସେ ଆନନ୍ଦିତ ହେବା ସହିତ ଅଧିକ ଦାୟିତ୍ୱଶୀଳ ହୋଇଥାଏ। ସାହିତ୍ୟ ମାଧ୍ୟମରେ ଗୋଟିଏ କଥା କହିବାକୁ ମୁଁ ଚାହେଁ- 'ଯେତେଦିନ ଯାଏ ଲେଖକ ନିଜ ପାଇଁ ଲେଖୁଥିବ, ସେତେଦିନ ଯାଏ ସାହିତ୍ୟ ସମାଜଠାରୁ ଦୂରରେ ହିଁ ଥିବ । ଲେଖକ ଯେବେ ସମାଜ ପାଇଁ ଲେଖିବ, ସାହିତ୍ୟ ଜନମାନସକୁ ପ୍ରଭାବିତ କରିବା ସହିତ ଲେଖକକୁ ସାମାଜିକ ସ୍ୱୀକୃତି ମିଳିବ ହିଁ ମିଳିବ । ତାହା ପୁରସ୍କାର ଆକାରରେ ହେଉ ଅବା ପାଠକୀୟ ଶ୍ରଦ୍ଧା ଓ ଭଲ ପାଇବା ରୂପରେ ହେଉ ।'

♥♥



## ■ ଅଳ୍ପରେ କ୍ଷୀରୋଦ ଦାସ

ଜନ୍ମ - ୧୫/୧୦/୧୯୬୫
ବାପାଙ୍କ ନାମ : ୰ ଦାମୋଦର ଦାସ
ମା'ଙ୍କ ନାମ : ୰ ନିଳୀମା ଦାସ
ଜନ୍ମସ୍ଥାନ : ବାଲିଆଟୁବି, ପଣ୍ଡୁଆ, ତିର୍ତ୍ତୋଲ, ଜଗତସିଂହପୁର
ବାସସ୍ଥାନ : ଏସ୍. ଏସ୍. ପ୍ଲାଜା, ପ୍ଲଟ ନଂ - ଜି.ଏ. ୪୮, ଫ୍ଲାଟ୍ ନଂ: ୨୦୨, କୈଳାସ ବିହାର, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବେନଶ୍ୱର-୨୧
(ମୋ) : ୯୪୩୭୧୬୩୦୦୨

**ପ୍ରକାଶିତ ପୁସ୍ତକ: ଗଳ୍ପ**
୧- ଅସୁସ୍ଥ ସମୟ
୨-ନିରବତାର ଭାଷା
୩- ମୂକ ରାଜଜେମା
୪- ଭୋକ
୫- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
୬- ସତସତିକା ଖେଳ
୭- କାଠ କଣ୍ଢେଇ
୮- ନିଃଶବ୍ଦ ପଦଧ୍ୱନୀ
୯- ଅନ୍ଧାରର ଆତ୍ମଲିପି
୧୦- ନବଘନର ଘର
୧୧- କଥା କଳ୍ପ
୧୨- ସଂଜ ସଂଗୀତ
୧୩- ଶୂନ୍ୟ ଉପତ୍ୟକା
୧୪- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
୧୫- ବୋଲେ ହୁଁ ଟି
୧୬- ଅଧ୍ୟାୟ ଅଷ୍ଟାଦଶ
୧୭- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
୧୮ ପୂର୍ଣ୍ଣ ପ୍ରତ୍ୟୁଷ

**ଉପନ୍ୟାସ**
୧- ସମ୍ପର୍କର ସୂତାଖିଅ
୨- ବେଦନାର ବେଦ
୩- ପ୍ରିୟ ପୃଥିବୀ
୪- କଳାଜାଇ
୫- ଆଞ୍ଜୁଳାଏ ମୁକ୍ତି
୬- ଶେଷ ଦୃଶ୍ୟ
୭- ମହାନାୟକ
୮- ପ୍ରିୟ ପଞ୍ଚକ
୯- ମହାମନ୍ତ୍ର

**ଉପନ୍ୟାସ**
୧- ସମାରୋହ ଶ୍ରେଷ୍ଠଗଳ୍ପ
୨- ଜୀବନ
୩- ପ୍ରିୟ ଗଳ୍ପ
୪- ଗଳ୍ପର ଗାଁ
୫- ବାପା
୬- ବୋଉ
୭- ଝିଅ



ପ୍ରାଣପ୍ରିୟା ପତ୍ନୀଙ୍କ ସହ ଗାଳ୍ପିକ...



ସୁଖୀ ପରିବାର : ପତ୍ନୀ, କନ୍ୟା ଓ ପୁତ୍ରଙ୍କ ସହ କଥାକାର କ୍ଷୀରୋଦ ଦାସ.....



ରାଜ୍ୟପାଳ ଏସ୍. ସି ଜାମୀର୍‌ଙ୍କ ସହ ଗାଳ୍ପିକ କ୍ଷୀରୋଦ ଦାସ...

## ପ୍ରଥମ ବିଦେଶ ଯାତ୍ରା

### ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...

ଭାଗ-୨୬



ଆନ୍ ମୋତେ ଦେଖି , ସରୁ ହସଟିଏ ହସି 'ହାଏ' କହିଲା । ତାପରେ ନିଜର ଡ୍ରେସ ଉପରେ ଗୋଟିଏ ଫିକା ନୀଳ ରଙ୍ଗର ଆପ୍ରନ ପିନ୍ଧିଲା । ହାତରେ ଗଳେଇଲା ଗ୍ଲୋଭସ । ଦୁଇପଟ ଆପ୍ରନ ପକେଟରେ ରଖିଲା କିଛି ସଫାକରିବା ସାମଗ୍ରୀ ଥିବା ବୋତଲ । ତାପରେ ଲାଗିଗଲା ତା କାମରେ । 'ସେମାନଙ୍କୁ କିଛି କହିବାକୁ ପଡେନାହିଁ । ସେମାନେ ଖୁବ ପ୍ରଫେସନାଲ ।' ଝିଅ କହୁଥିଲା ।

ସାପ୍ତାହିକ ଛୁଟି ସରିଯାଏ ।ଆରମ୍ଭ ହୁଏ କର୍ମମୟ ଜୀବନ । ମୋତେ ଏକୁଟିଆ ଘରେ ଛାଡି ଯିବାର ଇଚ୍ଛା ନଥିଲେ ବି ମିକି- ଚିକୁଙ୍କୁ ଫେରିବାକୁ ପଡେ ପୁଣି ତାଙ୍କର କାର୍ଯ୍ୟକ୍ଷେତ୍ରକୁ ।

ଚିକୁଙ୍କର ଟୁରିଙ୍ଗ ଜବ୍ । ସିଏ କନସଲଟାନ୍ସି କ୍ଷେତ୍ରରେ କାମ କରନ୍ତି । ସିଏ ଚାକିରି କରୁଥିବା ଆମେରିକାର ଅର୍ନଷ୍ଟ ଏଣ୍ଡ ୟଙ୍ଗ କମ୍ପାନୀ ବୀମା, ଟ୍ୟାକ୍ସ, ଟେକ୍ନୋଲୋଜି ଆଦି ବିଭିନ୍ନ କ୍ଷେତ୍ରରେ ସେବା ଓ ପରାମର୍ଶ ଦେବା କାର୍ଯ୍ୟ କରିଥାଏ । ଏହା ଏକ ଗ୍ଲୋବାଲ କମ୍ପାନୀ । ଦୁଇଟି ପ୍ରସିଦ୍ଧ ଆକାଉଣ୍ଟିଂ କମ୍ପାନୀ ଯେମିତିକି ଅର୍ନଷ୍ଟ ଏଣ୍ଡ ଅର୍ନଷ୍ଟ ଓ ଆର୍ଥର ୟଙ୍ଗ ଏଣ୍ଡ କମ୍ପାନୀର ସମ୍ମିଶ୍ରଣରେ ୧୯୮୯ ମସିହାରେ ଏହି କମ୍ପାନୀ ଗଠିତ ହୋଇଥିଲା । ୧୯୦୩ ମସିହାରେ ଓହାଇଓର କ୍ଲିଭଲ୍ୟାଣ୍ଡରେ ଅଲୱିନ ସି ଓ ଥିଓଡର ଅର୍ନଷ୍ଟଙ୍କ ଦ୍ୱାରା ପ୍ରତିଷ୍ଠିତ ଅର୍ନଷ୍ଟ ଏଣ୍ଡ ଅର୍ନଷ୍ଟ କମ୍ପାନୀ ଓ ୧୯୦୬ ମସିହାରେ ଚିକାଗୋ ଠାରେ ଆର୍ଥର ୟଙ୍ଗଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଆର୍ଥର ୟଙ୍ଗ ଏଣ୍ଡ କମ୍ପାନୀ । ଘଟଣାକ୍ରମରେ ଏହି ଦୁଇଟି କମ୍ପାନୀର ସମ୍ମିଶ୍ରଣରେ ଗଠିତ ହୋଇଛି ଆଜିର ଅର୍ନଷ୍ଟ ଏଣ୍ଡ ୟଙ୍ଗ କମ୍ପାନୀ । ସାରା ପୃଥିବୀରେ ଏହାର ଶାଖା ରହିଛି ଓ ଏହା ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ କାମ କରିଥାଏ । ହେଲେ ଏହାର ପ୍ରମୁଖ କାର୍ଯ୍ୟ ହେଉଛି ଟ୍ୟାକ୍ସ, ବୀମା, ଟେକ୍ନୋଲୋଜି ଆଦି ବିଭିନ୍ନ କ୍ଷେତ୍ରରେ କନ୍ସଲଟାନ୍ସି ସର୍ଭିସେସ ପ୍ରଦାନ କରିବା । ସେଥିପାଇଁ ଏଥିରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ବିଭିନ୍ନ କ୍ଲାଏଣ୍ଟ ଲୋକେସନକୁ ଯିବାକୁ ପଡେ । ସେହି ପରିପ୍ରେ କ୍ଷୀରେ ଚିକୁ ପ୍ରତି ସୋମବାର ଦିନ ଭୋରରୁ ବାହାରିଯାଆନ୍ତି ଏୟାରପୋର୍ଟ ଓ ସେଠାରୁ ଫ୍ଲାଇଟ ଧରି ଯାଆନ୍ତି ଆମେରିକାର ବିଭିନ୍ନ ଷ୍ଟେଟକୁ । ଆଉ ଫେରନ୍ତି ଗୁରୁବାର ଦିନ ଉପରଓଳି । ଶୁକ୍ରବାର ତାଙ୍କର ୱାର୍କ ଫ୍ରମ ହୋମ ଥାଏ ।

ମିକିର ଏବେ ମାଷ୍ଟର୍ସର ଦ୍ୱିତୀୟ ବର୍ଷ । ଆଉ ଛଅ ମାସ ପରେ ତାର ସରିଯିବ ପାଠପଢା । ତେଣୁକରି ଏବର୍ଷ ତାର ଇଣ୍ଟର୍ନସିପ ଅଛି । ସିଏ ଅନେକ କମ୍ପାନୀରେ ଆବେଦନ କରିଥିଲା । ତାର ସିଲେକ୍ସନ ହୋଇଯାଇଛି ନ୍ୟୁୟର୍କରେ ଥିବା ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟରେ । ନ୍ୟୁୟର୍କର ମିଡଟାଉନ,ମାନହାଟନ ଠାରେ ରହିଛି ଏହି କାର୍ଯ୍ୟାଳୟ । ଏହି ମୁଖ୍ୟ କାର୍ଯ୍ୟାଳୟ ଭିତରେ ଜାତିସଂଘର ଅନେକଗୁଡିଏ ଅଫିସ ଓ ଡିପାର୍ଟମେଣ୍ଟ ରହିଛି । ଯେମିତିକି ସେକ୍ରେଟାରୀ ଜେନେରାଲଙ୍କ ଅଫିସ, ରାଜନୈତିକ ଓ ଅର୍ଥନୈତିକ ବିଷୟକ ଅଫିସ, ଶାନ୍ତି ଓ ସଦଭାବନା ବିଷୟକ ଅଫିସ ଇତ୍ୟାଦି । ତାଛଡା ଏଠାରେ ସିକ୍ୟୁରିଟି କାଉନସିଲ, ଜେନରେଲ ଆସେମ୍ବ୍ଲି , ଟ୍ରଷ୍ଟିସିପ କାଉନସିଲର ଅଫିସ ମଧ୍ୟ ରହିଛି । ଏଠାରେ ଅଛି ଏକ ବିରାଟ ଲାଇବ୍ରେରୀ । ଯାହା ଡିଏଚଏଲ ବା ଡାଗ ହାମ୍ମରସ୍କଜୋଲ୍ଡ ଲାଇବ୍ରେରୀ ନାମରେ ଖ୍ୟାତ । ଏଠାରେ ପୃଥିବୀର ସମସ୍ତ ଜାତି, ଜନଜାତି, ଦେଶ, ମହାଦେଶର ଇତିହାସ , ଉତ୍ଥାନପତନ, ଅଭ୍ୟୁଦୟ ବିଷୟକ ଲକ୍ଷ ଲକ୍ଷ ପୁସ୍ତକ ରହିଛି । ତଛଡା ଏଥିରେ ରହିଛି ଜାତିସଂଘ ସଂକ୍ରାନ୍ତୀୟ ଦସ୍ତାବେଜ ଓ ଲିଟେରେଚର। ଏଠାରେ ଲାଇବ୍ରେରୀର ବହିସବୁ ଉଭୟ ପୁସ୍ତକ ଆକାରରେ ଓ ଡିଜିଟାଲ ଭାବରେ ଉପଲବ୍ଧ । ପ୍ରତି ସପ୍ତାହରେ ସୋମବାର ଠାରୁ ଶୁକ୍ରବାର ଯାଏଁ ଦିନ ଦଶ ଠାରୁ ସନ୍ଧ୍ୟା ଚାରି ଯାଏଁ ଜଣେ ଚାହିଁଲେ ଏହି ଲାଇବ୍ରେରୀକୁ ଯାଇପାରିବ । ପ୍ରତିବର୍ଷ ଅନେକ ସ୍କଲାର ଏଠାକୁ ଆସିଥାନ୍ତି ନିଜର ଗବେଷଣା ପାଇଁ। ଏଠାରେ ସାଇତା ହୋଇରହିଛି ପୃଥିବୀର କୋଣଅନୁକୋଣରୁ ସଂଗୃହୀତ ଅନେକ ଦୁର୍ଲଭ ଦସ୍ତବେଜ ଯାହା ସାଧାରଣ ଜନତାଙ୍କ ପାଇଁ ଉପଲବ୍ଧ ନୁହେଁ । ଏହାର ଉପଯୋଗ କେବଳ ଜାତିସଂଘର କର୍ମଚାରୀ ଓ ଅଧିକାରୀମାନେ କରିପାରିବେ । ମିକି ଏହି ଲାଇବ୍ରେରିରେ ଚାଲିଥିବା ଡିଜିଟାଇଜେସନ ଓ ବ୍ୟବସ୍ଥା କ୍ଷେତ୍ରରେ ନିଜର ଇଣ୍ଟର୍ନସିପ କାର୍ଯ୍ୟ କରୁଛି। ଏଠାରୁ ସିଏ ଶିଖୁଛି ଅନେକ କଥା । ସେଥିପାଇଁ ସିଏ ନିଜର କାର୍ଯ୍ୟକୁ ଖୁବ୍ ଉପଭୋଗ କରୁଛି ।

ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ଝିଅକୁ ସକାଳ ଆଠଟାରେ ନ୍ୟୁଜର୍ଶୀ ଟ୍ରାଞ୍ଜିଟର ଟ୍ରେନ ଧରି ଯିବାକୁ ହୁଏ ନ୍ୟୁୟର୍କ । ପେନ ଷ୍ଟେସନରେ ଓହ୍ଲାଇ ସିଏ ସବୱେ ନେଇ ସିଏ ଯାଏ ମାନହାଟନକୁ ।ସିଏ ଫେରିଲା ବେଳକୁ ସନ୍ଧ୍ୟା ଗଡିଯାଏ । କେବେ କେବେ ତାକୁ କୌଣସି ପେପର ସବମିଟ ପାଇଁ କଲେଜ ମଧ ଯିବାକୁ ହୁଏ । ତେଣୁକରି ସାରା ଦିନ ମୁଁ ଘରେ ଏକୁଟିଆ ଥାଏ । ଝିଅ ଯିବା ପରେ ମୁଁ ଜଳଖିଆ ଖାଇସାରି କପେ ଚାହା ନେଇ ବସିଯାଏ ଡାଇନିଙ୍ଗ କଡକୁ, ଉତ୍ତର ପଟକୁ ଥିବା ମୋର ପ୍ରିୟ ଝରକା କଡରେ । ଯେଉଁଠାରୁ ମୁଁ ଦେଖେ ଏକ ଅଲଗା ପୃଥିବୀକୁ । ଯାହା ମୋର ପୃଥିବୀ ଠାରୁ ଅନେକ ଭାବରେ ଭିନ୍ନ । ସେଠାକାର ସୂର୍ଯ୍ୟ ଉଦୟ-ଅସ୍ତ, ଦିନରାତି ଏମିତିକି ମଣିଷମାନେ ମଧ ମୋର ପୃଥିବୀ ଠାରୁ ଭିନ୍ନ । କେଜାଣି କାହିଁକି ଏହି ଭିନ୍ନତା ମୋତେ ବେଶୀ ବେଶୀ ଆକର୍ଷିତ କରେ ଏହି ନୂତନ ପୃଥିବୀକୁ ଜାଣିବାକୁ , ବୁଝିବାକୁ ।



ମୁଁ ଝରକା ଦେଇ ବାହାରକୁ ଚାହିଁଲି । ଏଠାରେ ଘରସବୁ ଶବ୍ଦ ପ୍ରତିରୋଧି । ବାହାରର କୌଣସି ଶବ୍ଦ ବା ବାସ୍ନାଗନ୍ଧ ଭିତରକୁ ଆସିବାର ସମ୍ଭାବନା ନାହିଁ । ବାହାର ପବନ ବି ଭିତରକୁ ଆସିବା ମନା । ଆଉ ତାର କାରଣ ହେଉଛି ଏଠାକାର ଥଣ୍ଡା । ଶୀତଦିନେ ଏଠି ଭୀଷଣ ଥଣ୍ଡା ପଡେ । ତେଣୁକରି ଘରସବୁ ନିବୁଜ ଓ ଶୀତତାପ ନିୟନ୍ତ୍ରିତ । ମୁଁ ବସୁଥିବା ଝରକାରେ ଲାଗିଛି ମୋଟା କାଚ । କାଚ ସେପାଖେ ଗୋଟେ ତାର ଜାଲି । କଣ ଭାବି ମୁଁ କାଚଟିକୁ ଉଠେଇଦେଲି ଉପରକୁ । ତାରଜାଲି ଦେଇ ଭାସି ଆସିଲା ଦଲକାଏ ପବନ ଆଉ ତା ସହିତ ଭିତରକୁ ପଶିଆସିଲା ମେଞ୍ଚାଏ ବାସ୍ନା । ଗୋଲାପଫୁଲର ମିଠାଳିଆ ବାସ୍ନା । ଠିକ୍ ଝରକା ତଳକୁ, ରାସ୍ତା ସେପାଖେ ଅଛି ଗୋଲାକାରରେ କଟା ଯାଇଥିବା ବୁଦାଏ ଗୋଲାପ । ଫିକା ନାଲି ରଙ୍ଗର ଶହ ଶହ ଗୋଲାପଫୁଲରେ ଲଦି ହୋଇଛି ବୁଦାଟି । ଆହା ! ଶିହରିତ ହେଲି ମୁଁ ସେଇ ମନମତାଣିଆ ବାସ୍ନାରେ ।

ବାହାରେ ଚହଳପହଳ ବଢିଛି । ଅଫିସ ବା ବିଭିନ୍ନ କର୍ମସଂସ୍ଥାନକୁ ଯିବା ଲୋକମାନେ ଜାମାଯୋଡ ହୋଇ ନିଜ ନିଜ କାର ନେଇ ଆପାର୍ଟମେଣ୍ଟ ଗେଟ ଦେଇ ବାହାରି ଯାଉଛନ୍ତି ପଦାକୁ । ପିଲାମାନଙ୍କୁ ବାପାମାଆମାନେ ଯାଇ ଛାଡି ଆସି ସାରିଲେଣି ଗେଟ ପାଖରେ ଲାଗୁଥିବା ସ୍କୁଲ ବସରେ । ଆଜି ବି ସେଇ ଅଳ୍ପବୟସୀ, ତନୁପାତେଳୀ ସ୍ତ୍ରୀଲୋକଟି ଗୋଟିଏ ଷ୍ଟ୍ରୋଲରକୁ ଠେଲି ଠେଲି ବାହାରିଆସିଲା ସାମ୍ନା ବିଲଡିଙ୍ଗରୁ । ଷ୍ଟ୍ରୋଲରକୁ ଠେଲି ଠେଲି ବଗିଚା ଭିତରକୁ ନେଲା । ଗୋଟିଏ ବେଞ୍ଚ ପାଖରେ ଷ୍ଟ୍ରୋଲରକୁ ରଖିଦେଇ ତାର ହୁଡ ଖୋଲିଦେଲା, ଯେମିତିକି ସୂର୍ଯ୍ୟକିରଣ ପଡିବ ଛୁଆ ଉପରେ । ଆଉ ତାପରେ ବେଞ୍ଚ ଉପରେ ଦରଆଉଜା ହୋଇ ବସିପଡି ବହି ପଢିଲା । ମଝିରେ ମଝିରେ ଉଠିଯାଇ ସିଏ ଛୁଆକୁ ଟିକେ ଚାହୁଁଥାଏ, ତା ମୁହଁରେ ଫିଡିଙ୍ଗ ବୋତଲ କିମ୍ବା ପାଣି ବୋତଲ ଦେଉଥାଏ, ପୁଣି ଆସି ବସି ପଢୁଥାଏ ବେଞ୍ଚ ଉପରେ । ଏଇ କୁନିଛୁଆଟି ନିଶ୍ଚୟ କିଛି ମାସ ଆଗରୁ , ଅର୍ଥାତ ଘୋର ଶୀତରେ ଜନ୍ମ ହୋଇଥିବ । ଶୀତଦିନେ ପ୍ରବଳ ଶୀତ ପଡୁଥିବା କାରଣରୁ ଓ ଖୁବ କମ ସମୟ ପାଇଁ ସୂର୍ଯ୍ୟ ପଦାକୁ ବାହାରୁଥିବାରୁ ଛୁଆକୁ ବାହାରକୁ ବାହାର କରିବା ସମ୍ଭବ ନୁହେଁ । କିନ୍ତୁ ଛୁଆର ଭିଟାମିନ 'ଡି ' ଭରଣା ପାଇଁ ସୂର୍ଯ୍ୟକିରଣ ଖୁବ୍ ଆବଶ୍ୟକ । ସେଥିପାଇଁ ସେଇ ସ୍ତ୍ରୀଲୋକଟି ଛୁଆକୁ ସବୁଦିନ ଆଣି ସୂର୍ଯ୍ୟକିରଣ ତଳେ କିଛି ସମୟ ରଖୁଛି ।




ଏଇ ସମୟରେ ମୋର ଆଖି ଟାଣି ହୋଇଗଲା ପଶ୍ଚିମ ପଟକୁ । ବିଲଡିଙ୍ଗ ଭିତରୁ ବାହାରି ଆସିଲେ ଜଣେ ବୃଦ୍ଧା ମହିଳା । ସିଏ ଧୀରେ ଧୀରେ ଚାଲୁଥାନ୍ତି ଆପାର୍ଟମେଣ୍ଟ ସାମ୍ନା ରାସ୍ତାରେ । ତାଙ୍କ ବାମ ହାତରେ ଥାଏ ୱାକିଙ୍ଗ ଷ୍ଟିକ । ତାଙ୍କର ଡାହାଣ ହାତ ଥାଏ ତାଙ୍କ କଡରେ ଚାଲୁଥିବା ଜଣେ ଅଳ୍ପ ବୟସ୍କ ଯୁବକ ହାତରେ । ରାସ୍ତାରେ କୌଣସି ଜାଗାରେ ଉଚ୍ଚନୀଚ ଥିଲେ ଯୁବକଟି ତାଙ୍କର ଡାହାଣ ହାତକୁ ଜାବୁଡି ଧରି ପାରି କରାଉଥାଏ ରାସ୍ତା । ଧୀରେ ଧୀରେ ସିଏ ତାଙ୍କୁ ନେଇଗଲା ବଗିଚା ଭିତରକୁ ଆଉ ତାଙ୍କର ଡାହାଣହାତକୁ ଧରି ଚଲେଇଲା ତାଙ୍କୁ ବଗିଚା ଭିତରେ ଥିବା ଗୋଲାକାର ରାସ୍ତାରେ । ବୟସ୍କା ମହିଳା ଚାଲି ଚାଲି ଟିକେ ଥକି ପଡିଲେ ସିଏ ତାଙ୍କୁ ଧରି ବସେଇ ଦେଉଥାଏ ବେଞ୍ଚ ଉପରେ । ଆଉ ନିଜେ ବି ବସି ପଡୁଥାଏ ତାଙ୍କ କଡରେ । ଯୁବକଟି ବୋଧହୁଏ କିଛି ଥଟ୍ଟାଳିଆ କଥା କହୁଥାଏ ତାଙ୍କୁ । ବୟସ ଭାରରେ ନଇଁ ପଡିଥିବା ମହିଳା ତା କଥାରେ ହସୁଥାନ୍ତି । ବୟସର ତୀକ୍ଷ୍ଣ ରେଖାସବୁ ତାଙ୍କ ଦେହ ଓ ମୁହଁରେ ସୁସ୍ପଷ୍ଟ । ନଳୀ ପରି ପତଳା, ଶିରାଳ ହାତଗୋଡ । ଦେହରେ ଢିଲା ପ୍ୟାଣ୍ଟସାର୍ଟ, ପାଦରେ ଜୋତା ।

ଏବେ ପ୍ରତିଦିନ ସକାଳେ ମୁଁ ଦେଖେ ସେମାନଙ୍କୁ ଏମିତି ଚାଲିବାର । ମନେ ମନେ ଭାବେ କେଡେ ଭାଗ୍ୟ ପ୍ରୌଢା ମହିଳାଙ୍କର ! କେତେ ଯତ୍ନଶୀଳ ପୁତ୍ର ତାଙ୍କର ! ଭଲଲାଗେ ମୋତେ ଉଭୟଙ୍କୁ ଦେଖିବାକୁ । ମୁଁ ଯେମିତି ପ୍ରତିଦିନ ଝରକାଦାଢରେ ଅପେକ୍ଷା କରିଥାଏ ସେମାନଙ୍କୁ । ଠିକ ନଅଟା ବାଜିଲେ ମାଆର ହାତ ଧରି ପଦାକୁ ବାହାରିଆସେ ପୁଅ ଆଉ ଉଭୟ ରାସ୍ତାରେ ଧୀରେ ଧୀରେ ଚାଲିବା ଆରମ୍ଭ କରନ୍ତି ।

ଏଇ କିଛି ଦିନ ହେବ ଜଣେ ପଞ୍ଜାବୀ ମହିଳାଙ୍କ ସହିତ ମୋର ବନ୍ଧୁତା ହୋଇଯାଇଛି । ସିଏ ବି ଟ୍ୱିନ ଟାୱାରର 'ବି' ବ୍ଲକରେ ରୁହନ୍ତି । ତାଙ୍କ ସହିତ ମୋର ପ୍ରଥମେ ଦେଖା ହୋଇଥିଲା ଆପାର୍ଟମେଣ୍ଟକୁ ଲାଗି ଥିବା ପାର୍କରେ । ସିଏ ବି ପ୍ରତିଦିନ ସନ୍ଧ୍ୟାରେ ବୁଲିବାକୁ ଯାଆନ୍ତି । ତାଙ୍କୁ ଥରେ /ଦୁଇ ଥର ଦେଖିଲା ପରେ ମୋତେ ଲାଗିଲା ଇଏ ନିଶ୍ଚୟ ଭାରତୀୟ ହୋଇଥିବେ । ଗହମ ରଙ୍ଗର ଦେହ ଓ ସାଲୱାର- କାମିଜ ପରିଧାନ ମୋ ମନରେ ଏପରି ଏକ ପ୍ରତ୍ୟୟ ସୃଷ୍ଟି କରିବାକୁ ଯଥେଷ୍ଟ ଥିଲା । ତୃତୀୟ ଥର ଦେଖାରେ ମୁଁ ଯେମିତି ତାଙ୍କୁ ଦେଖି ହସି ଦେଇଛି ସିଏ ବି ମୋତେ ଚାହିଁ ମୁରୁକି ହସିଦେଲେ । ମୁଁ ତାଙ୍କୁ ହିନ୍ଦୀରେ ପଚାରିଲି , 'ଆପଣ କଣ ପଞ୍ଜାବର ?'

ସିଏ 'ହଁ ' ଭରିଲେ । ଆଉ ପର ମୁହୂର୍ତ୍ତରେ ପଚାରିଲେ 'ଆପଣ ବି କଣ ପାକିସ୍ଥାନର ?'

ଏତେବେଳେକେ ମୁଁ ବୁଝିଲି ଯେ ପାକିସ୍ଥାନରେ ବି ଗୋଟେ ପଞ୍ଜାବ ପ୍ରୋଭିନ୍ସ ଅଛି ଓ ସେଠାକାର ଲୋକମାନେ ବି ଦେଖିବାକୁ ଭାରତୀୟଙ୍କ ପରି । ସେ ଯାହା ହେଉ ଅଳ୍ପ ଦିନ ଭିତରେ ଗୁଲସନ ବିବିଙ୍କ ସହିତ ମୋର ଭଲ ବନ୍ଧୁତା ହୋଇ ଯାଇଥିଲା । ଆମେ ଦିନେ ପାର୍କରୁ ବୁଲାବୁଲି କରି ଫେରିଲା ବେଳକୁ ଦେଖା ହୋଇଗଲା ସେଇ ବୃଦ୍ଧ ମହିଳାଙ୍କ ସହିତ ଯିଏ ନିଜ ପୁଅ ସହିତ ବୁଲୁଥିଲେ । ଗୁଲସନ ବିବିଙ୍କୁ ଦେଖି ବୃଦ୍ଧାଙ୍କର ପୁଅ 'ହାଏ' ବୋଲି କହିଲା । କଥା ନହସରେ ମୁଁ ତାଙ୍କୁ ପଚାରିଦେଲି । ଆପଣ କଣ ଜାଣନ୍ତି ଏହି ପରିବାରକୁ ।

ଗୁଲସନ ବିବି କହିଲେ, 'ହଁ, ଆମର ପଡୋଶୀ । ଅନେକ ବର୍ଷ ହେଲାଣି ଆମର ଏଠାରେ ରହିବା । ତାଙ୍କର ପରିବାର ଆଉ କଣ ? ଅଲିଭିଆ ନିଜ ଘରେ ଏକୁଟିଆ ରୁହନ୍ତି । ସ୍ୱାମୀ ତାଙ୍କୁ ଅନେକ ବର୍ଷ ତଳୁ ଛାଡପତ୍ର ଦେଇ ସାରିଛନ୍ତି । ଗୋଟିଏ ବୋଲି ଝିଅ । ସିଏ ରହେ ଅଷ୍ଟ୍ରେଲିଆରେ । '

ମୋର ଆଶ୍ଚର୍ଯ୍ୟଭରା ପ୍ରଶ୍ନ ......ତେବେ ଏହି ପୁଅ ?

'ପୁଅ !'

କିଛି ଦିନ ପୂର୍ବରୁ ଅଲିଭିଆଙ୍କର ଗୋଡ ଭାଙ୍ଗି ଯାଇଥିଲା । ସିଏ କିଛି ଦିନ ଡାକ୍ତରଖାନାରେ ରହିଲା ପରେ ଘରକୁ ଫେରିଆସିଲେ । ହେଲେ ଘରେ ତାଙ୍କର ଦେଖାଚାହାଁ କରିବାକୁ କେହି ନାହାନ୍ତି । ଏକଥା ଜାଣିବା ପରେ ଚର୍ଚ୍ଚ ତରଫରୁ ଏହି ଯୁବକ ଆସି ତାଙ୍କର ଦେଖାଶୁଣା କରୁଛନ୍ତି । ପ୍ରକୃତ କଥା ହେଲା ଅଲିଭିଆ ଯୁବତୀ ସମୟରୁ ହିଁ ସେହି ଚର୍ଚ୍ଚ ସହିତ ପ୍ରତିବନ୍ଧିତ ଥିଲେ । ସିଏ ଚର୍ଚ୍ଚ ତରଫରୁ କରା ଯାଉଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟରେ ନିଜର ଯୋଗଦାନ ଦେଉଥିଲେ । ସେଥିପାଇଁ ତାଙ୍କୁ ଚର୍ଚ୍ଚ ତରଫରୁ ଏହି ସାହାଯ୍ୟ ଯୋଗାଇ ଦିଆଯାଇଛି ।

ସିଏ ଆହୁରି ମଧ କହିଲେ .......

ଆମେରିକାରେ ପାରିବାରିକ ବ୍ୟବସ୍ଥା ଖୁବ ଦୟନୀୟ । ପିଲାମାନେ ବଡ ହେଲା ପରେ ଘର ଛାଡି ଦିଅନ୍ତି । ସ୍ୱାମୀସ୍ତ୍ରୀ ମଧ ଅନେକ ସମୟରେ ଅଲଗା ହୋଇଯାଆନ୍ତି । ଏଠାରେ କେହି କାହାରି ଜୀବନରେ ହସ୍ତକ୍ଷେପ କରିବାର ନିୟମ ନାହିଁ । ତେଣୁକରି ବୁଢାବୁଢୀମାନେ ଏକୁଟିଆ ରହିଯାଆନ୍ତି ଓ ଅସୁସ୍ଥତା ସମୟରେ ଅସହାୟ ହୋଇପଡନ୍ତି । ଏବେ ଏଠାରେ କିଛି ଚର୍ଚ୍ଚ ଏକ 'ସର୍ଭିସେସ ବ୍ୟାଙ୍କ' ବା 'ସେବା ବ୍ୟାଙ୍କ' ଆରମ୍ଭ କରିଛନ୍ତି । ଯେଉଁଠି ଜଣେ ଚାହିଁଲେ ଯୁବା ବୟସରେ ସେବା ପ୍ରଦାନ କରିପାରିବ । ଯିଏ ଯେତେ ସମୟ ସେବା ପ୍ରଦାନ କରିବ ତାହା ସେବା-ଘଣ୍ଟା ଭାବରେ ତାଙ୍କ ନାମରେ ଜମା ହୋଇରହିବ । ପ୍ରୟୋଜନ ସମୟରେ ବ୍ୟାଙ୍କରୁ ଟଙ୍କା କାଢିଲା ପରି ତୁମର ଗଚ୍ଛିତ ଥିବା ସେବା-ଘଣ୍ଟା ବଦଳରେ ତୁମେ ସେବା ପାଇପାରିବ । ସେଇ ଯୁବକ ବୃଦ୍ଧାଙ୍କର ଯେଉଁ ସେବା କରୁଛି, ତାଙ୍କୁ ଯେଉଁ ସମୟ ଦେଉଛି, ତାହା ତାଙ୍କ ନାଁରେ ଜମା ହୋଇରହିବ। ଯାହାକୁ ସିଏ ଭବିଷ୍ୟତରେ ଆବଶ୍ୟକ ସମୟରେ ସେବା ଆକାରରେ ପାଇପାରିବେ । ଆଜିକାଲି ଆମେରିକାରେ ଅନେକ ଯୁବକ, ଯୁବତୀ ଏପରି କାମରେ ନିୟୋଜିତ ଅଛନ୍ତି । ଏହି ବୃଦ୍ଧା ସହିତ ଥିବା ଯୁବକ ମଧ ତାଙ୍କୁ ଏହି ସେବା ପ୍ରଦାନ କରି ନିଜର ସେବାଘଣ୍ଟା ଗଚ୍ଛିତ ରଖୁଛନ୍ତି ଭବିଷ୍ୟତ ପାଇଁ ।

'ଆରେ ଖୁବ ଭଲ ବ୍ୟବସ୍ଥା ତ !' ସ୍ୱଗତୋକ୍ତି କଲି ମୁଁ ।

ଏମିତି ବ୍ୟାଙ୍କ ବିଷୟରେ ମୁଁ କେବେ ହେଲେ ଶୁଣି ନଥିଲି । କିନ୍ତୁ ବୟସ୍କ ଲୋକଙ୍କ ପାଇଁ ଏହା କେତେ ବେଶୀ ଉପଯୋଗୀ ତାହା ମୁଁ ଅନୁଭବ କରି ପାରୁଥିଲି । ଘରକୁ ଫେରିଲା ବେଳେ ମୁଁ ଭାବୁଥିଲି ଆଜିକାଲି ସମୟ ଯେପରି ବଦଳୁଛି, ପାରିବାରିକ ବ୍ୟବସ୍ଥା ଯେପରି ଦିନକୁ ଦିନ ଭୁଷୁଡିବାରେ ଲାଗିଛି । ହୁଏତ ଆମ ଦେଶରେ ମଧ ଭବିଷ୍ୟତରେ ଏପରି ଏକ ବ୍ୟାଙ୍କର ଆବଶ୍ୟକତା ପଡିବା କିଛି ବିଚିତ୍ର ନୁହେଁ ।

(ଆରଥରକୁ)


♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର-୭୫୧୦୨୨
(ମୋ) ୮୨୪୯୪୩୭୨୭୬


# ଅଥ ଜଗନ୍ନାଥ କଥା



### ମୂଳ ବଙ୍ଗଳା :: ଅଜୟ ବିଶ୍ୱାସ
### ଅନୁବାଦ :: ପ୍ରଦୀପ କୁମାର ରାୟ

ଦିନଟା ଥିଲା କୁମାର ପୂର୍ଣ୍ଣିମା ।

ସକାଳୁ ପ୍ଲାନ୍ ହେଲା ପୁରୀ ମନ୍ଦିରରେ ଆଜି ଲକ୍ଷ୍ମୀ ପୂଜା ଦେଖିବୁ । ମହାଲକ୍ଷ୍ମୀଙ୍କ ମନ୍ଦିରରେ ପ୍ରସାଦ ସେବନ କରିବୁ । କୁମାର ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ଧୌତ ସମୁଦ୍ର କୂଳରେ ବସି ଢେଉ ଗଣିବୁ ।

ଭାବନା ଯେମିତି କାମ ମଧ ସେମିତି । ଭୁବନେଶ୍ୱର ସେକ୍ରେଟେରିଏଟ୍‌କୁ ଯାଇ ପୁରୀ ସର୍କିଟ ହାଉସର ଗୋଟିଏ ସୁଟ୍ ବୁକିଂ କରି ଫେରିଲି । ଅପରାହ୍ନରେ ବାହାରି ରାଜମହଲ ଛକରୁ ମିନି ବସ୍ ଧରି ପୁରୀ । ଘଣ୍ଟାଏ ଯାତ୍ରା ପରେ ଆମେ ପହଞ୍ଚି ଗଲୁ ପୁରୀ ସମୁଦ୍ର ପାଖରେ ଥିବା ନୂଆ ସର୍କିଟ ହାଉସରେ । ପୋଷାକ ବଦଳାଇ, କପେ ଚା' ପିଇ, ରିକ୍ସାରେ ବସି ସି-ବିଚ୍ ରାସ୍ତାଦେଇ ଚାଲିଲୁ ମନ୍ଦିରକୁ ।

ସେତେବେଳେ ସନ୍ଧ୍ୟା ଓହ୍ଲାଇ ଆସୁଛି । ସନ୍ଧ୍ୟାର ଅନ୍ଧାରକୁ ପ୍ରତିହତ କରିବା ପାଇଁ ଅସଂଖ୍ୟ ଜୁଲୁଜୁଲିଆ ପୋକ ପରି ଷ୍ଟ୍ରିଟ୍ ଲାଇଟ୍ ଓ ଦୋକାନମାନଙ୍କର ଲାଇଟ୍ ଝଲସି ଉଠୁଛି । ଦୂରରେ ଆଲୁଅ ଅନ୍ଧାରର ସିଲୁୟେଟ୍‌ରେ ପବନର ବିପରୀତରେ ଫରଫର ହୋଇ ଉଠୁଛି ଜଗନ୍ନାଥଙ୍କର ଧ୍ୱଜା। ପବନର ବିପରୀତରେ ଶ୍ରୀମନ୍ଦିରର ଧ୍ୱଜା କାହିଁକି ଉଡ଼େ ! ମହାପ୍ରଭୁ ଜଗନ୍ନାଥଙ୍କର ଅଲୌକିକ ମହିମାରେ ଆବୃତ୍ତ ଭୋଗ ଘର ଭିତରେ ରୋଷେଇର ରହସ୍ୟ ମଧ । ଥାକ ଥାକ ହୋଇ ଗୋଟାକ ଉପରେ ବଡରୁ ସାନ କ୍ରମରେ ରଖାଯାଇ ମାଟି ହାଣ୍ଡିରେ ପ୍ରସ୍ତୁତ ହୁଏ ପ୍ରଭୁଙ୍କର ମହାପ୍ରସାଦ। ତଳେ ନିଆଁ ଜଳୁଥିଲେ ମଧ ସବା ଉପରର ହାଣ୍ଡିର ଭୋଗ ପ୍ରଥମେ ପ୍ରସ୍ତୁତ ହୋଇଥାଏ । ପ୍ରଭୁ ଜଗନ୍ନାଥଙ୍କର ମହିମା ଅନନ୍ତ...!

ସାଗରର ଫେନିଳ ଢେଉ ବହୁ ଦୂରରୁ ଆସୁ ଆସୁ କଚାଡି ହୋଇ ପଡୁଛି । ହୋ ହା କରି ପଛକୁ ଘୁଞ୍ଚି ଯାଉଛନ୍ତି ତୀରର ମଣିଷମାନେ । ଛୋଟ ଛୋଟ ପିଲାମାନେ । କାହାର ଗୋଟିଏ ବିରାଟ ବେଲୁନ ଭାସିଗଲା।

ଆମର ରିକ୍ସା ସେତେବେଳେ ସ୍ୱର୍ଗଦ୍ୱାର ସାମ୍ନାରେ । ଦୋକାନ ପତ୍ର ଖୋଲା ଥିବା ସତ୍ତ୍ୱେ ଭିଡ଼ ନାହିଁ । ବିଶାଳ ଥାଳି ପରି ପୂର୍ଣ୍ଣିମା ଜହ୍ନର ଜ୍ୟୋତ୍ସ୍ନା ଝରି ପଡୁଛି ମନ୍ଦିର ଉପରେ ।

ରିକ୍ସାରୁ ଓହ୍ଲାଇବା ମାତ୍ରେ ପଣ୍ଡାମାନଙ୍କର ଗହଳି । ଆମ ପଣ୍ଡାଙ୍କର ନାମ କହୁ କହୁ ଭିଡ଼ ଅପସରି ଗଲା । ମନ୍ଦିର ଭିତରେ ବି ବିଶେଷ ଭିଡ଼ ନାହିଁ ।

ଆନନ୍ଦ ବଜାର ପାଖ ଦେଇ ଅତିକ୍ରମ କଲାବେଳେ ଲୋକନାଥ ପଣ୍ଡାଙ୍କର ଦର୍ଶନ ମିଳିଲା । ପାଖରେ ଯାଇ ବସିବା ମାତ୍ରେ ପଚାରିଲେ , 'ବାବୁ , ଆଜି ଆସିଲେ ?'

କହିଲି, 'ଆଜି ତ କୁମାର ପୂର୍ଣ୍ଣିମା । ମା ମହାଲକ୍ଷ୍ମୀଙ୍କର ଭୋଗ ପାଇବୁ ନାହିଁ ?'

ଖୋଲା ଦେହରେ ଲେପ୍‌ଟି ଯାଇଥିବା ପଇତାକୁ ହାତରେ ଘୁରାଉ ଘୁରାଉ କହିଲେ, 'ଆଜି ତ ଏଠି ଲକ୍ଷ୍ମୀ ପୂଜା ନୁହେଁ, ଆଜି ସନ୍ଧ୍ୟାରେ ପୂର୍ଣ୍ଣିମା ଲାଗିଛି । ଏଠି ଆସନ୍ତା କାଲି ଲକ୍ଷ୍ମୀ ପୂଜା ହେବ । ସକାଳୁ ତିଥି ପାଇବ !' ଲୋକନାଥ ପଣ୍ଡାଙ୍କ କଥା ଶୁଣି ନିବେଦିତାଙ୍କର ମୁହଁଟା ସାମାନ୍ୟ ମ୍ଳାନ ହୋଇଗଲା । ଆଖିର ଇସାରାରେ ମୋତେ ପଚାରିଲେ, ତାହାହେଲେ କ'ଣ ହେବ ! ଏତେ ଆଶା କରି ଆସିଥିଲି......!

ପଣ୍ଡାଙ୍କ ସହିତ କିଛି ସମୟ କଥାବାର୍ତ୍ତା ପରେ ପଣ୍ଡା ମହାଶୟ କହିଲେ -'ଆସିଛନ୍ତି ଯେତେବେଳେ ମହାପ୍ରଭୁଙ୍କର ଦର୍ଶନ କରି ଯାଆନ୍ତୁ ।' କଥା ଶେଷ କରି ତାଙ୍କର ଜଣେ ଛଡିଦାରଙ୍କୁ ଡାକି କହିଲେ, 'ମା ଜନନୀଙ୍କୁ ଟିକେ ଦର୍ଶନ କରାଇ ଆଣନ୍ତୁ ।'

ଛଡିଦାରଙ୍କ ସହିତ ଦର୍ଶନ ପର୍ବ ସାରି ଫେରିବା ବେଳକୁ ଅନ୍ଧକାର ଗାଢ଼ ହୋଇଛି । ମନ୍ଦିର ବେଢ଼ା ଆଲୋକରେ ଝଲସି ଉଠିଛି । ଭକ୍ତଙ୍କର ଭିଡ଼ ମଧ ବଢ଼ିଛି । ଆମେ ଆସି ଲୋକନାଥ ପଣ୍ଡାଙ୍କ ପାଖରେ ବସିଛୁ । କିଛି ସମୟ ପରେ ତାଙ୍କୁ ପ୍ରଣାମ କରି ଯିବାପାଇଁ ଉଦ୍ୟତ ହେବାବେଳେ କ'ଣ ଭାବି ପଣ୍ଡା ମହାଶୟ କହିଲେ, 'ମନ୍ଦିରକୁ ଆସିଛନ୍ତି, ଭୋଗ ନନେଇ ଯିବେ ? ଛଡିଦାରଙ୍କୁ ନିର୍ଦ୍ଦେଶ ଦେଲେ, 'ମା ଜନନୀଙ୍କ ପାଇଁ ଭୋଗ ଆଣି ଦିଅନ୍ତୁ ।' ପ୍ରଭୁ କାହାରି ଇଚ୍ଛା ଅପୂର୍ଣ୍ଣ ରଖନ୍ତି ନାହିଁ । ସେ ଯେ ଜଗତର ନାଥ... ଜଗନ୍ନାଥ ।

କିଛି ସମୟ ପରେ ମାଟି ସରାରେ ଯତ୍ନର ସହିତ ପତ୍ର ଘୋଡାଇ ମାଲପୁଆ ଆସି ପହଞ୍ଚି ଗଲା ।

ନିବେଦିତା ମୋତେ ଚାହିଁଲେ, ତାଙ୍କ ଆଖିରେ, ମୁହଁରେ ଅପାର ବିସ୍ମୟ । ମୁକ୍ତା ବିନ୍ଦୁଟିଏ ଯେମିତି ତାଙ୍କ ଆଖି କୋଣରେ ଚିକ୍‌ଚିକ୍ କରୁଛି । ଏମିତି ବି ହୁଏ....! ପ୍ରଭୁ ମୋର ସତରେ ଅନ୍ତର୍ଯ୍ୟାମୀ.....!

କିନ୍ତୁ ବିସ୍ମୟ ଆହୁରି ବାକି ଥିଲା ...!

ମନ୍ଦିରରୁ ବାହାରି ଘଣ୍ଟାକୁ ଚାହିଁ ଦେଖିଲି ରାତି ନଅଟା । ତେଣୁ ସିଧା ସର୍କିଟ ହାଉସକୁ ଯିବାପାଇଁ ପ୍ରସ୍ତୁତ ହେଲୁ। ଏପାଖ ସେପାଖ ରିକ୍ସା ପାଇଁ ଚାହିଁଲି । ଗୋଟାକ ପରେ ଗୋଟିଏ, ଏମିତି ତିନିଟା ରିକ୍ସା ଚାଲିଗଲେ ଚଢା ଦର ହାଙ୍କି । ବରାବର ପନ୍ଦର ଟଙ୍କା ଦେଇ ଆସିଛି । କ୍ଷତ, ପିଲାଛୁଆ ଧରି ଏତେ ବାଟ ଚାଲିଚାଲି ଯିବା ଅସମ୍ଭବ ।

ଠିକ୍ ସେତେବେଳେ ଅନ୍ଧକାର ଭେଦ କରି ଗୋଟିଏ ରିକ୍ସା ଆସି ଆମ ଆଗରେ ଅଟକିଲା। 'ମା, କୁଆଡେ ଯିବେ କି ?' ମୁଁ ଉତ୍ତର ଦେଲି, 'ସର୍କିଟ ହାଉସ ।' ଏଥର ଆଉ ଭଡ଼ା କଥା ନ ପଚାରି ରିକ୍ସାରେ ବସି ପଡିଲୁ ।

ଦଶ ମିନିଟ ପରେ ସର୍କିଟ ହାଉସର ଗେଟ୍ ଆଗରେ ଆମର ରିକ୍ସା ଅଟକିଲା । 'କେତେ ଟଙ୍କା ଦେବି ?'

ମୋତେ ଲଜ୍ଜାରେ ପକାଇ ଆଣ୍ଠୁ ପର୍ଯ୍ୟନ୍ତ ମଇଳା ଧୋତି ଓ ଦେହରେ ଗୋଟିଏ ଧୂଳି ଧୂସରିତ ସାର୍ଟ ପିନ୍ଧା ରୋଗା ବୃଦ୍ଧ ରିକ୍ସାବାଲା ପରିଷ୍କାର ବାଂଲାରେ କହିଲେ, -

'ପନ୍ଦର ଟଙ୍କା ।' ମୁଁ ପନ୍ଦର ଟଙ୍କା ବଢ଼ାଇ ଦେଲି, ମୋତେ ଅବାକ୍ କରିଦେଇ ସେ କହିଲେ,'କ'ଣ ବାବୁ ଖୁସି ତ ..!' ତାପରେ ହାତ ଯୋଡ଼ି ନମସ୍କାର କଲେ ।

ମୋ'ର ବିସ୍ମୟର ତନ୍ଦ୍ରା କଟିବା ପୂର୍ବରୁ ରିକ୍ସା ସହିତ ସେ ଅନ୍ଧକାର ଭିତରେ ମିଳେଇ ଯାଇଥିଲେ ।

ସେ ଏମିତି ହିଁ ଆସନ୍ତି, ଆଉ ଏମିତି ଚାଲି ବି ଯାଆନ୍ତି । ଆଉ ଚାଲିଯିବା ପରେ ହତାଶ ମନ ଗୁଣୁ ଗୁଣୁ କରୁଥାଏ .. ଆସିଥିଲ, ତଥାପି ଆସିନାହଁ, ଜଣାଇ ଗଲ ଖାଲି.....!

'ସେ ଦେଖା ଦିଏରେ... ଧରା ଦିଏ ନାହିଁ.. ଖୋଜିଲେ ସାରାଜୀବନ ମିଳେ ନାହିଁ ।' ସତରେ ଆଜୀବନ ଖୋଜିଲେ ମଧ ଦେଖା ମିଳେନାହିଁ... କେବଳ ଆଭାସ ରଖିଦେଇ ଯାଏ ବତାସରେ...!

ମା ଯଶୋଦାଙ୍କର ଲବଣୀ ଚୋର କୃଷ୍ଣଙ୍କୁ ନେଇ ମଧୁର ବାତ୍ସଲ୍ୟର କାହାଣୀ ପରି ଆଉଜଣେ ମା'ଙ୍କର କଥା ମନେ ପଡିଗଲା । ତାଙ୍କର ନାମ କର୍ମାବାଇ । ରହୁଥିଲେ ଶ୍ରୀମନ୍ଦିରର ଖୁବ୍ ନିକଟରେ ଗୋଟିଏ କୁଡ଼ିଆରେ । ଆପତ୍ୟ ସ୍ନେହରେ ଭଲ ପାଉଥିଲେ ଜଗତର ନାଥ ଜଗନ୍ନାଥଙ୍କୁ । ଜଗନ୍ନାଥ ତାଙ୍କର 'ଲାଡଲି ବାବୁଆ' ।

ପ୍ରତିଦିନ ସକାଳେ ନିଦରୁ ଉଠିବା ପରେ ତାଙ୍କର ବାବୁଆ ପାଇଁ ଖେଚୁଡ଼ି ବାନ୍ଧିବାକୁ ବସି ପଡୁଥିଲେ । କାରଣ ସକାଳ ନ ହେଉଣୁ ତାଙ୍କର ବାବୁଆ ଆସି ଦରଜା ଆଗରେ ଛିଡା ହେଉଥିଲେ । ଭୀଷଣ ଭୋକ ଲାଗୁଛି ଯେ..!




କର୍ମାବାଇ ଅତି ଯତ୍ନକରି ଖେଚୁଡ଼ି ରାନ୍ଧୁଥିଲେ । ରତ୍ନ ସିଂହାସନରୁ ଓହ୍ଲାଇ ବାଳକ ବେଶରେ ଶ୍ରୀଜଗନ୍ନାଥ ଚାଲି ଆସୁଥିଲେ ସେହି ଖେଚୁଡ଼ି ଲୋଭରେ । ମାଟିର ସରାରେ ନଡ଼ିଆ କୋରା ପଡ଼ିଥିବା ଖେଚୁଡ଼ି ଖାଇ ଫେରି ଯାଉଥିଲେ ରତ୍ନ ସିଂହାସନକୁ । କେହି ଏହାର ସୂରାକ ମଧ ପାଉନଥିଲେ ।

ଦିନେ ପ୍ରଭୁ ଶ୍ରୀଜଗନ୍ନାଥ ଖେଚୁଡ଼ି ଖାଇସାରିବା ପରେ ମୁହଁ ନଧୋଇ ତରତର ହୋଇ ଫେରି ଯାଇଥିଲେ ରତ୍ନ ସିଂହାସନକୁ । ସକାଳେ ମନ୍ଦିରର ପୂଜକ ଆସି ଦେଖନ୍ତି ପ୍ରଭୁଙ୍କ ମୁହଁରେ ଖେଚୁଡ଼ି ଲାଗିଛି । କିଏ ପ୍ରାତଃ କାଳରୁ ଆସି ପ୍ରଭୁଙ୍କୁ ଖେଚୁଡ଼ି ଖୁଆଇଛି ? କେଉଁଠାରୁ ଆସିଛି ଏହି ପ୍ରସାଦ ? ଚାରିଆଡେ ଚହଳ ପଡ଼ିଗଲା । କର୍ମାବାଇ ଏକଥା ଶୁଣିବା ପରେ କହିଲେ - 'ମୁଁ ତ ମୋର ବାବୁଆକୁ ପ୍ରତିଦିନ ଖେଚୁଡ଼ି ରାନ୍ଧି ଖୁଆଉଛି, କାହିଁ କେତେ ଦିନରୁ।'

କେମିତି ଖେଚୁଡ଼ି ରୋଷେଇ କରୁଥିଲେ କର୍ମାବାଇ ?

ମୁଠାଏ ଅରୁଆ ଚାଉଳ ଆଉ ମୁଠାଏ ମୁଗ ଡାଲି ଭଲଭାବରେ ଧୋଇ ଗରମ ପାଣିରେ ପକାଇ କିଛି ସମୟ ଚୁଲି ଉପରେ ବସାଇ ଘୋଡ଼ାଇ ରଖୁଥିଲେ । ଚାଉଳ ଡାଲି ସିଝି ଆସିଲେ ସେଥିରେ ତେଜପତ୍ର, ଲୁଣ, ହଳଦୀ ଇତ୍ୟାଦି ମିଶାଇ ଘାଣ୍ଟି ଦେଉଥିଲେ । ଚୁଲିରୁ ହାଣ୍ଡି ଓହ୍ଲାଇବା ପରେ ସେଥିରେ ନଡ଼ିଆ କୋରା ଓ ଗୁଡ଼ ମିଶାଇ ଘାଣ୍ଟିଦେଲେ ତ ବାବୁଆର ପ୍ରିୟ ଖେଚୁଡ଼ି ପ୍ରସ୍ତୁତ ହୋଇ ଯାଉଥିଲା ।

ମା 'ଙ୍କ ହାତରୁ ପ୍ରତିଦିନ ଅତି ସରାଗରେ ଖେଚୁଡ଼ି ଖାଇ ଆସୁଥିଲେ ବାଳକ ଜଗନ୍ନାଥ । ଦିନେ ପ୍ରାତଃ କାଳରେ ମନ୍ଦିରକୁ ପ୍ରବେଶ କରିବା ମାତ୍ରେ ଜଗନ୍ନାଥଙ୍କୁ ଚାହିଁ ଚମକି ପଡିଲେ ପୂଜକମାନେ । ଏକଣ... ପ୍ରଭୁଙ୍କର ଦୁଇ ଚକାନୟନରୁ ବୋହି ଯାଉଛି ଅଶ୍ରୁ ଧାରା । ଜଣାଗଲା ଯେ ପୂର୍ବଦିନ ରାତିରେ ବାଳ ଜଗନ୍ନାଥଙ୍କର ମାତା ଦେହତ୍ୟାଗ କରିଛନ୍ତି । ମା'ଙ୍କ ହାତର ଖେଚୁଡ଼ି ଖାଇବାରୁ ବଞ୍ଚିତ ହେବା ଦୁଃଖରେ ଜଗତର ନାଥ ଜଗନ୍ନାଥଙ୍କ ଆଖିରେ ଲୁହର ବନ୍ୟା ।

ସେହିଦିନ ଠାରୁ ଗଜପତିଙ୍କ ନିର୍ଦ୍ଦେଶରେ ପ୍ରତିଦିନ ସକାଳ ଧୂପ ଜଗନ୍ନାଥଙ୍କ ଠାରେ କର୍ମାବାଇଙ୍କ ଭଳି ଖେଚୁଡ଼ି ଭୋଗ ପ୍ରସ୍ତୁତ କରି ଲାଗି କରାଯାଉଛି ।

ମା'ଙ୍କ ସ୍ନେହର ଖେଚୁଡ଼ି ଏବେ ମଧ ଠାକୁରଙ୍କର ଛପନ ଭୋଗ ଭିତରେ ଅନ୍ୟତମ। କର୍ମାବାଇଙ୍କ ବାତ୍ସଲ୍ୟ ମମତାର ଆକର୍ଷଣରେ ଜଗନ୍ନାଥ ହୋଇଥିଲେ ବାଳକ ଜଗନ୍ନାଥ । ସେହି ମା କେଉଁ କାଳରୁ ଆଶ୍ରୟ ଲାଭ କରିଛନ୍ତି ବୈକୁଣ୍ଠ ଲୋକରେ । ଆଉ ଆମେ ଆଜି ବି ସେହି ଭୋଗ ଉପଭୋଗ କରୁଛୁ

ବୋଧହୁଏ ଅଲୌକିକ ଲୌକିକର ମିଳନ ଏହାକୁ ହିଁ କହନ୍ତି ।

ମୋର ଆଖିରେ ମଧ ଲୋତକର ବନ୍ୟା.....!

( ବଙ୍ଗଳା ଆନନ୍ଦ ବାଜାର ପତ୍ରିକାର ଓଡ଼ିଶା ବ୍ୟୁରୋ ଚିଫ୍ ଭାବରେ ଦୀର୍ଘଦିନ ଓଡ଼ିଶାରେ ଅତିବାହିତ କରିଥିବା ସାମ୍ବାଦିକ ଶ୍ରୀଯୁକ୍ତ ଅଜୟ ବିଶ୍ୱାସଙ୍କ ବାଂଲା ଭାଷାରେ ରଚିତ 'ଅଥ ଜଗନ୍ନାଥ କଥା' ପୁସ୍ତକର ଗୋଟିଏ ପରିଚ୍ଛେଦର ଓଡ଼ିଆ ଅନୁବାଦ )


♥ ଅବସରପ୍ରାପ୍ତ ଅଧ୍ୟକ୍ଷ
କୁଚିଣ୍ଡା ମହାବିଦ୍ୟାଳୟ, ସମ୍ବଲପୁର
(ମୋ) ୯୪୩୭୫୩୪୭୭୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୬ ଜୁଲାଇ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚିଇନ୍ତା ସାପ୍ତାହିକ କ୍ରୋଡ଼ପତ୍ର

ଦୃଷ୍ଟିକୋଣ-୧୬

# ସାହିତ୍ୟରେ ଅଶ୍ଳୀଳତା କେତେ ପ୍ରାସଙ୍ଗିକ ?



♥ ଡ. କାଳୀପଦ ପଣ୍ଡା

'ସାହିତ୍ୟ' ଯାହା ସମାଜର ହିତ ଉଦ୍ଦେଶ୍ୟରେ ଅଭିପ୍ରେତ। ତାହା ସର୍ବଦା ସତ୍ୟ, ଶିବ ଓ ସୁନ୍ଦର। ସର୍ବଦା ମଙ୍ଗଳଦାୟକ। ସମାଜରେ ଶାନ୍ତି ସଂହତି, ମୈତ୍ରୀ, ଭାତୃତ୍ୱ ନିର୍ମାଣ ସହ ମଣିଷକୁ ଏକ ରୁଚିଶୀଳ ସୁସଂଯତ ଜୀବନନିର୍ବାହ ପାଇଁ ପ୍ରେରଣା ଯୋଗାଇଥାଏ। ବ୍ୟକ୍ତିର ଚିନ୍ତା ଓ ଚେତନାକୁ ଉର୍ଦ୍ଧ୍ୱମୁଖୀ କରାଇଥାଏ।

ଲେଖକକୁ ସାହିତ୍ୟର କୌଣସି ବିଭାଗରେ ତା'ର ଚିନ୍ତା ଓ ଚେତନାକୁ ପରିସ୍ଫୁଟନ କଲାବେଳେ ଯଥେଷ୍ଟ ସର୍ତ୍ତକତା ଅବଲମ୍ବନ କରିବାକୁ ପଡ଼ିଥାଏ। କାରଣ ତା'ର ଲେଖା ମଧ୍ୟରେ ଯେଭଳି ଅରୁଚିକର ଓ ଅଶାଳୀନ ଭାଷା ବା ବର୍ଣ୍ଣନା ପ୍ରକାଶ ପାଇ ସମାଜକୁ ବିଭ୍ରାନ୍ତି ଆଡ଼କୁ ନେଇ ନଯାଏ, ସେ ଦିଗରେ ତାକୁ ଯଥେଷ୍ଟ ଯତ୍ନଶୀଳ ହେବାକୁ ପଡ଼ିଥାଏ। ସବୁ ସତ୍ୟ ପ୍ରକାଶଯୋଗ୍ୟ ନୁହଁ। ସତ୍ୟର ପରିପ୍ରକାଶ ମଧ୍ୟରେ ଶାଳୀନତାପୂର୍ଣ୍ଣ କଳାତ୍ମକଦିଗ ନଫୁଟିଲେ ତାହା ସାହିତ୍ୟ ପଦବାଚ୍ୟ ହୋଇନପାରେ। କେବଳ ଶବ୍ଦରୋପଣ ମଧ୍ୟରେ ଅତିବାସ୍ତବ କଥାକୁ କହିଦେଲେ ତାହା ସାହିତ୍ୟ ପର୍ଯ୍ୟାୟରେ ଉନ୍ନୀତ ହୋଇନପାରେ। ପ୍ରକାଶ କରିବାର ଶୈଳୀ, ବର୍ଣ୍ଣନା ସହ ତାର ରୁଚିବୋଧ ରହିତ କଳାତ୍ମକଦିଗ ବି ପ୍ରକାଶ ପାଉଥିବା ଦରକାର।


'ଅଶ୍ଳୀଳତା' କହିଲେ ଆମେ ବୁଝୁ ଯାହା ଲଜ୍ୟାପ୍ରଦ, କୁରୁଚିପୂର୍ଣ୍ଣ ବା କାମବିଷୟକ, ଯାହାକୁ ସାଧାରଣରେ ନିନ୍ଦନୀୟ ପର୍ଯ୍ୟାୟର। ଏହା ଘୃଣିତ। ବ୍ୟକ୍ତିର ଚେତନାକୁ କଳୁଷିତ କରିବା ସହିତ ସମାଜର ବାତାବରଣକୁ ଦୂଷିତ କରିବାରେ କ୍ଷେତ୍ର ପ୍ରସ୍ତୁତ କରେ।

ସାହିତ୍ୟରେ ଅଶ୍ଳୀଳତା କେତେ ପ୍ରାସଙ୍ଗିକ, ଏହି ବିଷୟଟିକୁ ଚର୍ଚ୍ଚା କଲାବେଳେ ଏହା ଏକ ବିବଦମାନ ପ୍ରଶ୍ନ ରୂପେ ଛିଡ଼ାହୁଏ। ସାହିତ୍ୟରେ ଅଶ୍ଳୀଳତା ରହିବ କି ନାହିଁ ପୁଣି ତାହା କେଉଁ ପର୍ଯ୍ୟାୟ ପଯ୍ୟନ୍ତ ପ୍ରକାଶଯୋଗ୍ୟ, ତାର ମାପଦଣ୍ଡ ନିର୍ଦ୍ଧାରଣ ହୋଇପାରିଛି କି ଏମିତି ଅନେକ ପ୍ରଶ୍ନ ମନକୁ ଆନ୍ଦୋଳିତ କରିଥାଏ। ଅଶ୍ଳୀଳତା ସାହିତ୍ୟରେ ଥିଲା, ଅଛି ଓ ଆଗାମୀଦିନରେ ରହିବ। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଏହି ଅଶ୍ଳୀଳତା ପ୍ରକାଶ ସମୟରେ ଯଦି ପାଠକ ତା' ଦ୍ୱାରା ଉଦ୍‌ଭ୍ରାନ୍ତ ହୁଏ କିମ୍ବା ତା' ମନ ମଧ୍ୟରେ କୁତ୍ସିତ ଭାବନା ଜାଗ୍ରତ ହୁଏ ତେବେ ତାହା ନିର୍ବାସନ ଯୋଗ୍ୟ। କୌଣସି ବାସ୍ତବ ସତ୍ୟକୁ ପ୍ରକାଶ କଲାବେଳେ ଶବ୍ଦର ଘୋଡ଼ଣୀ ମଧ୍ୟରେ ରୁଚିପୂର୍ଣ୍ଣ ପରିଭାଷାରେ ତାହାକୁ ପ୍ରକାଶ କଲେ ତାହା ବରଂ ସମାଜ ପାଇଁ ଶିକ୍ଷଣୀୟ ଓ ହିତକର ହୋଇଥାଏ, କିନ୍ତୁ ଅରୁଚିକର ଚିତ୍ତ ଉତ୍ତେଜନାକାରୀ ଶବ୍ଦାଡ଼ମ୍ବରରେ ଯାହା ଗୋପନ ପର୍ଯ୍ୟାୟର ତାହାକୁ ପ୍ରକାଶ କରି ସମାଜକୁ ବିଭ୍ରାନ୍ତିକର ସ୍ଥିତି ଆଡ଼କୁ ନେଇଯିବାର ମାନସିକତା କେବେ ସାହିତ୍ୟର ମୂଳଧର୍ମ ରକ୍ଷା କରିନଥାଏ। ଆମ ମନ୍ଦିର ଗାତ୍ରମାନଙ୍କର ଖୋଦିତ ଅନେକ ମୂର୍ତ୍ତି (ଯେମିତି କି କୋଣାର୍କ, ଅଜନ୍ତା, ଖଜୁରାହୋ) ପ୍ରଭୃତିରେ ସ୍ଥାନ ପାଇଛି ତାହାକୁ ଅଶ୍ଳୀଳତା ପର୍ଯ୍ୟାୟରେ ନନେଇ ବରଂ ତାହା କ୍ଲାସିକ୍ କଳାଭାବରେ ଗୃହୀତ ହୋଇଛି। କାରଣ ଏଥିରେ ସୃଷ୍ଟିର ଚିରନ୍ତନତା ଓ ସତ୍ୟର ପ୍ରଚାର ହୋଇଛି। ଶୈବ, ଶାକ୍ତ, ବୈଷ୍ଣବ ପୀଠ ଓ ମଠ ଆଦିରେ ବାତ୍ସାୟନଙ୍କ କାମଶାସ୍ତ୍ରର ଚଉଷଠି କଳାକାରିଗରୀର ପ୍ରକାଶନ ସ୍ଥଳ ହୋଇଛି। ତେବେ ସାହିତ୍ୟରେ ନରନାରୀଙ୍କର ଯୌନ-ଜୀବନର ବର୍ଣ୍ଣନା କଲାବେଳେ ତାହା କେଉଁ ପର୍ଯ୍ୟାୟ ପର୍ଯ୍ୟନ୍ତ ପ୍ରକାଶଧର୍ମୀ ସେ ଦିଗକୁ ଯତ୍ନବାନ ନହୋଇ ଯଦି ଗୋପନୀୟ ସ୍ଥାନ ଓ ଘଟଣାର ଉପସ୍ଥାପନା କରାଯାଏ ତାହା ପାଠକଙ୍କୁ ବିପଥଗାମୀ କରାଏ, ଯାହାକି ବର୍ଜନୀୟ। ସାହିତ୍ୟ କ୍ଷେତ୍ରରେ ଅଶ୍ଳୀଳତା ସେତିକିବେଳେ ଗ୍ରହଣୀୟ ହୁଏ ଯେଉଁଠାରେ ମାନବକଲ୍ୟାଣ ସହ ମଣିଷକୁ ଏକ ଅନ୍ତର୍ନିହିତ ସତ୍ୟକୁ ଜଣାଉଥିବ। ଯେମିତି କି ଦିନେ ପାପୀଷ୍ଠ ମହିଷାସୁର ହତ୍ୟା କରିବା ପାଇଁ ଜଗତ୍‌ଜନନୀ ମାଆ ଜଗଦମ୍ବା ମୋହିନୀ ରୂପ ଧାରଣ କରି ବିବସନା ହେବାର ଘଟଣା, ଯାହା ମାନବକଲ୍ୟାଣ ପାଇଁ ଅଭିପ୍ରେତ। ମହାକବି କାଳିଦାସଙ୍କ 'କୁମାର ସମ୍ଭବମ୍' କିମ୍ବା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ବର୍ଣ୍ଣନା ଆମ ସାହିତ୍ୟର ଏକ ରୁଚିଶୀଳ ଉନ୍ନତ କଳାତ୍ମକ ଉଚ୍ଚାଙ୍ଗ ସାହିତ୍ୟର ପରିପ୍ରକାଶ। ବିଶ୍ୱ ବିଭିନ୍ନ ଦେଶରେ ଯେଉଁ ରଚନା ଗୁଡ଼ିକ କାଳକାଳ ଧରି ଜନସମାଜରେ ସ୍ୱୀକୃତ ତାହା ଉଭୟ ନାରୀ ଓ ପୁରୁଷର ଯୌନଜୀବନକୁ ନେଇ ରଚିତ, ଏଥିରେ କୌଣସି ଦ୍ୱିମତ ନାହିଁ। ତାହା କିନ୍ତୁ ଅଶ୍ଳୀଳ ପର୍ଯ୍ୟାୟରେ ଗ୍ରହଣୀୟ ହୋଇନାହିଁ। କାରଣ ସେହିସବୁ ରଚନାରେ ଉଭୟ ପୁରୁଷ ଓ ନାରୀର ସ୍ୱାଭାବିକ ଯୌନପିପାସାର ବାସ୍ତବତାକୁ ନିଖୁଣ ଫୁଟାଯାଇଛି। ତହିଁରେ ଜୀବନଦର୍ଶନ ଓ ସତ୍ୟର ହୋଇଛି ପରିପ୍ରକାଶ। ସେହିସବୁ ପୁସ୍ତକର ବଜାର ଚାହିଦା ମଧ୍ୟ ଯଥେଷ୍ଟ। କିନ୍ତୁ ଶସ୍ତା ଶବ୍ଦରୋପଣ ମଧ୍ୟରେ କେବଳ ଶରୀରର ନଗ୍ନ ବର୍ଣ୍ଣନାରେ ଯେଉଁ କାବ୍ୟ କବିତା କିମ୍ବା କାହାଣୀ ଲେଖାଯାଏ ତାହା କେବେ ସାହିତ୍ୟର ମର୍ଯ୍ୟାଦା ପାଇପାରେନା। ତାହା ପାଠକର ମନ ଓ ଶରୀରକୁ କେବଳ ଉତ୍ତେଜିତ କରିବା ପାଇଁ ଉଦ୍ଦିଷ୍ଟ ହୋଇଯାଏ। ଯାହାକୁ ଆମକୁ ଅଶ୍ଳୀଳ ପର୍ଯ୍ୟାୟରେ ଗ୍ରହଣ କରିବାକୁ ପଡ଼ିଥାଏ। ଏହାକୁ ଅଧିକ ସ୍ପଷ୍ଟ ଭାବେ କହିବାକୁ ଗଲେ ଏହା ଶାଳୀନତାହୀନ ଅରୁଚିକର ପର୍ଯ୍ୟାୟର। ଏହାକୁ ଆମେ ଦୁଷ୍ଟବ୍ରଣ କହିପାରୁ। କେହି କେହି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟକୁ ଶ୍ଳୀଳ ଓ ଅଶ୍ଳୀଳ ମଧ୍ୟରେ ତର୍ଜମା କରି ମତ ଓ ମନ୍ତବ୍ୟ ଦେଇଥାନ୍ତି। କିନ୍ତୁ ତାଙ୍କ ସାହିତ୍ୟ ଯେ କେତେ ରସୋତୀର୍ଣ୍ଣ ତାହା କାହାକୁ ଅଜଣା ନୁହେଁ। ତାଙ୍କ ଭାଷା ସଂଯୋଜନାର ଉଚ୍ଚାଙ୍ଗପଣ ଓ ଉପମା ଅଳଙ୍କାର ବର୍ଣ୍ଣନା ଚାତୁରୀ ସମଗ୍ର ବିଶ୍ୱ ସାହିତ୍ୟରେ ବିରଳ। ତାଙ୍କ ସାହିତ୍ୟରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଥିବା ଆଦିମପିପାସାକୁ ଯେଭଳି ରୁଚିପୂର୍ଣ୍ଣ ଢ଼ଙ୍ଗରେ ନାନାବିଧ ଅଳଙ୍କାରରେ ମଣ୍ଡିତ ହୋଇ ପରିପ୍ରକାଶ ଘଟିଛି ତାହା ସାହିତ୍ୟର ଯେଉଁ ମୂଳଧର୍ମ ତାହାକୁ ଅକ୍ଷୁର୍ଣ୍ଣ ରଖିଛି। ମାତ୍ର ସଂପ୍ରତି ସ୍ଥିତିରେ ଆମ ସାହିତ୍ୟ ଜଗତରେ କେତେକ ଦେଶ-କାଳ-ପାତ୍ରକୁ ଆଖି ଆଗରେ ନରଖି ସମାଜ ଓ ପରିବେଶକୁ ବିଚାର ନକରି ରୁଚିହୀନ ଶସ୍ତା ଭାଷାରେ ଯେଭଳି ବର୍ଣ୍ଣନାରେ କାବ୍ୟ କବିତା ବା କାହାଣୀ ରଚନା କରୁଛନ୍ତି ତାହା ଏକ ଗମ୍ଭୀର ବିଷୟ ସମସ୍ତଙ୍କ ପାଇଁ ସୃଷ୍ଟି କରିଛି। ଗୋଟିଏ ଭୂଖଣ୍ଡ ତା'ର ଆତ୍ମପରିଚିତି ନିଜସ୍ୱ ପରମ୍ପରା ଓ ସଂସ୍କୃତିକୁ ଭିତ୍ତିକରି ବିଶ୍ୱ ଦରବାରରେ ସତନ୍ତ୍ର ପରିଚିତି ଲାଭ କରିଥାଏ। ଏତେବେଳେ ସେ ଭୂମିର ଲେଖକମାନଙ୍କୁ ସେ ଭୂଖଣ୍ଡର ପରମ୍ପରା ଓ ସାଂସ୍କୃତିକ ଜୀବନଧାରାକୁ ଅତୁଟ ରଖି ସେମାନଙ୍କର ଲେଖନୀକୁ ଚଳଚଞ୍ଚଳ କରିବାକୁ ପଡ଼ିଥାଏ। ଏହାର ପରିପନ୍ଥୀ ହେଲେ ସେହି ଭୂମିର ଅଗଣିତ ଜନତା ସେ ଲେଖକଙ୍କୁ କେବେ କ୍ଷମା ଦେଇନଥାନ୍ତି ବରଂ ଅଶ୍ଳୀଳତାର ଆରୋପରେ ଆରୋପିତକରି ତାଙ୍କୁ ଭର୍ତ୍ସନା କରିଥାନ୍ତି। ରାତାରାତି ନିଜକୁ ଚର୍ଚ୍ଚାର ବଳୟ ଭିତରେ ରଖିବାକୁ ଚାହିଁ ଶସ୍ତା ଚିତ୍ତଉତ୍ତେଜନାକାରୀ ଲେଖା ଲେଖିଦେଲେ ଭବିଷ୍ୟତ ସମୟ ଏଭଳି ରଚନାକୁ ପ୍ରତ୍ୟାଖ୍ୟାନ କରିବା ହିଁ ସାର ହେବ।

ଅଶ୍ଳୀଳତାର ଆରୋପରେ ଭାରତ ସମେତ ବିଶ୍ୱର ବହୁ ଦେଶରେ କେତେ କେତେ ପୁସ୍ତକ ବାଜ୍ୟାପ୍ତି ହୋଇଛି। ସମାଜକୁ ବିଭ୍ରାନ୍ତ କଲାଭଳି ବା ମଣିଷର ଚେତନାକୁ ନିମ୍ନମୁଖୀ କଲାଭଳି ରଚନା କେବେ ହେଲେ ଗ୍ରହଣୀୟ ହୋଇନାହିଁ। ସାହିତ୍ୟରେ ଅଶ୍ଳୀଳତାର ପ୍ରାସଙ୍ଗିକତା ଏକ ବିତର୍କିତ ବିଷୟ।

♥ ସୁନାରୁଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ) ୯୪୩୭୦୮୯୨୪୧

# ବଡ଼ ଠାକୁରଙ୍କ ସୁନା ବେଶ



ବିଷ୍ଣୁ ପ୍ରସାଦ ଦାସ



ହିନ୍ଦୁ ମାନଙ୍କର ଆରାଧ ଦେବତା ଶ୍ରୀ ଜଗନ୍ନାଥ ମହାପ୍ରଭୁ ଅଗ୍ରଜ ଶ୍ରୀ ବଳଭଦ୍ର ମହାପ୍ରଭୁ ଏବଂ ଭଗ୍ନୀ ମା ସୁଭଦ୍ରା ଦେବୀ ରତ୍ନ ସିଂହାସନ ରେ ବସି ସାରା ପୃଥିବୀର ହିନ୍ଦୁ ଧର୍ମାବଲମ୍ବୀ ଆବାଳ ବୃଦ୍ଧ ବନିତାଙ୍କୁ ଦର୍ଶନ ଦିଅନ୍ତି । ହିନ୍ଦୁ ଧର୍ମ ରକ୍ଷକ ମାନେ ଅଣ-ହିନ୍ଦୁ ମାନଙ୍କୁ ମନ୍ଦିର ପ୍ରବେଶ ନିଷେଧ କରିଛନ୍ତି , ତେଣୁ ପ୍ରଭୁ ସ୍ୱୟଂ ରତ୍ନ ସିଂହାସନରୁ ବାହାରି ନିଜ ଭ୍ରାତା ଏବଂ ଭଗିନୀଙ୍କୁ ନେଇ ବର୍ଷକୁ ଥରେ ମନ୍ଦିର ବାହାରକୁ ଆସି ରଥ ଚଢ଼ି ମାଉସୀ ଗୁଣ୍ଡିଚାଙ୍କ ଘରକୁ ବୁଲି ଯାଆନ୍ତି । ଏହି ନଅ ଦିନ ବ୍ୟାପୀ ରଥ ଯାତ୍ରା ଏବଂ ବାହୁଡ଼ା ଯାତ୍ରା ସମୟରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲକ୍ଷ ଲକ୍ଷ ଭକ୍ତ ବଡ ଦାଣ୍ଡରେ ରଥ ଉପରେ ତିନି ଠାକୁରଙ୍କୁ ଚର୍ମ ଚକ୍ଷୁ ରେ ଦର୍ଶନ କରି ନିଜକୁ ଧନ୍ୟ ମନେ କରନ୍ତି। ଏହି ନଅ ଦିନ ବ୍ୟାପୀ ଯାତ୍ରା ସମୟରେ ବଡ ଠାକୁର ତାଙ୍କ ଅଗ୍ରଜ ତଥା ଭଗ୍ନୀଙ୍କ ପାଇଁ ଅନେଗୁଡ଼ିଏ ନୀତି ନିୟମ ପାଳନ ହୁଏ । ମାଉସୀ ଗୁଣ୍ଡିଚାଙ୍କ ଘରୁ ଫେରି ଶ୍ରୀ ମନ୍ଦିର ସମ୍ମୁଖରେ ସଗର୍ବେ ଦଣ୍ଡାୟମାନ ନନ୍ଦୀ ଘୋଷ, ଦର୍ପଦଳନ ଏବଂ ତାଳଧ୍ୱଜ ରଥ ଉପରେ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବା ତିନି ଠାକୁର ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ସୁନା ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଅତୀବ ମନୋରମ ଚକ୍ଷୁ ଝଲସାଇ ଦେଲା ଭଳି ସୁନା ବେଶ ବିଷୟରେ ନିଜ ସୀମିତ ଜ୍ଞାନରୁ କିଛି ଲେଖିବାକୁ ଚେଷ୍ଟା କରିଛି ତେଣିକି ସ୍ୱୟଂ ମହାପ୍ରଭୁଙ୍କ ଇଚ୍ଛା ।

ଇତିହାସକୁ ଅବଲୋକନ କଲେ ଜଣାପଡେ ଯେ, ରାଜା ଅନଙ୍ଗଭୀମ ଦେବ (୧୨୧୧-୧୨୩୮) ଓଡ଼ିଆଙ୍କ ପରମ ଆରାଧ ଦେବତା ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ରୂପେ ଘୋଷଣା କରିଥିଲେ ଏବଂ ସେହି ସମୟରେ ରାଜା ମହାରାଜା ମାନେ ପ୍ରଭୁଙ୍କ ଆଦେଶ ବାହକ ସେବକ ରୂପେ ସେବା କରୁଥିଲେ । କିଛି ରାଜା ମହାପ୍ରଭୁଙ୍କୁ ଓଡ଼ିଶାର ରାଜା ରୂପେ ଘୋଷଣା କରି ରାଜଭିଷେକ ମଧ କରି ଥିଲେ, କିଛି ଗବେଷକଙ୍କ ମତରେ ରାଜା ଅନଙ୍ଗଭୀମ ଦେବ ପବିତ୍ର ଆଷାଢ଼ ଏକାଦଶୀ ତିଥିରେ ସୁନାବେଶ କରାଇ ଥିଲେ । ଅନ୍ୟ କେତେ ଗବେଷକଙ୍କ ମତରେ ରଥ ଉପରେ ସୁନାବେଶ ବଡ଼ ତଡାଉଙ୍କ ପରାମର୍ଶରେ ରାଜା କରାଇ ଥିଲେ । ରାଜା କପିଳେନ୍ଦ୍ର ଦେବ ୧୪୬୦ରେ କାଞ୍ଚି ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ସୁନା ଅଳଙ୍କାର ଆଣିଥିଲେ ଏବଂ ଏହାକୁ ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳା ଲେଖରେ ସୂଚନା ରହିଛି । ପ୍ରତିବର୍ଷ ପାଞ୍ଚ ଥର ସୁନାବେଶ ହୋଇ ଥାଏ ତନ୍ମଧ୍ୟରୁ ଚାରି ଥର ଶ୍ରୀ ମନ୍ଦିର ମଧ୍ୟରେ ଏହା ସମ୍ପର୍ଣ୍ଣ ହୋଇ ଥାଏ, ସେହି ପବିତ୍ର ଦିନ ଗୁଡିକ ହେଲା - ପୌଷ ପୂର୍ଣ୍ଣମା, ଫାଲ୍ଗୁନ ପୂର୍ଣ୍ଣମା ଅଶ୍ୱିନ ଶୁକ୍ଳ ଦଶମୀ ଏବଂ କାର୍ତ୍ତିକ ପୂର୍ଣ୍ଣମା । ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁ ବର୍ଗରେ ଭକ୍ତ ଦର୍ଶନ କରି ପାରୁ ନାହାନ୍ତି ତେଣୁ ରଥ ଉପରେ ସବୁ ବର୍ଗର ଭକ୍ତ ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇ ବାକୁ ବଡ଼ତଡାଉ ରାଜାଙ୍କୁ ଅନୁରୋଧ କରିଥିଲେ । ବାହୁଡା ଯାତ୍ରା ବା ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ତତ୍କାଳୀନ ରାଜା ଅନୁମତି ଦେଇଥିଲେ । ରଥ ଉପରେ ସୁନାବେଶରେ ମହାପ୍ରଭୁଙ୍କୁ ୧୩୮ ପ୍ରକାର ରତ୍ନ ଖଚିତ ସ୍ୱର୍ଣ୍ଣାଳଙ୍କାର ଲାଗି କରାଯାଏ । ଏବେ ଏଥିରେ କିଛି ପରିବର୍ତ୍ତନ ହୋଇଛି, ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ରଥ ଉପରେ ସୁନାବେଶ ପାଇଁ ଭଣ୍ଡାର ଗୃହରୁ ପାଳିଆ ଭଣ୍ଡାରି ମେକାପ, ପାଳିଆ ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ ପୋଲିସ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ / ପରିଚାଳକଙ୍କ ଉପସ୍ଥିତିରେ ତିନି ଠାକୁରଙ୍କ ସୁନା ବେଶ ନିମନ୍ତେ ଅଳଙ୍କାର ଗଣତି କରି ଆଣିଥାନ୍ତି । ତିନି ରଥରେ ରଥାରୂଢ଼ ଦାରୁ ଦେବତାଙ୍କୁ ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଛ, ଭିତରଛ ପ୍ରମୁଖ ସୁନାବେଶ ଆଭୁଷଣ ପରିଧାନ କରାଇ ଥାନ୍ତି ।

ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ହେଲା – ଶ୍ରୀଜଗନ୍ନାଥ କିରିଟ, ଶ୍ରୀପୟର, ଶ୍ରୀଭୁଜ, ସ୍ୱର୍ଣ୍ଣ ଚକ୍ର ଓ ରୌପ୍ୟ ଶଙ୍ଖ, ଓଢିଆଣୀ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ାମାଳି, କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ସେବତୀମାଳି,ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରିଖଣ୍ଡିକା, କମରପଟି ଇତ୍ୟାଦି ।

ଅଗ୍ରଜ ବଳଭଦ୍ରଙ୍କରଠାରେ ଲାଗି ହେଉଥିବା ଅଳଙ୍କାର ଗୁଡିକ ହେଲା - ଶ୍ରୀବଳଭଦ୍ର କିରିଟ, ଶ୍ରୀପୟର, ଶ୍ରୀଭୁଜ,ହଳ ଓ ମୂଷଳ, ଓଢିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ା ମାଳି,କଦମ୍ବ ମାଳି, ବାହାଡ଼ା ମାଳି ବାଘନଖ ମାଳି, ସେବତୀ ମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ତ୍ରିଖଣ୍ଡିକା, କମରପଟି ଇତ୍ୟାଦି।

ଭଗ୍ନୀ ସୁଭଦ୍ରାଙ୍କଠାରେ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ହେଲା- ଦେବୀସୁଭଦ୍ରାଙ୍କ କିରୀଟ, ଓଢ଼ିଆଣୀ, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡ଼ା ମାଳି, କଦମ୍ବ ମାଳି, ସେବତୀ ମାଳି, ତଗଡ଼ି ଇତ୍ୟାଦି ।

ଜଗତର ନାଥ ଜଗନ୍ନାଥ ଏବଂ ତାଙ୍କ ମହିମା ବଖାଣି ବସିଲେ ସରିବନି, ଭକ୍ତ ଭଗବାନଙ୍କ ମଧ୍ୟରେ ଅନ୍ତରର ମିଳନ, ଆଧ୍ୟତ୍ମିକ ଭାବ, ଭକ୍ତି ଏବଂ ଶାନ୍ତିର ବାର୍ତ୍ତା ବହନ କରି ଅସଂଖ୍ୟ ଜଗନ୍ନାଥ ପ୍ରେମୀ ମାନଙ୍କୁ ସ୍ୱୟଂ ଜଗନ୍ନାଥ ଶ୍ରୀ ମନ୍ଦିର ବାହାରେ ରଥାରୁଢ଼ ହୋଇ ଆଶୀର୍ବାଦ ଦେଉଛନ୍ତି । ଅନେକ ଭକ୍ତ ଅପଲକ ନୟନରେ ଛଳ ଛଳ ଚକ୍ଷୁରେ ତିନି ଠାକୁରଙ୍କ ଦିବ୍ୟ ଦର୍ଶନ କରି ମୋକ୍ଷ ପ୍ରାପ୍ତି ପାଇଁ କାମନା କରୁଛନ୍ତି । ଲକ୍ଷ ଲକ୍ଷ ଭକ୍ତ ବଡ଼ ଠାକୁରଙ୍କୁ ନିଜ ପରିବାରର ସୁଖ ଶାନ୍ତି ସହିତ ସାରା ପୃଥିବୀର ଶାନ୍ତି କାମନା କରି ପୂଜାର୍ଚ୍ଚନା କରୁଛନ୍ତି । ବଡ଼ ଠାକୁରଙ୍କ ସୁ ଦୃଷ୍ଟି ଦ୍ୱାରା ଧନ୍ୟ ହୁଅନ୍ତି ଭକ୍ତ ଧନ୍ୟ ହେବ ଜଗତ , ଏହାହିଁ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ଅସୀମ ଦୟା । ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ ଭବ ତୁମେ ।

ସମ୍ମାନ ସହ।

♥ ସ୍ନେହ କୁଟୀର
ଝଞ୍ଜିରି ମଙ୍ଗଳା,କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ସମ୍ବିଧାନର ପ୍ରସ୍ତାବନା ସହ ଖେଳ ଖେଳା ନଯାଉ



ଗୋପାଳ ମହାପାତ୍ର

**ଇନ୍ଦିରା ଗାନ୍ଧୀ ଯେଉଁ ଜରୁରୀ କାଳୀନ ପରିସ୍ଥିତି ଜାରି କରିଥିଲେ ତାହା ଏକ ମସ୍ତବଡ଼ ଭୁଲ ଥିଲା। ଅଭିବ୍ୟକ୍ତିର ସ୍ୱାଧିନତା, ଗଣମାଧ୍ୟମର ସ୍ୱାଧିନତା ସବୁକୁ ସେ ସମୟରେ ଛଡାଇ ନିଆଯାଇଥିଲା। ଲକ୍ଷେରୁ ଅଧିକ ଲୋକଙ୍କୁ ଜେଲରେ ପୁରାଇ ଦିଆଯାଇଥିଲା। ମଜାଦାର କଥା ହେଉଛି ଜୟ ପ୍ରକାଶ ନାରାୟଣଙ୍କ ଆନ୍ଦୋଳନକୁ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତାମାନେ ସମର୍ଥନ କରୁଥିବା ବେଳେ ତତ୍‌କାଳୀନ ସଂଘ ପ୍ରମୁଖ ବାଲା ସାହେବ ଦେଓରସ ଜେଲରୁ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଶଂସା କରି ପତ୍ର ଲେଖିଥିଲେ।**

ସ୍ୱୟଂସେବକ ସଂଘର ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବାଲେ କହିଛନ୍ତି ଯେ ସମ୍ବିଧାନର ପ୍ରସ୍ତାବନାରେ ଯୋଡ଼ାଯାଇଥିବା "ସମାଜବାଦୀ" ଏବଂ "ପନ୍ଥ ନିରପେକ୍ଷ" ଶବ୍ଦର ସମୀକ୍ଷା କରାଯିବା ଉଚିତ୍। ତାଙ୍କ ମତରେ ଏ ଦୁଇଟି ଶବ୍ଦ ସମ୍ବିଧାନର ମୂଳ ପ୍ରସ୍ତାବନାରେ ନଥିଲା ଏବଂ ପରେ ୪ ଇନ୍ଦିରାଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଜାରିକରିବା ସମୟରେ ୧୯୭୬ ମସିହାରେ ସମ୍ବିଧାନର ୪୨ତମ ସଂଶୋଧନ କରି ଏ ଦୁଇ ଶବ୍ଦକୁ ଯୋଡିଥିଲେ। ଏ ଦୁଇ ଶବ୍ଦକୁ ସେତେବେଳେ ଯୋଡ଼ା ଯାଇଥିଲା ଯେତେବେଳେ ମୂଳ ଅଧିକାରକୁ ଛଡାଇ ନିଆଯାଇଥିଲା ଏବଂ ନ୍ୟାୟପାଳିକା ପଙ୍ଗୁ ହୋଇ ଯାଇଥିଲା ଏବଂ ସଂସଦ ଅଚଳ ହୋଇଯାଇଥିଲା। ଦତ୍ତାତ୍ରେୟ ହୋସବାଲେଙ୍କ ଏଭଳି ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି କଂଗ୍ରେସ ଓ କହିଛି ବିଜେପି ଆମ୍ବେଦକରଙ୍କ ସମ୍ବିଧାନ ନୁହେଁ ମନୁସ୍ମୃତି ଚାହୁଁଛି। ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ କ'ଣ ପ୍ରକୃତରେ ସମ୍ବିଧାନରେ ପରିବର୍ତ୍ତନ କରାଯିବା ପାଇଁ ଉଦ୍ୟମ ହେଉଛି ? ହୋସବାଲେ ଯାହା କହିଲେ ତାହା ଚର୍ଚ୍ଚାର ବିକାଶ ନିଶ୍ଚୟ ଏବଂ ଏଭଳି ମନ୍ତବ୍ୟ ଦେବାର ଉଦେଶ୍ୟ ହେଉଛି ଲୋକେ ଏହା ଉପରେ କ'ଣ ସବୁ ମନ୍ତବ୍ୟ ଦେଉଛନ୍ତି। ବିଜେପିର ବରିଷ୍ଠ ନେତାମାନେ ହୋସବାଲେଙ୍କ ମନ୍ତବ୍ୟ ଏବଂ କଂଗ୍ରେସର ପ୍ରତିକ୍ରିୟା କୁ ନେଇ ଚୁପ୍ କିନ୍ତୁ କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ ବିଜେପି ସମ୍ବିଧାନର ପ୍ରସ୍ଥାବନାରୁ 'ସିକୁଲାର' ଏବଂ 'ସୋସାଲିଷ୍ଟ' ଶବ୍ଦକୁ ହଟାଇଦେବା ପାଇଁ ଚାହୁଁଛି। ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ସମ୍ବିଧାନରୁ ଏ ଦୁଇ ଶବ୍ଦକୁ ହଟାଇବା ପାଇଁ ବିଚାର କରାଯିବା ଉଚିତ୍ ?। କିନ୍ତୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏ ପ୍ରସଙ୍ଗରେ ଯାହା କହିଛନ୍ତି ତାହା ଚିନ୍ତାର ବିଷୟ। ମହାମହିମ ଉପରାଷ୍ଟ୍ରପତି କହିଛନ୍ତି ଯେ "ସମ୍ବିଧାନର ପ୍ରସ୍ତାବନା ଅତ୍ୟନ୍ତ ପବିତ୍ର ଅଟେ। କିନ୍ତୁ ଏଥିରେ ଧର୍ମ ନିରପେକ୍ଷ ଏବଂ ସମାଜବାଦ ଶବ୍ଦକୁ ଯୋଡ଼ାଯାଇଛି ... ଏଭଳି ପରିବର୍ତ୍ତନ ଯାହା ଅସ୍ତିତ୍ୱଗତ ସଙ୍କଟ ସୃଷ୍ଟି କରୁଛି। ଏହି ଦୁଇ ଶବ୍ଦ ସ୍ୱୀକାର୍ଯ୍ୟ ନୁହେଁ। ଏ ଦୁଇଶବ୍ଦ ସନାତନର ଆତ୍ମାକୁ ଅପବିତ୍ର ତଥା ଅନାଦର କରୁଛି।" ଉପରାଷ୍ଟ୍ରପତିଙ୍କର ନିଜସ୍ୱ ବିଚାର ପ୍ରକଟ କରିବାର ଅଧିକାର ରହିଛି କିନ୍ତୁ ଏ ଦୁଇ ଶବ୍ଦ ଅସ୍ୱୀକାର୍ଯ୍ୟ କେମିତି ? କ'ଣ ଦେଶର ଉପରାଷ୍ଟ୍ରପତି ଭାବୁଛନ୍ତି ପ୍ରକୃତିରେ ଧର୍ମ ନିରପେକ୍ଷ ଏବଂ ସମାଜବାଦ ଶବ୍ଦ ଗ୍ରହଣୀୟ ନୁହେଁ ? ୫୦ ବର୍ଷ ହେବ ଏ ଦୁଇ ଶବ୍ଦ ଯୋଗୁଁ କିଛି ତ ଅସୁବିଧା ହେଉ ନଥିଲା, ଏବେ କାହିଁକି ଅସୁବିଧା ହେଉଛି ? ଏ ଦୁଇ ଶବ୍ଦକୁ ସମ୍ବିଧାନରୁ ହଟାଇ ଦିଆଗଲେ ଦେଶର ସବୁ ସମସ୍ୟା କ'ଣ ଦୂର ହୋଇଯିବ ?

ଇନ୍ଦିରା ଗାନ୍ଧୀ ଯେଉଁ ଜରୁରୀ କାଳୀନ ପରିସ୍ଥିତି ଜାରି କରିଥିଲେ ତାହା ଏକ ମସ୍ତବଡ଼ ଭୁଲ ଥିଲା। ଅଭିବ୍ୟକ୍ତିର ସ୍ୱାଧିନତା, ଗଣମାଧ୍ୟମର ସ୍ୱାଧିନତା ସବୁକୁ ସେ ସମୟରେ ଛଡାଇ ନିଆଯାଇଥିଲା। ଲକ୍ଷେରୁ ଅଧିକ ଲୋକଙ୍କୁ ଜେଲରେ ପୁରାଇ ଦିଆଯାଇଥିଲା। ମଜାଦାର କଥା ହେଉଛି ଜୟ ପ୍ରକାଶ ନାରାୟଣଙ୍କ ଆନ୍ଦୋଳନକୁ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତାମାନେ ସମର୍ଥନ କରୁଥିବା ବେଳେ ତତ୍‌କାଳୀନ ସଂଘ ପ୍ରମୁଖ ବାଲା ସାହେବ ଦେଓରସ ଜେଲରୁ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଶଂସା କରି ପତ୍ର ଲେଖିଥିଲେ। ପରେ ସେବିନୋବା ଭାବେଙ୍କୁ ପତ୍ର ଲେଖି କହିଥିଲେ "ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ପ୍ରଧାନମନ୍ତ୍ରୀଙ୍କ ମନରେ ସଂଘ ପ୍ରତିଯେଉଁ ଧାରଣା ରହିଛି ତାକୁ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରନ୍ତୁ ଫଳରେ ସଂଘ ଉପରୁ ପ୍ରତିବନ୍ଧ ହଟିପାରିବ ଏବଂ ସଂଘର କାର୍ଯ୍ୟକର୍ତ୍ତା ମାନେ ଜେଲରୁ ମୁକୁଳି ପାରିବେ ......... ଏବଂ ପ୍ରଧାନମନ୍ତ୍ରୀଙ୍କ ଅଧିନ ........... ପ୍ରଗତିରେ ସହାୟକ ହୋଇ ପାରିବେ।" ଏଥିରୁ ସ୍ପଷ୍ଟ ଯେ ତତ୍ ?କାଳୀନ ସଂଘ ପ୍ରମୁଖ ଜରୁରୀକାଳୀନ ପରିସ୍ଥିତି ବେଳେ ଇନ୍ଦିରାଗାନ୍ଧୀଙ୍କ ନେତୃତ୍ୱକୁ ସ୍ୱୀକାର କରିବା ପାଇଁ ରାଜିଥିଲେ। ସେମାନଙ୍କର "ଧର୍ମ ନିରପେକ୍ଷ" ଏବଂ "ସମାଜବାଦ" ଶବ୍ଦକୁ ନେଇ କୌଣସି ସମସ୍ୟା ନଥିଲା। ନୀରଜା ଚୌଧୁରୀ ନାମକ ଜଣେ ସାମ୍ବାଦିକ ତାଙ୍କ ଲିଖିତ ପୁସ୍ତକ "ହାଓ ପ୍ରାଇମ୍ ମିନିଷ୍ଟରସ ଡିସାଇଡ଼୍"ରେ ଏ ବାବଦରେ ଅନେକ ତଥ୍ୟ ପ୍ରଦାନ କରିଛନ୍ତି। ଅଭିଷେକ ଚୌଧୁରୀ ମଧ ତାଙ୍କ ଲିଖିତ ପୁସ୍ତକ "ବାଜପେୟୀ ଦି ଆସେଣ୍ଟ ଅଫ ଦି ହିନ୍ଦୁ ରାଇଟ"ରେ ଏ ପ୍ରସଙ୍ଗରେ ଲେଖିଛନ୍ତି। ଅଭିଷେକ ଚୌଧୁରୀ ଲେଖିଛନ୍ତି ଯେ "ଦେଓରସ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ପୁଣେର ୟରବଦା ଜେଲରୁ ଦୁଇ ଦୁଇ ଥର ପତ୍ର ଲେଖିଥିଲେ ................ଯେଉଁଥିରେ ସଂଘ ଉପରୁ ପ୍ରତିବନ୍ଧ ହଟାଇ ଦିଆଯିବା ପାଇଁ ବିନତି କରାଯାଇଥିଲା।"


ଇନ୍ଦିରା ଗାନ୍ଧୀ ଜରୁରୀ କାଳୀନ ପରିସ୍ଥିତି ଜାରି କରିଥିଲେ କାହିଁକି ? ୧୯୭୧ରେ ସେ ପାକିସ୍ଥାନକୁ ଦୁଇ ଫାଳ କରି ବଙ୍ଗଳାଦେଶର ଗଠନ କରାଇଥିଲେ। ତାଙ୍କର ଲୋକପ୍ରିୟତା ମଧ ଥିଲା। କିନ୍ତୁ ସଙ୍କଟ ପରେ ସଙ୍କଟ ଆସିଥିଲା। ଯୁଦ୍ଧର ଖର୍ଚ୍ଚ, ମରୁଡି ପରିସ୍ଥିତି ଏବଂ ତୈଳ ସଙ୍କଟ ପାଇଁ ଲୋକେ ଅସନ୍ତୁଷ୍ଟ ହୋଇଯାଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜୁରାଲ ସେତେବେଳେ ସୂଚନା ପ୍ରସାରଣ ମନ୍ତ୍ରୀ ଥିଲେ କିନ୍ତୁ ସଞ୍ଜୟ ଗାନ୍ଧୀଙ୍କୁ ପରାମର୍ଶ ଅନୁସାରେ ତାଙ୍କୁ ହଟାଇ ଦିଆଯାଇଥିଲା। ଗୁଜୁରାଲ ସେତେବେଳେ କହିଥିଲେ ଯେ ଲୋକଙ୍କ ଅସନ୍ତୋଷକୁ ଇନ୍ଦିରା କେମିତି ସାମନା କରିବେ ତାହା ତାଙ୍କୁ ଜଣାନାହିଁ। ଇନ୍ଦିରା ଗାନ୍ଧୀଙ୍କ ଦୁର୍ଭାଗ୍ୟ ଯେ ସେ ସମୟରେ ଇଲାହାବାଦ ହାଇକୋର୍ଟର ବିଚାରପତି ଜଗମୋହନ ସିହ୍ନା ନିର୍ବାଚନରେ ଦୁର୍ନୀତି ହୋଇଥିବା ଅଭିଯୋଗରେ ରାୟବରେଲିର ନିର୍ବାଚନକୁ ରଦ୍ଦ କରି ଦେଇଥିଲେ। ୧୯୭୫ ମସିହା ଜୁନ ୧୨ ତରିଖରେ ଇଲାହାବାଦ ହାଇକୋର୍ଟ ରାୟ ଦେବାର ୧୩ ଦିନ ପରେ ଜୁନ ୨୫ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ପରେ ଅଚାନକ ଜରୁରୀ ପରିସ୍ଥିତି ହଟାଯାଇ ନିର୍ବାଚନ ଘୋଷଣା କରାଯାଇଥିଲା। ନିର୍ବାଚନ ଘୋଷଣା କରିବାର କାରଣ ହେଉଛି ଲୋକସଭାର ଅବଧି ୧୫ ମାସ ବାକି ଥିଲା। ସଞ୍ଜୟଗାନ୍ଧୀ ନିର୍ବାଚନକୁ ବିରୋଧ କରୁଥିଲେ ମଧ ଇନ୍ଦିରା ନିର୍ବାଚନ କରାଇଥିଲେ। ଐତିହାସିକ ଜ୍ଞାନ ପ୍ରକାଶ ଲେଖିଛନ୍ତି ଯେ "ଇନ୍ଦିରା ନିଜ ଶାସନର ବୈଧତା ଚାହୁଁଥିଲେ ଏବଂ ତାଙ୍କ ମତ ଥିଲା ଯେ ନିର୍ବାଚନ ତାଙ୍କ ଶାସନକୁ ବୈଧତା ଦେଇପାରିବ। କିନ୍ତୁ ନିର୍ବାଚନରେ କଂଗ୍ରେସ ହାରି ଯାଇଥିଲା। ଦେଶରେ ଅଣ କଂଗ୍ରେସ ସରକାର ଗଠନ ହେଲା। କିନ୍ତୁ ଜନତା ପାର୍ଟିର ନେତା ମାନେ ଅଧିକ ଦିନ ଶାସନରେ ରହି ପାରିଲେ ନାହିଁ। ପୁଣି ନିର୍ବାଚନ ହେଲା ଓ ଜରୁରୀ ପରିସ୍ଥିତି ଜାରି ହେବାର ୩ବର୍ଷ ପରେ ୧୯୮୦ରେ ପୁଣି ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ।

ସ୍ୱୟଂସେବକ ସଂଘର ସମ୍ବିଧାନ ସହ ସମ୍ପର୍କ ମଧ ଉଲ୍ଲେଖନୀୟ। ଦେଶସ୍ୱାଧିନ ହେବା ପରେ ଯେଉଁ ସମୟରେ ସମ୍ବିଧାନକୁ ସ୍ୱୀକାର କରାଗଲା ସେତେବେଳେ ସଂଘ ମୁଖ୍ୟ ଗୋଲବାଲେକର ସମ୍ବିଧାନକୁ ମାନିବାକୁ ରାଜି ହୋଇନଥିଲେ। ସେ ହିନ୍ଦୁରାଷ୍ଟ୍ର ଚାହୁଁଥିଲେ। କିନ୍ତୁ ପରେ ସଂଘ ଏହାକୁ ଗ୍ରହଣ କରିଥିଲା। ଏକଥା ସତ୍ୟ ଯେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଥିବା ବେଳେ ସମ୍ବିଧାନ ସଂଶୋଧନ କରାଯାଇ ଏ ଦୁଇ ଶବ୍ଦକୁ ଯୋଡ଼ା ଯାଇଥିଲା। କିନ୍ତୁ ଦେଶର ଜନତା ଏହାକୁ ସ୍ୱୀକାର କରିଛନ୍ତି। ଜନତାପାର୍ଟି ସରକାର ମଧ ୪୨ତମ ସଂଶୋଧନରୁ କେତେକ ଶବ୍ଦକୁ ହଟାଇ ଦେଇଛନ୍ତି କିନ୍ତୁ ଏ ଦୁଇ ଶବ୍ଦକୁ ହଟାଇ ନଥିଲେ। ଗତ ବର୍ଷ ସୁପ୍ରିମକୋର୍ଟ ମଧ କହିଛନ୍ତି ଯେ ସମାଜବାଦ ଏବଂ ଧର୍ମନିରପେକ୍ଷ ଶବ୍ଦକୁ ସାଧାରଣ ସ୍ୱୀକୃତି ମିଳିଛି ଏବଂ "ଆମେ ଭାରତର ଲୋକେ" ସ୍ପଷ୍ଟଭାବେ ଏହାର ଅର୍ଥ ବୁଝିଛନ୍ତି। ଏହା ବୈଧ ଅଟେ। ୧୯୭୩ ରେ କେଶବାନନ୍ଦ ଭାରତୀ ମାମଲାରେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ "ସିକୁଲାରିଜିମ୍ ସମ୍ବିଧାନର ବୁନିଆଦି ସଂରଚନାର ଅଂଶ ଅଟେ"। ସମାଜବାଦ ଯାହା ସମସ୍ତେ ସମାନ କଥା କହେ ସେଇ ଶବ୍ଦକୁ ନେଇ ଆପତ୍ତି କାହିଁକି ? ଯେଉଁଠି ଏତେ ଗରୀବ ଅଛନ୍ତି ସେଠି କୋଉ 'ବାଦ' ଚାଲିବ ? ସରକାର ଯେକୌଣସି ଆର୍ଥୀକ ନୀତି ପ୍ରଣୟନ କଲେ ମଧ ପ୍ରସ୍ତାବନା ଏଥିରେ ବାଧା ସୃଷ୍ଟିକରେ ନାହିଁ। ଦେଶର ୧ପ୍ରତିଶତ ଲୋକଙ୍କ ପାଖରେ ଦେଶର ୫୦ ପ୍ରତିଶତ ସମ୍ପତ୍ତି ରହିଛି ଓ ଦେଶରେ ଅସମାନତା ବଢ଼ିଛି। ସରକାରଙ୍କୁ ସନ୍ତୁଳନ କରିବା ପାଇଁ ରୋକୁଛନ୍ତି କିଏ ? ଧର୍ମ ମାମଲାରେ ସରାକର ନିରପେକ୍ଷ। ଆମ ସଂସ୍କୃତି ଉଦାର ଏବଂ ସହିଷ୍ଣୁ। ଦେଶରେ ୮୨ ପ୍ରତିଶତ ହିନ୍ଦୁ କିନ୍ତୁ ବିଜେପିକୁ ୩୮ ପ୍ରତିଶତରୁ ଅଧିକ ହିନ୍ଦୁ ଭୋଟ ମିଳୁନାହିଁ। ଏଥର ୩୭ ପ୍ରତିଶତ ମିଳିଛି। ଏହାର ଅର୍ଥ ହେଉଛି ଜରୁରୀ କାଳୀନ ପରିସ୍ଥିତିକୁ ଗ୍ରହଣ କରାଯିବ ନାହିଁ କିମ୍ବା ଭୁଲି ହେବନାହିଁ କିନ୍ତୁ ସମ୍ବିଧାନର ପ୍ରସ୍ତାବନା ସହ ଖେଳ ଖେଳି ହେବ ନାହିଁ। ଗଣତନ୍ତ୍ରରେ ଲୋକେ ହିଁ ମାଲିକ, ନେତା ନୁହଁନ୍ତି କି କୌଣସି ଦଳ ନୁହେଁ କିମ୍ବା କୌଣସି ସଂଗଠନ ନୁହେଁ।

♥ ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ଶ୍ରୀଗୁଣ୍ଡିଚାରୁ ଶ୍ରୀମନ୍ଦିର ବାହୁଡ଼ିଲେ ମହାପ୍ରଭୁ

## ଇମାମି ନଗର ବାହୁଡ଼ା ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ



ରେମୁଣା, ୦୫/୭ (ନି.ପ୍ର): ରେମୁଣା ବାଲଗୋପାଳପୁରସ୍ଥିତ ଇମାମି ନଗର ଶ୍ରୀଗୁଣ୍ଡିଚା ଛାଡ଼ି ମହାପ୍ରଭୁ ଶନିବାର ଅପରାହ୍ନରେ ଶ୍ରୀମନ୍ଦିର ବାହୁଡ଼ି ଯାଇଛନ୍ତି। ୯ ଦିନ ପାଇଁ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀଗୁଣ୍ଡିଚା ଯାଇଥିବା ମହାପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହ ପୁଣି ଶ୍ରୀମନ୍ଦିରକୁ ଫେରିଆସିଛନ୍ତି। ଏଥିପାଇଁ ଇମାମି କ୍ଷେତ୍ରରେ ପ୍ରବଳ ଜନସମାଗମ ହୋଇଥିଲା। ହରିବୋଲ, ହୁଳହୁଳି, ଶଙ୍ଖ, ଘଂଟା, ମାଦଳର ତାଳରେ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ସତେଯେପରି ଭିନ୍ନ ଏକ ଶ୍ରୀକ୍ଷେତ୍ରର ଆଭାସ ହୋଇଥିଲା ଇମାମି ନଗର ବାହୁଡ଼ା ଯାତ୍ରା। ସକାଳ ଘ.୫.୧୫ମି. ଆରତି ଅବକାଶ, ଘ.୮.୪୦ମି. ମଙ୍ଗଳାର୍ପଣ, ଦିବା ଘ.୯.୨୦ମି.ରେ ଆଜ୍ଞାମାଳ ନୀତି, ଘ.୧୧.୩୦ମି.ରେ ଧାଡ଼ିପହଣ୍ଡି, ଘ.୨.୩୦ମି.ରେ ଛେରାପହଁରା ସମାପନ ପରେ ଘ.୪.୦୦ମି.ରେ ରଥଟଣା ଆରମ୍ଭ ହୋଇଥିଲା। ପରେ ରଥ ଉପରୁ ଠାକୁରମାନଙ୍କୁ ପହଣ୍ଡି କରାଯାଇ ଶ୍ରୀମନ୍ଦିରକୁ ନିଆଯାଇଥିଲା। ରାତ୍ର ସାଢ଼େ ୯ଟାରେ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ କଳି, ରସଗୋଲା ଭୋଗ ଏବଂ ତା'ପରେ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ରାତ୍ର ୧୦ଘଟିକାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟପୂଜକଙ୍କ ତତ୍ୱାବଧାନରେ ରୀତିନୀତି ସମ୍ପନ୍ନ ହୋଇଥିଲା। ରଥଯାତ୍ରା ଅବସରରେ ସୁଦୂର ଋଷିକେଶରୁ ଆସିଥିବା କଳାସଂସ୍ଥାନର କଳାକାରଙ୍କ ଦ୍ୱାରା ରଥଟଣାର ତାଳେତାଳେ ଆକର୍ଷଣୀୟ ନୃତ୍ୟ ପରିବେଷଣ ହୋଇଥିଲା। ସେମାନଙ୍କ ସହ ଭକ୍ତମାନେ ମଧ ମସଗୁଲ ହୋଇଥିଲେ। ରଥଯାତ୍ରା ଉତ୍ସବରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜଗନ୍ନାଥପ୍ରେମୀ ଭକ୍ତଗଣ ବିଭିନ୍ନ ଢଙ୍ଗରେ ଘଣ୍ଟା, ଘଡ଼ି ଓ ବାଦ୍ୟର ତାଳେତାଳେ ଉନ୍ମାଦିତ ହୋଇ ତାଙ୍କର ଭାବାବେଗର ବହିର୍ପ୍ରକାଶ କରିଥିଲେ। ସେହିପରି କଲିକତାସ୍ଥିତ ଇମାମି ଫାଉଣ୍ଡେସନର ହାଇଭ୍ ଇଣ୍ଡିଆ ସଂସ୍ଥାନର ଡାକ୍ତର ଏବଂ ତାଙ୍କର ଟିମ୍ ତଥା ସ୍ଥାନୀୟ ପେପର ମିଲ୍ସର ଡାକ୍ତର ଏବଂ ତାଙ୍କ ଟିମ୍ ନିଶୁଳ୍କ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲେ। ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା, କ୍ଲୋଜ୍ ସର୍କିଟ୍ କ୍ୟାମେରା, ଜଳସିଂଚନ ସାଙ୍ଗକୁ ସ୍ଥାନୀୟ ରେମୁଣା ପୋଲିସ୍ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମି ଗ୍ରୁପ୍ର ପୃଷ୍ଠପୋଷକ ରାଧାଶ୍ୟାମ ଅଗ୍ରୱାଲ୍ ଏବଂ ରାଧାଶ୍ୟାମ ଗୋଏଙ୍କାଙ୍କ ପ୍ରତିନିଧିଭାବେ ସୁଶିଲ ଗୋଏଙ୍କାଙ୍କ ତତ୍ୱାବଧାନରେ ଇମାମୀ ନଗର ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋୟେଙ୍କା ତଥା ପତ୍ନୀ ଇନ୍ଦୁ ଗୋୟେଙ୍କା ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରିଥିବାବେଳେ ଇମାମୀ ଗ୍ରୁପ୍ର ପୂର୍ଣ୍ଣକାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନିର୍ଦ୍ଦେଶକ ବିବେକ୍ ଚାୱଲା, ସ୍ଥାନୀୟ ପେପର ମିଲ୍ର ସଭାପତି ଆଶୀଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ କୁମାର ଗୁପ୍ତା, ମୁଖ୍ୟ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କି, ଡିଜିଏମ୍ ଦେବବ୍ରତ ହୋତା, ରମେଶ ଚନ୍ଦ୍ର ଖୁଂଟିଆ, ଆର.କେ. କୁଣ୍ଡୁ, ଏଜିଏମ୍ ଓମ୍ପ୍ରକାଶ ଶର୍ମା, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳରଞ୍ଜନ ଦାସସାମନ୍ତରାୟ, ପ୍ରବନ୍ଧକ ବିନୋଦ କୁମାର ଜେନା, ମନ୍ଦିରର ମୁଖ୍ୟ ପୂଜକ ଏବଂ ତାଙ୍କ ସହଯୋଗୀ, ଇମାମୀ ଲେଡିଜ୍ କ୍ଲବ୍ର ସଭାପତି ବନ୍ଦନା ଗୁପ୍ତା, ସଂପାଦିକା ନିବେଦିତା ଖୁଣ୍ଟିଆ ଓ ସମସ୍ତ ସଦସ୍ୟାଙ୍କ ସମେତ ସତ୍ୟସାଇ ସେବା ସଂଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେହିପରି ଜଗନ୍ନାଥ ପ୍ରବଚକ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଭରତ ଚନ୍ଦ୍ର ମହାନ୍ତି ଧାରାବିବରଣୀ ପାଠ କରିଥିଲେ। ୬ ତାରିଖ ରବିବାର ସକାଳ ୮.୩୦ରେ ଶ୍ରୀଜୀଉମାନେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ମନୋଜ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ରଥଯାତ୍ରାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ପ୍ରସାଦସେବନ ଓ ପାନୀୟ ଜଳର ବ୍ୟବସ୍ଥା ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିଲା। ବାହୁଡ଼ାଯାତ୍ରାରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଲୋକସଭା ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ଇମାମୀ କାଗଜ କଳର ୩ ୟୁନିୟନ୍ର ସାଧାରଣ ସଂପାଦକ ଭବାନନ୍ଦ ଶତପଥୀ, ରୀତେଶ ସିଂ, ଜ୍ୟୋତିପ୍ରକାଶ ବେହେରା, ଶ୍ରମିକନେତା ପଦ୍ମଲୋଚନ ନାୟକ ତଥା ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ବାହୁଡ଼ା ରଥଯାତ୍ରା ପାଇଁ ସମ୍ବଲପୁର ସହର ଉତ୍ସବମୁଖର

ସମ୍ବଲପୁର, ୦୫/୭ (ନି.ପ୍ର): ପଶ୍ଚିମ ଓଡ଼ିଶାର ରାଜଧାନୀ ତଥା ମନ୍ଦିରମୟ ସମ୍ବଲପୁର ସହରରେ ଆଜି ମହାଆଡ଼ମ୍ବରରେ ଶ୍ରୀଜିଉଙ୍କ ପବିତ୍ର ବାହୁଡ଼ା ଯାତ୍ରା ଆରମ୍ଭ ହୋଇଯାଇଛି। ଶ୍ରୀ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ସାତ ଦିନ ଧରି ଗୁଣ୍ଡିଚା ଘରେ ରହିଥିଲେ। ସେଠାରେ ବିଭିନ୍ନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବା ପରେ ଆଜି ଆଷାଢ଼ ଶୁକ୍ଳ ଦଶମୀ ତିଥିରେ ବାହୁଡ଼ା ରଥରେ ଆପଣା ମନ୍ଦିରକୁ ବାହୁଡ଼ାବିଜେ କରିଛନ୍ତି। ଶ୍ରୀ ଗୁଣ୍ଡିଚା ମନ୍ଦିରରୁ ପହଣ୍ଡିରେ ବିଗ୍ରହମାନଙ୍କୁ ରଥାରୂଢ଼ କରାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା। ସହରର ୨୫ଟି ଜଗନ୍ନାଥ ମନ୍ଦିରରେ ପୃଥକ୍ ପୃଥକ୍ ଭାବେ ରଥଯାତ୍ରା ଆୟୋଜନ କରାଯାଇଛି। ରଥାରୂଢ଼ ବିଗ୍ରହମାନଙ୍କୁ ଦର୍ଶନ କରିବା ପାଇଁ ରଥ ଗୁଡିକର ଚତୁଃପାର୍ଶ୍ୱରେ ଭକ୍ତମାନଙ୍କ ବ୍ୟାପକ ଗହଳି ଲାଗିରହିଥିବା ପରିଲକ୍ଷିତ ହୋଇଥିଲା। ଝିପିଝିପି ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଉପଲକ୍ଷେ ରଥରେ ଆସୀନ ଚତୁର୍ଦ୍ଧା ମୂର୍ତି ବାହୁଡ଼ା ଯାତ୍ରାରେ ଯାଉଥିବା ବେଳେ ବାଟରେ ଶ୍ରଦ୍ଧାଳୁମାନେ ସମର୍ପଣ, ପୂଜା ଓ ଆଳତୀ କରିଥିଲେ। ସେହିଭଳି ଅନ୍ନପ୍ରାସନ୍ନ କରିଥିବା ନବଜାତକମାନଙ୍କୁ ସେମାନଙ୍କ ପରିବାର ଲୋକେ ରଥ ସ୍ପର୍ଶ ବା ରଥଛୁଆଁନି କରାଇଥିଲେ। ରଥରେ ଥିବା ପୂଜକମାନେ ଶିଶୁମାନଙ୍କ ଗଳାରେ ଠାକୁରଙ୍କ ନାଗି ତୁଳସୀ ଓ ଫୁଲ ମାଳ ପିନ୍ଧାଇଥିଲେ। ସୂଚନାଯୋଗ୍ୟ ଏଠାରେ ବାହୁଡ଼ା ଯାତ୍ରା ଦୁଇଦିନ ଧରି ଚାଲିଥାଏ।

## ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଉଦ୍ଯାପିତ




ବାରିପଦା, ୦୫/୭ (ନି.ପ୍ର): ପ୍ରତିବର୍ଷଭଳି ଏ ବର୍ଷ ମଧ ଶ୍ରୀ ଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଶ୍ରୀଜୀଉମାନଙ୍କ ଆଡପ ମଣ୍ଡପରେ ବିଭିନ୍ନ ବେଶ ଅବସରରେ ଗତ ତା.୩୦/୦୬/୨୦୨୫ରିଖ ଠାରୁ ତା.୦୪/୦୭/୨୦୨୫ରିଖ ପର୍ଯ୍ୟନ୍ତ ୫ଦିନ ଧରି ମାନବ ଧର୍ମ ସମ୍ପର୍କିତ ଏକ ପ୍ରବଚନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀ ରାଧାମୋହନ ମନ୍ଦିର (ମାଉସୀ ମାଆ) ପ୍ରାଙ୍ଗଣରେ ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ଓଡିଶାର ଖ୍ୟାତନାମା ପ୍ରବଚକ ମାନସ କେଳି କଲ୍ଲୋଳ ହୃଦାନନ୍ଦ ସାହୁ ଓ ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ପ୍ରବଚନ ପ୍ରଦାନ କରିଥିଲେ। ଶ୍ରୀଯୁକ୍ତ ସାହୁ ରାମ ଚରିତ ମାନସରେ ଉତ୍ତରା କାଣ୍ଡର କାକ ଭୁଷଣ୍ଡି ଓ ଗରୁଡ ସମ୍ବାଦ ଉପରେ ଏକ ତାତ୍ତ୍ୱିକ ପ୍ରବଚନ ପ୍ରଦାନ କରିଥିବା ବେଳେ ଶ୍ରୀଯୁକ୍ତ ପଣ୍ଡା ସ୍କନ୍ଦ ପୁରାଣ ଅନ୍ତର୍ଗତ ଦାରୁ ବିଗ୍ରହଙ୍କ ମାନୁଷୀଲୀଳା ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ଶ୍ରୋତା ମାନଙ୍କ ଭିତରେ ଆଧ୍ୟାତ୍ମିକ ଉତ୍ତରଣ ପାଇଁ ଏକ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ଏ ବର୍ଷ ମଧ ଉଦ୍ଯାପନୀ ସମାରୋହରେ ଶ୍ରୀଜୀଉମାନଙ୍କର ଶ୍ରୀଅଙ୍ଗଲାଗି ସେବକ ଶ୍ରୀ ଅମ୍ରିତ କୁମାର ମିଶ୍ର, ପ୍ରଦୀପ କୁମାର ପଣ୍ଡା, ଦେବକାନ୍ତ ପଣ୍ଡା, ଦେବାଶିଷ ପଣ୍ଡା, ସୁନୀଲ କୁମାର ପଣ୍ଡା, କାମେଶ୍ୱର ତ୍ରିପାଠୀ, ସୁଦୀପ କୁମାର ପଣ୍ଡାପ୍ରମୁଖଙ୍କୁ ପୁଷ୍ପମାଲ୍ୟ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଭଜନ ପରିବେଷଣ କରୁଥିବା ଗାୟକଶେଖର ଉମେଶ ଚନ୍ଦ୍ର ବାରିକ ଓ ଗାୟକ ଶ୍ରୀହରି ଦତ୍ତ ତଥା ତବଲା ବାଦକ ତୋଫାନ ସିଂ, ଗୋବର୍ଦ୍ଧନ ସିଂ ଏବଂ ପାଲିଆ ଭବାନୀ ଶଙ୍କର ମହାନ୍ତି ଓ ସୂରଜ ଜେନାଙ୍କୁ ମଧ ଅଙ୍ଗବସ୍ତ୍ର ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରବାଚକ ସାହୁଙ୍କୁ ମଧ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଭକ୍ତ ସମାଜ ତରଫରୁ ଭାଗବତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶହ ଶହ ଶ୍ରଦ୍ଧାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପ୍ରବଚନ ଶ୍ରବଣ କରି ସନ୍ତୋଷ ପ୍ରକଟ କରିଥିଲେ।

## ଅବସର ଗ୍ରହଣ କଲେ ଶିକ୍ଷକ: ରଥ, ସର୍ବେଶ୍ୱର ଓ ଶିକ୍ଷୟିତ୍ରୀ ଇଛାମଣି




ଉଦଳା, ୦୫/୭ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ବେଗୁନାଡ଼ିହା ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ମହାପାତ୍ର, ଚୁନୁସାହି ସ୍ଥିତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଥ ମୁର୍ମୁ ଓ ତେଲଦିହୁଡ଼ିସ୍ଥିତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ଇଛାମଣି ସେନାପତି ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହିସବୁ ଶିକ୍ଷକ, ଶିକ୍ଷୟିତ୍ରି ମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ପ୍ରାଥମିକ ଶିକ୍ଷକ ସଂଘ ଉଦଳା ତରଫରୁ ଚଳିତ ଜୁଲାଇ ୪ ତାରିଖ ଶୁକ୍ରବାର ଦିନ ଏକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଶିକ୍ଷକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ବେହେରା ଏଥିରେ ଅଧ୍ୟକ୍ଷତା କରି ସଂଘକୁ ସୁଦୃଢ଼ କରିବାରେ ଅବସର ନେଉଥିବା ଶିକ୍ଷକ ଶିକ୍ଷୟିତ୍ରିଙ୍କ ଭୂମିକା କିପରି ଥିଲା ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଘର ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା, ସଂଘର ଉଦଳା ବ୍ଲକ ଉପସଭାପତି ଜେମାମଣି ସେଠୀ, ସଂପାଦକ ଲଳିତ କୁମାର ବେହେରା, କୋଷାଧକ୍ଷ ପ୍ରମୋଦ ମହାନ୍ତି, ସଂଗଠନ ସଂପାଦକ ସତ୍ୟେନ୍ଦୁ ଜେନା, କ୍ଲଷ୍ଟର ସଂଯୋଜକ ସୁଦର୍ଶନ ନାୟକ ପ୍ରମୁଖ ଯୋଗ ଦେଇ ଅବସର ପରେ ମଧ ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କୁ କିପରି ଜଣେ ସମ୍ବଳ ବ୍ୟକ୍ତି ଭାବରେ ସମ୍ମାନ ମିଳିଥାଏ ଓ ଏଥିପାଇଁ ବିଭିନ୍ନ ମହଲରେ ଖୋଜା ପଡ଼ିଥାଏ ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଅବସର ନେଉଥିବା ଶିକ୍ଷକ ଶିକ୍ଷୟିତ୍ରିଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଅବସର ନେଉଥିବା ଶିକ୍ଷକ ଶିକ୍ଷୟିତ୍ରି ମାନେ ଚାକିରି ଜୀବନରେ ବିତାଇଥିବା ଅନୁଭବ ବ୍ୟକ୍ତ କରିଥିଲେ ।

## ଆଦିତ୍ୟ ବାହିନୀ ତରଫରୁ ପୁରୀ ବାହୁଡ଼ାଯାତ୍ରା ସେବା ପାଇଁ ଶତାଧିକ ସନାତନୀ ସେନା ପୁରୀ ଗୋବର୍ଦ୍ଧନ ପୀଠରେ ପହଞ୍ଚିଲେ



ଜଳେଶ୍ୱର, ୦୫/୭ (ନି.ପ୍ର): ଗୋବର୍ଦ୍ଧନ ମଠ, ପୁରୀ ଅଧିନ ପୀଠ-ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଆନନ୍ଦ ବାହିନୀର ରାଜ୍ୟ ମହାସଚିବ କୁମାର ସତ୍ୟଜିତ ବେଜ, ବାଲେଶ୍ୱର ଜିଲ୍ଲାର କ୍ଷେତ୍ରୀୟ ସମ୍ପାଦକ ଗିରିଜା ଶଙ୍କର କର, ଜିଲ୍ଲା ସଂଯୋଜକ ତାପସ କୁମାର ପାତ୍ରଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲାରୁ ଜଳେଶ୍ୱର, ନିଳଗିରି, ସୋର, ବାଲିଆପାଳ, ବସ୍ତା, ବାଲେଶ୍ୱର ସଦର ଓ ଭୋଗରାଇ ଆଦି ବ୍ଲକରୁ ମିଶି ଶତାଧିକ ସନାତନୀ ସେନା ପୁରୀ ଶଙ୍କରାଚାର୍ଯ୍ୟଙ୍କ ପୀଠ ଗୋବର୍ଦ୍ଧନ ମଠରେ ତା-୪/୭/୨୦୨୫ ଶୁକ୍ରବାର ପହଞ୍ଚିଥିଲେ। ଶନିବାର ସକାଳ ୮ ଟା ସମୟରେ ବାହୁଡ଼ାଯାତ୍ରା ଉପଲକ୍ଷେ ଷ୍ଟ୍ରେଚର ସେବା, ଆମ୍ବୁଲାନ୍ସ, ଆଶୁ ଚିକିତ୍ସା, ପାଣି ଛିଞ୍ଚନ, ପିଇବା ପାଣି ବଣ୍ଟନ, ସଫେଇ, କୋରିଡୋର ସେବା ଦେବା ନିମନ୍ତେ ବଡ଼ଦାଣ୍ଡକୁ ଗସ୍ତ କରିଥିଲେ।ଉକ୍ତ ସେବା କାର୍ଯ୍ୟକ୍ରମରେ ଶାଳୀକୋଠା ଶାଖା ସଭାପତି ପ୍ରଦୀପ କୁମାର ମହାନ୍ତି, ଶାନ୍ତନୁ ପ୍ରଧାନ, ସତ୍ୟରଞ୍ଜନ ପତି, ଅନିଲ କୁମାର ବେହେରା, ବରୁଣ କୁମାର ଜେନା, ବ୍ୟମକେଶ ପାତ୍ର, ଅର୍ଚ୍ଚନା ପାତ୍ର, ସନ୍ଧ୍ୟା ରାଣୀ ମହାନ୍ତି ଓ ଅନିତା ରାଣୀ ଜେନା ପ୍ରମୁଖ ଥିଲେ।ସେବା ସଂଗଠନ ସତସଙ୍ଗ ସହିତ ନିଜ ନିଜକୁ ସମର୍ପିତ ଭାବନା ଯୋଡ଼ିବା ତା ସହିତ ଦିନକୁ ଏକ ଘଣ୍ଟା ଓ ଏକ ଟଙ୍କା ବିନିଯୋଗ କରି ନିଜକୁ ମହତ ବ୍ୟକ୍ତି ଗଢ଼ି ତୋଳିବା।ସେମାନଙ୍କ ମଧ୍ୟରେ ସୁବିଚାର, ସତବୁଦ୍ଧି ଓ ପରୋପକାର ପ୍ରସ୍ଫୁଟିତ ହେବ ଯାହାକି ଆଗାମୀ କାଲି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସକ୍ଷମ ହେବ ବୋଲି ସଂଗଠନ ସୂଚନା ଦେଇଛି।ଘରକୁ ଗୁରୁକୂଳ କରିବା ଏବଂ ପ୍ରତ୍ୟେକ ଦିନ ପରିବାରରେ ସଂଗଠିତ ହୋଇ ଭାଗବତ ପଠନ କରି ନିଜକୁ ଜଣେ ସନାତନୀ ହିନ୍ଦୁ ଭାବେ ରାଷ୍ଟ୍ର, ଆଧାତ୍ମ, ବିଜ୍ଞାନ ଓ ଗୋମାତାର ରକ୍ଷା ଦିଗରେ ଜଗଦ୍ ଗୁରୁ ଶଙ୍କରାଚାର୍ଯ୍ୟ ଭଗବାନଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବାର ଏହି ସଂଗଠନର ମୂଳମନ୍ତ୍ର।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୧୦୮ ଆମ୍ବୁଲାନ୍ସର...

୧୦୮ ଆମ୍ବୁଲାନ୍ସ ସେବାର ଜିଲ୍ଲା ସଂଘ ସଭାପତି କହିଛନ୍ତି, ତେଲେଙ୍ଗାନାର ଏକ ସଂସ୍ଥା ୧୦୮ ଆମ୍ବୁଲାନ୍ସର ଦାୟିତ୍ୱ ନେଇଛି। କୌଣସି ପଦକ୍ଷେପ ନେଉନାହିଁ। ସମସ୍ୟାର ସମାଧାନ ବଦଳରେ ଛଟେଇ ଧମକ ଦେଉଛି। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ବଣାଇ ଅଞ୍ଚଳର ଏହି ୧୦୮ ଆମ୍ବୁଲାନସରେ ରୋଗୀ ସେବା ପାଇଁ ରାସ୍ତାରେ ଦୌଡ଼ିବା ବଦଳରେ ରାସ୍ତା କଡ଼ରେ ଧକଉଛି। କ'ଣ ହୋଇଛି କ'ଣ ନାଇଁ, ଜାଣିପାରୁନାହାଁନ୍ତି ଡ୍ରାଇଭର। ଆମ୍ବୁଲାନ୍ସ କୁଆଡ଼େ ଗୁରୁଣ୍ଡିଆରୁ ପେସେଣ୍ଟ ଧରି ବଣାଇ ମେଡ଼ିକାଲକୁ ଯାଉଥିଲା। କିନ୍ତୁ ମଝି ବାଟରେ ଖରାପ। ଗୁରୁତର ରୋଗୀଙ୍କୁ ଅନ୍ୟ ବ୍ୟବସ୍ଥା କରି ପଠାଇଦିଆଗଲା ମେଡ଼ିକାଲ୍। ହେଲେ ରାସ୍ତା କଡ଼ରେ ଅଚଳ ହୋଇପଡ଼ିଥିବା ଆମ୍ବୁଲାନ୍ସକୁ ପଚାରିବାକୁ କେହି ନାହିଁ। ଡ୍ରାଇଭରଙ୍କ କହିବା କଥା ଗାଡ଼ିଗୁଡ଼ିକ ବାରମ୍ବାର ଖରାପ ହେଉଛି। ଫଳରେ ରୋଗୀ ତ ହଇରାଣ ହେଉଛନ୍ତି, ଆମକୁ ପାଲଟା ଗାଳି ଶୁଣିବାକୁ ପଡୁଛି। ରକ୍ଷଣାବେକ୍ଷଣ ଅଭାବରୁ ହେଉ କି ଦାୟିତ୍ୱହୀନତା। ରୋଗୀ ପରିବହନ କ୍ଷେତ୍ରରେ ମାଗଣା ସେବା ଯୋଗାଉଥିବା ୧୦୮ ଆମ୍ବୁଲାନ୍ସ ଏବେ ନିଜେ ଖୋଜୁଛି ନିଜ ସୁରକ୍ଷା। ଏଇ ଯେମିତି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୧୦୮ ଆମ୍ବୁଲାନ୍ସ। ଚାରିଆଡ଼େ କଳଙ୍କି ଲାଗିଗଲାଣି। ପାଣି ଗଳୁଛି ତା ଭିତରୁ। ଏସି କି ଅକ୍ସିଜେନ୍ କଥା ନକହିବା ଭଲ। ତଥାପି ଏହି ଜରାଜୀର୍ଣ୍ଣ ଆମ୍ବୁଲାନ୍ସରେ ଚାଲିଛି ରୋଗୀବୁହା। ଆପଣ ଯୁଆଡ଼େ ଯାଆନ୍ତୁ ମାଳ ମାଳ ରୁଗଣ ଆମ୍ବୁଲାନ୍ସ ରୋଗୀସେବାରେ ନିୟୋଜିତ ହୋଇଛି। ...ଦିନେ ଆମ୍ବୁଲାନ୍ସ ସେବା ନପାଇ ମୃତ ପତ୍ନୀର ଶବକୁ କାନ୍ଧେଇ ଚର୍ଚ୍ଚାରେ ଆସିଥିଲେ କଳାହାଣ୍ଡିର ଦାନ ମାଝୀ। ଆଉ ଆଜି ବି ସେହି ଆମ୍ବୁଲାନ୍ସ ସେବା ଆଣ୍ଠେଇ ପଡ଼ିଛି ରୁଗଣ ବ୍ୟବସ୍ଥା ଭିତରେ। ତେବେ ଏ ସଂପର୍କରେ ୧୦୮ ଆମ୍ବୁଲାନ୍ସ ସେବା ଦାୟିତ୍ୱରେ ଥିବା ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ଆତଙ୍କୀ ସଂଗଠନ...

ଖବର ଜାଣିବା ପରେ ମାଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଅକୁ ଉଦ୍ଧାର ପାଇଁ ପୋଲିସ ପ୍ରଶାସନ ଓ ସରକାରଙ୍କଠାରେ କରିଛନ୍ତି ଆକୁଳ ନିବେଦନ। ଭେଙ୍କେଟଙ୍କ ମାଆଙ୍କ କହିବା ଅନୁଯାୟୀ, ଜୁନ୍ ୩୦ ତାରିଖରେ ପୁଅ ସହ ଭଲରେ କଥା ହୋଇଥିଲେ। ହେଲେ ଗତ ୩ ତାରିଖରେ ହଠାତ ମୁମ୍ବାଇରେ ଥିବା ବ୍ଲୁ ଷ୍ଟାର କମ୍ପାନୀ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା, ଭେଙ୍କେରମଣଙ୍କୁ ପୋଲିସ ନିଜ କଷ୍ଟଡିକୁ ନେଇଛି। ପରେ ଏକ ୟୁଟ୍ୟୁବ ନ୍ୟୁଜ ଚ୍ୟାନେଲ୍ରୁ ପୁଅକୁ ଆତଙ୍କବାଦୀ ଅପହରଣ କରିଥିବା ନେଇ ଜାଣିବାକୁ ପାଇଥିଲେ। ଏହା ପରଠାରୁ ପରିବାର ଲୋକଙ୍କ ମଧ୍ୟରେ କାନ୍ଦ ବୋବାଳି ପଡିଛି। ମୁମ୍ବାଇସ୍ଥିତ ବ୍ଲୁ-ଷ୍ଟାର୍ କଂପାନୀ ମାଧ୍ୟମରେ ମାଲିରେ ଥିବା ଡାଏମଣ୍ଡ ସିମେଣ୍ଟ କଂପାନୀକୁ କାମ କରିବାକୁ ଯାଇଥିଲେ ଭେଙ୍କଟ। ହେଲେ ଗତ ୧ ତାରିଖରେ ଏହି କମ୍ପାନୀ ଉପରେ ଆତଙ୍କବାଦୀ ସଙ୍ଗଠନଅତର୍କିତ ଆକ୍ରମଣ କରି ତିନି ଭାରତୀୟଙ୍କୁ ଅପହରଣ କରିଥିଲା। କୁଖ୍ୟାତ ଆତଙ୍କବାଦୀ ସଙ୍ଗଠନ ଅଲକାଏଦା ଦ୍ୱାରା ପରିଚାଳିତ ହେଉଛି ଜାମାତ୍ ନୁସରତ ଅଲ-ଇସଲାମ ମୁସଲିମିନ୍ । ମାଲିରେ ଏହି କାରଖାନାରେ ଅନେକ ବିଦେଶୀ ନାଗରିକ କାମ କରନ୍ତି। ତେଣୁ ଆତଙ୍କୀ ସଙ୍ଗଠନ ବିଦେଶୀଙ୍କୁ ଟାର୍ଗେଟ କରି ଏପରି କରିଥିବା ସୂଚନା ରହିଛି। ଅପହରଣ ଘଟଣାକୁ ଭାରତୀୟ ବୈଦେଶିକ ମନ୍ତ୍ରାଳୟ ନିନ୍ଦା କରିଛି । ତିନି ଭାରତୀୟଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ମାଲି ସରକାରଙ୍କୁ ନିବେଦନ କରିଛନ୍ତି ଭାରତ ସରକାର। ଅପହୃତ ଭାରତୀୟଙ୍କ ମୁକ୍ତି ଲାଗି ଉଦ୍ୟମ ଜାରି ରହିଛି ବୋଲି ବୈଦେଶିକ ମନ୍ତ୍ରାଳୟ ତରଫରୁ ସୂଚନା ଦିଆଯାଇଛି। ଏପଟେ ଓଡ଼ିଆ ଯୁବକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ରାଜ୍ୟ ସରକାର ମଧ ନେଉଛନ୍ତି ପଦକ୍ଷେପ।ପରିବାର ଲୋକଙ୍କ ପାଖରେ ପହଞ୍ଚି ହିଞ୍ଜିଳିକାଟୁ ତହସିଲଦାର ଆଶ୍ୱସନା ଦେଇଛନ୍ତି । କେବେ ଅପହୃତଙ୍କ କବଳରୁ ଉଦ୍ଧାର ହେବେ ଭେଙ୍କେଟରମଣ। ତାର ଫେରିବା ବାଟକୁ ଅପେକ୍ଷା କରି ରହିଛନ୍ତି ତାଙ୍କ ପରିବାର, ସଂପର୍କୀୟ ଓ ସାଙ୍ଗସାଥୀ।

### ମହାରାଷ୍ଟ୍ର ରାଜନୀତିରେ...

ସମର୍ଥନ କରିଥିଲେ ମଧ ତା ବଦଳରେ ବିଜେପି ତାଙ୍କୁ କୌଣସି ରାଜନୈତିକ ଫାଇଦା ଦେଇ ନାହିଁ । ଏପରି ସମୟରେ ଶାସକ ମେଣ୍ଟରେ ରହିବା କୌଣସି ଯଥାର୍ଥ ଅଛି ବୋଲି ରାଜ ଅନୁଭବ କରୁନାହାଁନ୍ତି । ତେଣୁ ସେ ମଧ ପୌର ନିର୍ବାଚନରେ ତାଙ୍କ ଦଳକୁ ସଫଳତା ଦେବାକୁ ଚାହୁଁଛନ୍ତି । ଦୁଇ ଭାଇଙ୍କ ପାଇଁ ପୌର ନିର୍ବାଚନ ଏକ ଅସ୍ତିତ୍ୱର ଲଢ଼େଇ । ନିଜ ନିଜର ଅସ୍ତିତ୍ୱ ବଞ୍ଚାଇବାକୁ ଏବେ ଦୁଇ ଭାଇ ହିନ୍ଦୀ ଭାଷା ଲଦିବା ପ୍ରସଙ୍ଗକୁ ଆଳ କରି ଏକାଠି ହୋଇଛନ୍ତି ।

### ହିମାଚଳରେ ପ୍ରକୃତିର ...

ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ୧୪ଟି ଜିଲ୍ଲା ମରୁଡ଼ି କବଳରେ ଥିଲା । ଜୁନ୍ ୧ ତାରିଖରୁ ୪ ଯାଏ ରାଜସ୍ଥାନରେ ୧୬୭.୧ ମିମି ବର୍ଷା ହୋଇଛି, ଯାହା ସ୍ୱାଭାବିକ ଅପେକ୍ଷା ୧୩୭% ଅଧିକ । ମୌସୁମୀ ସକ୍ରିୟ ଥିବାରୁ, ବର୍ତ୍ତମାନ ଗୋଟିଏ ବି ଜିଲ୍ଲା ଶୁଖିଲା ନାହିଁ । ୨୦୨୪ ଜୁଲାଇ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ୧୪ଟି ଜିଲ୍ଲାରେ ମରୁଡ଼ି ପଡିଥିଲା ହେଲେ ଏବେ ଚିତ୍ର ଭିନ୍ନ । ସେହିପରି ଉତ୍ତର ପ୍ରଦେଶରେ ମଧ ପ୍ରବଳ ବର୍ଷା ଜାରି ରହିଛି । ବାରାଣସୀର ରନତ୍ନେଶ୍ୱର ମହାଦେବ ମନ୍ଦିରର ଅଧାରୁ ଅଧିକ ଅଂଶ ପାଣିରେ ବୁଡ଼ି ରହିଛି । ଗଙ୍ଗାର ଜଳସ୍ତର ୪ ଦିନ ମଧ୍ୟରେ ୧୫ ଫୁଟ ବୃଦ୍ଧି ପାଇଛି । ଶୁକ୍ରବାର ରାତି ୧୧ଟା ସୁଦ୍ଧା ଗଙ୍ଗାନଦୀର ଜଳସ୍ତର ୬୨.୬୩ ମିଟର ରେକର୍ଡ କରାଯାଇଛି । ଟେକ୍ସାସର ହିଲ୍ କଣ୍ଟ୍ରିରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ୨୪ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୩ରୁ ଅଧିକ ଝିଅ ନିଖୋଜ ଅଛନ୍ତି । ଶୁକ୍ରବାର ଗୁଆଡାଲୁପେ ନଦୀରେ ହଠାତ୍ ବନ୍ୟା ଆସିବା ଯୋଗୁଁ କେର କାଉଣ୍ଟିରେ ବଡ ଅଘଟଣ ଘଟିଛି । ଏକ ଗ୍ରୀଷ୍ମକାଳୀନ ଶିବିରରୁ ପ୍ରାୟ ୭୫୦ ଜଣ ଝିଅଙ୍କ ମଧ୍ୟରୁ ୨୩ରୁ ୨୫ ଜଣ ନିଖୋଜ ଅଛନ୍ତି । ରାତିରେ ପ୍ରବଳ ବର୍ଷାରେ ୧୦ରୁ ୧୨ ଇଞ୍ଚ ଜଳସ୍ତର ବଢିଥିଲା, ଯାହା କେର କାଉଣ୍ଟିର ବାର୍ଷିକ ହାରାହାରି ବର୍ଷାର ଏକ ତୃତୀୟାଂଶ । କେର କାଉଣ୍ଟିରେ ଉଦ୍ଧାରକାରୀ ଦଳ ହେଲିକପ୍ଟର, ଡ୍ରୋନ୍ ଓ ନୌକା ସାହାଯ୍ୟରେ ନିଖୋଜଙ୍କୁ ଖୋଜୁଛି । ଟେକ୍ସାସ ଗଭର୍ଣ୍ଣର ଗ୍ରେଗ ଆବୋଟ୍ ବିପର୍ଯ୍ୟୟ ଘୋଷଣା କରି ଉଦ୍ଧାର କାର୍ଯ୍ୟକୁ ତ୍ୱରାନିତ୍ୱ କରିଛନ୍ତି । ଜାତୀୟ ପାଣିପାଗ ଅନୁଯାୟୀ, ଆଗାମୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅଧିକ ବର୍ଷାର ସମ୍ଭାବନା ରହିଛି ଯାହା ସ୍ଥିତିକୁ ଆହୁରି ଜଟିଳ କରିପାରେ । ସେପଟେ ଚୀନର ଉତ୍ତର ଓ ପଶ୍ଚିମ ଅଞ୍ଚଳରେ ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରୀ ରହିଛି । ବନ୍ୟା ଫଳରେ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ଚୀନର ପାଣିପାଗ ବିଭାଗ ଅନୁଯାୟୀ, ହେବେଇ ସମେତ ବେଜିଂ ଓ ତିଆନଜିନ୍ ଅଞ୍ଚଳରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

### ପିଏନବି ବ୍ୟାଙ୍କ ଘୋଟାଲା ...

ଏହି ଟଙ୍କାକୁ ଲୁଚାଇବାରେ ସେମାନଙ୍କୁ ସହାୟତା କରିଥିଲେ ନେହାଲ ମୋଦୀ । କହିରଖୁ କି ନେହାଲ ମୋଦୀଙ୍କ ଭାଇ ନୀରବ ମୋଦୀ ଏବେ ବ୍ରିଟେନରେ ରହିଛନ୍ତି । ସେଠାରେ ସେ ପ୍ରତ୍ୟାର୍ପଣ ପ୍ରକ୍ରିୟାର ସାମ୍ନା କରୁଛନ୍ତି । ତାଙ୍କ ପ୍ରତ୍ୟାର୍ପଣ ମାମଲାର ଶୁଣାଣି ଚଳିତ ମାସ ୧୭ ତାରିଖରେ ରହିଛି ।

### ମୌସୁମୀ ସକ୍ରିୟ: ପୁଣି ...

ଏ ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ କେନ୍ଦୁଝର ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏହା ସହ ୧୪ ଜିଲାକୁ ପ୍ରବଳ ବର୍ଷା ଓ ବଜ୍ରପାତ ନେଇ ୟେଲୋ ଆଲର୍ଟ କରାଯାଇଛି।

## 'କିଚିରିମିଚିରି'ର ରଥସଂଖ୍ୟା ଉନ୍ମୋଚିତ



ବାଲେଶ୍ୱର, ୦୫/୭ (ନି.ପ୍ର): ପାହାନ୍ତିତାରା ପ୍ରକାଶନୀ ଦ୍ୱାରା ପ୍ରକାଶ ପାଇ ଆସୁଥିବା ଶିଶୁ-କିଶୋର ପତ୍ରିକା 'କିଚିରିମିଚିରି'ର ରଥ ସଂଖ୍ୟା ଗତ ୩ତାରିଖ ବହିଘରର ସଭାକକ୍ଷରେ ଉନ୍ମୋଚନ ହୋଇଯାଇଛି। କବି ଅଭୟ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଡ. ରାଧାରଂଜନ ପଟ୍ଟନାୟକ, ମୁଖ୍ୟବକ୍ତା କବି ବ୍ରଜେନ୍ଦ୍ରନାଥ ଗିରି, ସମ୍ମାନିତ ଅତିଥି ଶିଳ୍ପୀ କେଶୁଦାସ, କବି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ସମ୍ମାନିତ ବକ୍ତା ଭାବେ ଶ୍ରୀ ବିଜୟ କୁମାର ଦାସଅଧିକାରୀ ଯୋଗ ଦେଇ ପତ୍ରିକାଟିକୁ ଉନ୍ମୋଚନ କରିବା ସହ ଶିଶୁ ସାହିତ୍ୟ ସମ୍ପର୍କିତ ବକ୍ତବ୍ୟ ରଖିଥିଲେ। ପତ୍ରିକା ପ୍ରକାଶନର ଆଭିମୁଖ୍ୟ ସମ୍ବନ୍ଧରେ ମୁଖ୍ୟ ସମ୍ପାଦକ ପୀତାମ୍ବର ଦାସ ଓ ସମ୍ପାଦିକା ମୋନାଲିସା ପ୍ରଧାନ ମତାମତ ରଖିଥିଲେ। କବି ପଦ୍ମଲୋଚନ ପ୍ରଧାନ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ନାଟ୍ୟକାର ବିଦ୍ୟାଧର ସାହୁ। ଉକ୍ତ ଉନ୍ମୋଚନ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ସୃଷ୍ଟିଧର ପରିଡ଼ା, ପ୍ରଣେତା ମିଶ୍ର, ପଦ୍ମଲୋଚନ ଦତ୍ତ, ମଂଜୁଲତା ବଳ, ସୁକାନ୍ତିଲତା ଦାସ, ନୀଳମଣି ମଣ୍ଡଳ, ଅଜୟ କୁମାର ରାଉଳ, ସୁଶାନ୍ତ ବେହେରା, ବିଦ୍ୟାଧର ନାୟକ, ତୀର୍ଥରଂଜନ ବଳ, ସରିତା ସାମଲ, ଆଶ୍ରିତା ତରାଇ, ଓମ୍ପ୍ରୟାସ, ଶ୍ୟାମସୁନ୍ଦର ରାଉତ, ବିନାୟକ ସାହୁ, ସୁଦର୍ଶନ ଘଡ଼େଇ, ସତ୍ୟରଂଜନ ନାୟକ, ମଧୁସୂଦନ ମାଝୀ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# ଶୁଣିଲେନି ସରକାର: ଗାଁଲୋକେ କଲେ ରାସ୍ତା ନିର୍ମାଣ

ନୀଳଗିରି , ୦୫/୭ (ନି.ପ୍ର): ନୀଳଗିରି ବର୍ଷା। ହେଲେ ଗାଆଁରାସ୍ତା ହୋଇଯାଏ କାଦୁଅ ପଚପଚ।ଗାଁକୁ ଯାଏନି ୧୦୮ କି ଆମ୍ବୁଲାନ୍ସ।ଖଟିଆରେ ବୁହାହୁଅନ୍ତି ରୋଗୀ ସମେତ ଗର୍ଭବତୀ ମହିଳା।ଏନେଇ ସରକାରଙ୍କ ଠାରୁ ଆରମ୍ଭକରି ନିର୍ବାଚିତ ଲୋକପ୍ରତିନିଧି ମାନଙ୍କୁ ବାରମ୍ବାର ଗୁହାରି କରିଥିଲେବି କୌଣସି ସୁଫଳ ନମିଳିବାରୁ ଶେଷରେ ବାଧହୋଇ ଗାଁଲୋକେ କଲେ ରାସ୍ତାନିର୍ମାଣ।ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ବରିପାଳ ଗ୍ରାମରେ। ବର୍ଷାହେଲେ ପିଲାମାନେ ଜୋଡାପିନ୍ଧି ସ୍କୁଲ ଯାଇପାରନ୍ତି ନାହିଁ।ରାସ୍ତାକାଦୁଅ ହୋଇଗଲେ ସାଇକେଲ ଟେକି ଯିବା ଆସିବା କରନ୍ତି ଗ୍ରାମବାସୀ। ଏପରିକି କାଦୁଅରାସ୍ତାରେ ପାଣିଗରା ନେଇ ଯାତାୟତ କରୁଥିବାବେଳେ ଗୋଡ ଖସଡି ଅନେକବାର ମହିଳାମାନେ ଗୁରୁତର ଆହତ ହୋଇଛନ୍ତି। ଅଧାରାସ୍ତାରେ ଛିଡ଼ା ହୋଇଥିବା ୧୦୮ ହେଉ କିମ୍ବା ୧୦୨ଆମ୍ବୁଲାନ୍ସ ସେପର୍ଯ୍ୟନ୍ତ ଗର୍ଭବତୀଙ୍କୁ ବୋହିଆଣିବାକୁ ପଡେ। ବାରମ୍ବାର ଏଭଳି କଷ୍ଟ ପାଇବାପରେ ଉକ୍ତ ଗ୍ରାମର ମହିଳାମାନେ ଏକତ୍ରିତହୋଇ ପୁରୁଷମାନଙ୍କୁ ଡ଼ାକି ରାସ୍ତା ମରାମତି କରିଥିବା ଦେଖିବାକୁ ମିଳିଛି। ତେଣୁ ସ୍ଥାନୀୟ ପ୍ରଶାସନ ଓ ଲୋକପ୍ରତିନିଧି ଗ୍ରାମବାସୀଙ୍କ ଦୁଃଖକୁ ହୃଦୟଙ୍ଗମ କରି ଯଥାଶୀଘ୍ର ପକ୍କାରାସ୍ତା କରିବାକୁ ଦାବିହୋଇଛି।



# ଯୁଗେ ଯୁଗେ ଜଗନ୍ନାଥ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର, ୦୫/୭ (ନି.ପ୍ର): ସ୍ୱେଚ୍ଛାସେବୀ ସଙ୍ଗଠନ ଜ୍ଞାନଶ୍ରୀ ଆନୁକୂଲ୍ୟରେ ନୋସି କଲଚୁରାଲ ଏକାଡେମୀର ସହଯୋଗରେ ଜଗତର ନାଥ ଜଗନ୍ନାଥଙ୍କ ଉଦେଶ୍ୟରେ ସମର୍ପିତ କାର୍ଯ୍ୟକ୍ରମ ଜୁଗେ ଜୁଗେ ଜଗନ୍ନାଥ ବାମପଦା ସ୍ଥିତ ନୋସି ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜ୍ଞାନଶ୍ରୀର ସମ୍ପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ରେମୁଣା ବ୍ଲକର ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଏବଂ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ଉପେନ୍ଦ୍ର ପାତ୍ର ଏହାକୁ ମିଳିତ ଭାବେ ଉଦ୍ଘାଟନ କରିଥିଲେ । କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ରେ ପୂର୍ବତମ ସାଂସଦ ରବିନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସଂଗଠନ ର ଏଭଳି ନିଆରା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ମଧ୍ୟରେ ଜଗନ୍ନାଥ ଚେତନା କୁ ଆଉ ପାଦେ ଆଗେଇ ନେବ ବୋଲି ମତବ୍ୟକ୍ତ କରିବା ସହିତ ଜଗତର ମଙ୍ଗଳ ଉଦ୍ଦେଶ୍ୟରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଅନ୍ୟତମ ବରେଣ୍ୟ ଅତିଥି ଯୁବ ସମାଜସେବୀ ତଥା ଶିଳ୍ପଦ୍ୟୋଗୀ ଦେବଜ୍ୟୋତି ଦାସ ମହାପାତ୍ର ଜ୍ଞାନଶ୍ରୀର ଏଭଳି ନିଆରା କାର୍ଯ୍ୟକ୍ରମ ସାଙ୍ଗକୁ ନୋସି କଲଚୁରାଲ ଏକାଡେମୀର ମହାନ ସହଯୋଗର ପ୍ରଶଂସା କରି ବକ୍ତବ୍ୟ ରଖିଥିଲେ । ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ନୋସି କାଲଚୁରାଲ ଏକାଡେମୀର ଉପଦେଷ୍ଟା କେଶୁ ଦାସ , ଓଡିଶୀ ନୃତ୍ୟଗୁରୁ ବସନ୍ତ ଭୋଇ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଜଗନ୍ନାଥଙ୍କୁ ସମର୍ପିତ ଚିତ୍ରାଙ୍କନ,ନୃତ୍ୟ, ସଂଗୀତ ପ୍ରତିଯୋଗିତାରେ ପ୍ରତିକୂଳ ପାଗ ସତ୍ତ୍ୱେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର କଳା ପ୍ରତିଭା ମାଧ୍ୟମରେ ଜଗତର ନାଥ ଜଗନ୍ନାଥଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଚାରକ ଭାବରେ ଯୋଗଦାନ କରିଥିବା ଓଡିଶୀ ନୃତ୍ୟଗୁରୁ ବସନ୍ତ ଭୋଇ , ଆଧୁନିକ ନୃତ୍ୟଗୁରୁ ଗୁରୁପ୍ରସାଦ ଦାସ, କଣ୍ଠଶିଳ୍ପୀ ବିକାଶ ଚନ୍ଦ୍ର , ବାପୁ ପଣ୍ଡା ,ଚିତ୍ରଶିଳ୍ପୀ ଭବାନୀ ଶଙ୍କର ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଦସ୍ୟ ସୌରଭ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଦସ୍ୟା ଜ୍ୟୋତିପ୍ରଜ୍ଞା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜ୍ଞ୍ୟାନଶ୍ରୀ ର ସଦସ୍ୟ ସଦସ୍ୟା ମାନଙ୍କ ସହିତ ନୋସିର ସମସ୍ତ କର୍ମଚାରୀ ସ ଯୋଗ କରିଥିଲେ ।

# ମାନ୍ଧାତା ଭକ୍ତି କ୍ଷେତ୍ରରେ ବାହୁଡ଼ାଯାତ୍ରା



ଲଙ୍ଗଲେଶ୍ୱର, ୦୫/୭ (ନି.ପ୍ର): ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ମାନ୍ଧାତା ବଜାର ସ୍ଥିତ ଭକ୍ତି କ୍ଷେତ୍ରରେ ଶନି ବାର ପବିତ୍ର ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାହୁଡ଼ା ଯାତ୍ରା ପାଇଁ ଆଜି ପ୍ରତ୍ୟୁଷରୁ ଶ୍ରୀ ଜୀଉ ମାନଙ୍କର ସମସ୍ତ ନୀତି କାନ୍ତି ଅନୁଷ୍ଠିତ ହୋଇଛି। ଅପରାହ୍ନକୁ ଚକ୍ରରାଜ ସୁଦର୍ଶନ, ବଳଭଦ୍ର , ସୁଭଦ୍ରା, ଜଗନ୍ନାଥ ପ୍ରମୁଖ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମାଉସୀ ମନ୍ଦିରରୁ ଗୋଟି ପହଣ୍ଡି ରେ ବିଜେ କରି ରଥାରୋଢ଼ କରାଯାଇ ଥିଲା । ଶ୍ରୀ ଜଗନ୍ନାଥ ଜୀଉ ସେବକ ନିଯୋଗର ସଭାପତି ଗୋପାଳ କୃଷ୍ଣ ପାତ୍ର ତାଳ ଧ୍ୱଜ, ଦେବ ଦଳନ , ନନ୍ଦିଘୋଷ ଆଦି ତିନି ରଥରେ ଛେରା ପହଁରା କଲା ପରେ ରଥ ଟଣା ହୋଇ ଥିଲା। ସନ୍ଧ୍ୟାରେ ତିନି ରଥ ମହାବଳା ମାଉସୀ ବାଡିରୁ ଆସି ମାନ୍ଧାତା ବଜାର ଶ୍ରୀମନ୍ଦିରରେ ପହଞ୍ଚି ଥିଲା। ଏଠାରେ ଦେବଦଳନ ରଥ କୁ କେବଳ ମହିଳା ମାନେ ଟାଣି ଥାନ୍ତି। ଜଗନ୍ନାଥ ଜୀଉ ସେବକ ନିଯୋଗର ସମ୍ପାଦକ ସନାତନ ପାତ୍ର, ସରୋଜ ତୋଳା,ବିଜୟ କୁମାର ଦାସ, ସୁ କୁମାର ଦାସ, ପଦ୍ମ ଲୋଚନ ଦାସ, ଅଶ୍ୱିନୀ କୁମାର ମଣ୍ଡଳ, ରଜନୀ କୁମାର ବାରିକ, ପରୀକ୍ଷିତ ଆଦକ ,ଗଜେନ୍ଦ୍ର ଧଳ, ଅଜୟ କୁମାର ପାତ୍ର, କୃଷ୍ଣା ନନ୍ଦ ପାତ୍ର, ପ୍ରଦୀପ କୁମାର ଜେନା, ମନୋରଞ୍ଜନ ସାମଲ, ଦେବେନ୍ଦ୍ର ଗିରି, ବୈକୁଣ୍ଠ ରାଉତ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବାଲିଆପାଳ ପୁଲିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରା ଯାଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ ସକାଶେ ଭକ୍ତଙ୍କ ଭିଡ଼ ହୋଇ ଥିଲା।ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦିତ ହୋଇ ଥିଲା।

# ସାମାଜିକ ସୁରକ୍ଷାରୁ ବଂଚିତ ୬୫ ବର୍ଷ ବୟସ୍କ ବୃଦ୍ଧା ଶାନ୍ତିମଣି

ଉଦଳା , ୦୫/୭ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ମାଶୁଣ୍ଡିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ମହେଶ୍ୱର ନାଏକଙ୍କ ସହଧର୍ମିଣି ଶାନ୍ତିମଣି ନାଏକଙ୍କୁ ବର୍ତମାନ ବୟସ ୬୫ ବର୍ଷ ଛୁଇଁଲା । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଶାନ୍ତିମଣି, ବୟସ୍କ ବ୍ୟକ୍ତିଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ଯେଉଁ ଭତା ଯୋଗାଇ ଦେଉଛନ୍ତି ତାହା ପାଇପାରି ନାହାଁନ୍ତି । ଏଥିପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଭାଲୁକାଶୁଣି ପ୍ରାଥମିକ ବିଦ୍ୟାଳୟରୁ ଚୋରି: ଥାନାରେ ଅଭିଯୋଗ

ନୀଳଗିରି, ୦୫/୭ (ନି.ପ୍ର): ନୀଳଗିରି ଥାନା ଅନ୍ତର୍ଗତ ଭାଲୁକାଶୁଣି ପ୍ରାଥମିକ ବିଦ୍ୟାଳୟରେ ଚୋରିହୋଇଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ବିବରଣରୁ ପ୍ରକାଶ ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ୪ ତାରିଖ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ସ୍କୁଲର ତାଲାଭାଙ୍ଗି ଅଫିସଗୃହ ଓ ପିଲାଙ୍କ ଶ୍ରେଣୀଗୃହରେ ଥିବା ଷ୍ଟେଞ୍ଜର କମ୍ପାନୀର ସାଉଣ୍ଡ ସିଷ୍ଟମ,୪ଲିଟର ମଧ୍ୟାହ୍ନଭୋଜନ ତେଲ, ଗୁଡ଼,ମାଣ୍ଡିଆ ଖେଳସାମଗ୍ରୀ, ବିଭିନ୍ନ ବିଦ୍ୟୁତ୍ ସରଞ୍ଜାମ, ଗ୍ୟାସଚୁଲା ଓ ୨ଟି ଗ୍ୟାସଟାଙ୍କି ଚୋରିହୋଇଥିବା ସ୍ଥାନୀୟ ସରପଞ୍ଚ, ପରିଚାଳନା କମିଟିର ଚେୟାରମ୍ୟାନ ଓ ସଭ୍ୟ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପାଇ ନୀଳଗିରି ଥାନାପକ୍ଷରୁ ତଦନ୍ତ ଚାଲିଥିବା ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ପ୍ରକାଶ କରିଛନ୍ତି।

# ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲେ ଠିକାଦାର ସଙ୍ଘ

ଜଳେଶ୍ୱର, ୦୫/୭ (ନି.ପ୍ର): ଜଳେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଚାଳନ୍ତି ଠାରେ ଆଜି ଦିନ ୧୨ ଘଟିକା ସମୟ ରେ ନିଖିଳ ଓଡ଼ିଶା ଠିକାଦାର ସଂଘ ଜଳେଶ୍ୱର ଶାଖା ପକ୍ଷରୁ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲେ ବିଲ ପାସ ନ କରିବା ଦାବିରେ। ସୂଚନା ଅନୁସାରେ ଜଳେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ରେ କୋଡିଏ ଦିନ ହେଲା ନୂଆକରି ନିର୍ବାହୀ ଯନ୍ତ୍ରୀ ଭାବେ ଉମାଶଙ୍କର ମଲ୍ଲିକ ଯୋଗ ଦାନ କରିଛନ୍ତି। ଠିକାଦାର ଙ୍କ କହିବା ଅନୁଯାୟୀ ନୂଆ ଅଧିକାରୀ କାର୍ଯ୍ୟ ରେ ଯୋଗ ଦେବାର କୋଡିଏ ଦିନ ବୀତିଥିଲେ ମଧ ଅଧିକ ପିସି




ଦାବିରେ କୌଣସି ଫାଇଲ ପାସ କରୁନାହାନ୍ତି ଯାହାଫଳରେ ଅନ୍ୟ କୌଣସି କାର୍ଯ୍ୟ ଆଗେଇ ପାରୁନାହିଁ। ଏ ନେଇ ନିର୍ବାହୀ ଯନ୍ତ୍ରୀ ଠିକାଦାର ଙ୍କୁ ଶ୍ରମିକ କାର୍ଡ ଦେଲେ ବିଲ ପାସ୍ ହେବ ବୋଲି କହିଥିଲେ। ପ୍ରତିବାଦ ରେ ଠିକାଦାର ସଙ୍ଘ ଛୋଟ ଛୋଟ କାମରେ କିପରି ଭାବେ ଶ୍ରମିକକାର୍ଡ ଦେଇହେବ ଏବଂ ପୂର୍ବରୁ ବିନା ଶ୍ରମିକ କାର୍ଡ ରେ ବିଲ ପାସ୍ ହେଉଥିଲା ବୋଲି ଠିକାଦାର ସଙ୍ଘ ଯୁକ୍ତି ବାଢ଼ିଥିଲେ।ତେଣୁ ଆଜି ଠିକାଦାର ସଙ୍ଘ ପକ୍ଷରୁ ସଂପାଦକ ଅନନ୍ତ ମହାନ୍ତି,ଅମରେଶ ବେହେରା, ଦୁର୍ଜୟ ନାୟକ, ସୁବ୍ରତ ପଣ୍ଡା, ସୁମିତ କୁମାର ଭୂୟାଁ, ସଞ୍ଜୟ କୁମାର ଦେ, ମନୋଜ ଚାନ୍ଦ, ଶୁଶାନ୍ତ ଗିରି ପ୍ରମୁଖ ଠିକାଦାର ତୁରନ୍ତ ବିଲ ପାସ ପାଇଁ ଦାବୀ କରିଛନ୍ତି।ଏ ନେଇ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର୍ ପାତ୍ର ମଧ କୌଣସି ଖରାପ ଉଦ୍ଦେଶ୍ୟ ନ ରଖି ଠିକାଦାର ଙ୍କୁ ସହଯୋଗ କରିବା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ କହିଥିଲେ। ଏ ନେଇ ନିର୍ବାହୀ ଯନ୍ତ୍ରୀ ଉମାଶଙ୍କର ମଲ୍ଲିକ ସମସ୍ତ ଠିକାଦାର ଆସନ୍ତା ଚାରି ମଧ୍ୟରେ ସମସ୍ତ ଠିକାଦାର ଙ୍କୁ ଡାକି ଏକ ବୈଠକ ରେ ସମାଧାନ ହେବ ବୋଲି ପ୍ରତିଶ୍ରୁତି ପରେ ଠିକାଦାର ସଂଘ ନରମି ଥିଲେ।

# ମିଠା ଦୋକାନରେ ଚଢ଼ାଉ: ଯାଞ୍ଚ ପରେ ନିମ୍ନମାନର ଖାଦ୍ୟ ସାମଗ୍ରୀକୁ ନଷ୍ଟ ସହ ଜୋରିମାନା କଲେ ଜଳେଶ୍ୱର ପୌର ପ୍ରଶାସନ

ଜଳେଶ୍ୱର, ୦୫/୭ (ନି.ପ୍ର): ସାରା ଓଡ଼ିଶାରେ ହଇଜା ଲାଗିଥିବା ଦୃଷ୍ଟିରୁ ଜଳେଶ୍ୱର ପୌର ପ୍ରଶାସନ ତତ୍ପର ହୋଇ ଉଠିଛି। ଜଳେଶ୍ୱର ଷ୍ଟେସନ ବଜାରରେ ଥିବା ଚନ୍ଦନ ସୁଇଟସ୍ ଓ ପଙ୍କଜ ସୁଇଟସ୍ ଦୁଇଟି ମିଠା ଦୋକାନ ଉପରେ ଶୁକ୍ରବାର ଜଳେଶ୍ୱର ପୌର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ନିମ୍ନମାନର ଖାଦ୍ୟ ସାମଗ୍ରୀ ନଷ୍ଟ ସହ ଜରିମାନା କରାଯାଇଛି।ଷ୍ଟେସନ ବଜାରର ଏହି ଦୁଇ ମିଠା ଦୋକାନରେ ନିମ୍ନମାନର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେବା ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ନେଇ ପୌର ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା।ଶୁକ୍ରବାର ଦୁଇ ମିଠା ଦୋକାନରେ ଚଢ଼ାଉ କରାଯାଇ ଦୋକାନରେ ଟ୍ରେଡ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସ ନ ଥିବା ଜାଣିବାକୁ ପାଇଥିଲେ।ପରେ ଦୋକାନରେ ବିକ୍ରି ହେଉଥିବା ଅସ୍ୱାସ୍ଥ୍ୟକର ମିଠା ଓ ତେଲଭାଜି ଇତ୍ୟାଦିକୁ ନଷ୍ଟ କରାଯାଇ ଦୁଇ ଦୋକାନୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଥିଲା।ଦୋକାନ ପାଇଁ ବୈଧ ପ୍ରମାଣପତ୍ର ପ୍ରାପ୍ତ ନ ହେବା ଯାଏ ଦୋକାନକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଚଢ଼ାଉରେ ସାମିଲ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।ଏହି ଚଢ଼ାଉରେ ଜଳେଶ୍ୱର ଖାଦ୍ୟ ସୁରକ୍ଷା ଅଧିକାରୀ ଶଶିକାନ୍ତ ବେହେରା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।ପରେ ସହରର ଅନ୍ୟ କେତେକ ଫଳ ଦୋକାନ ଓ ଖାଦ୍ୟ ସାମଗ୍ରୀ ଦୋକାନରେ ମଧ ଚଢ଼ାଉ କରାଯାଇଥିଲା।

# ଶ୍ରମିକ ସଂଗଠନମାନଙ୍କ ବନ୍ଦ ଡାକରାକୁ କଂଗ୍ରେସର ପୂର୍ଣ୍ଣ ସମର୍ଥନ : ଭକ୍ତ ଦାସ

ଭୁବନେଶ୍ୱର, ୦୫/୭ (ନି.ପ୍ର): ଆସନ୍ତା ୯ ତାରିଖ ଭାରତ ବର୍ଷର ପ୍ରମୁଖ ଶ୍ରମିକ ସଂଗଠନ ମାନଙ୍କର ୧୭ ଦଫା ଦାବିକୁ ନେଇ ଦିଆଯାଇଥିବା ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ପୂର୍ଣ ସମର୍ଥନ ଜଣାଉଛି। ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଙ୍କ ଠାରୁ ଆରମ୍ଭ କରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ପାଇଁ।

# ଘୋଷଯାତ୍ରାରେ ଆଦାନୀ ଗ୍ରୁପର ପରିବେଶ ଅନୁକୂଳ ପ୍ରସାଦ ସେବା ବିତରଣ

ପୁରୀ, ୦୫/୭ (ନି.ପ୍ର): ଆଦାନୀ ଗ୍ରୁପ ଏବଂ ଇସ୍କନ ପକ୍ଷରୁ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପ୍ରସାଦ ସେବା କେବଳ ସେବା ନୁହେଁ, ବରଂ ମହାପ୍ରଭୁଙ୍କୁ ସମର୍ପିତ ଏକ ଭକ୍ତିପୂତ ମହାର୍ଘ୍ୟ । ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଚେତନା ମଧ୍ୟରେ ପରିବେଶ ସନ୍ତୁଳନକୁ ବଜାୟ ରଖି ନୀରବ ବିପ୍ଲବ ଭାବେ ଏହି ସହଭାଗିତା ୪ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ପରିବେଷଣ କରିବାରେ ସକ୍ଷମ ହୋଇପାରିଛି । ଜୁନ ମାସ ୨୭ ତାରିଖରୁ ପୁରୀ ବଡ଼ଦାଣ୍ଡରେ ଆରମ୍ଭ ହୋଇଥିବା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଉତ୍କଳୀୟ ପରମ୍ପରାରେ ଦେଖିବାକୁ ମିଳିଲା ଏକ ନୀରବ ବିପ୍ଲବ । ସେବା, କରୁଣା, ପରିବେଶ ସଚେତନତା ଏବଂ ଗୋଷ୍ଠୀ ସମୁଦାୟ ଆଧାରରେ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ 'ସେବା ହିଁ ସାଧନା' ଦ୍ୱାରା ଏହି ବିପ୍ଳବ ସମ୍ଭବ ହୋଇପାରିଛି । ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ସହଭାଗିତାରେ ଏହି ପ୍ରୟାସ ୯ ଦିନ ଧରି ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀଙ୍କୁ ୪ ନିୟୁତରୁ ଅଧିକ ସାତ୍ତ୍ୱିକ ଭୋଜନ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ରଥଯାତ୍ରା ସମୟରେ ପରିବେଷଣ କରାଯାଉଥିବା ପ୍ରସାଦ ମିଲ୍ରେ ଭାତ, ରୁଟି, ଡାଲମା, ମିଠାରେ ୯୦୦ କ୍ୟାଲୋରୀ, ୨୦ ଗ୍ରାମ ପ୍ରୋଟିନ ସମ୍ପୂର୍ଣ୍ଣ ଶରୀର ଓ ଆତ୍ମାକୁ ତୃପ୍ତ କରିବା ପାଇଁ ଯଥେଷ୍ଟ ଥିଲା । ଗରମକୁ ପ୍ରତିହତ କରିବା ପାଇଁ ଫଳରସ ଶ୍ରଦ୍ଧାଳୁମାନଙ୍କୁ ମଧ ବଣ୍ଟନ କରାଯାଇଥିଲା । ପୁଷ୍ଟିକର ଖାଦ୍ୟ ବ୍ୟତୀତ ଏହି ପ୍ରୟାସ ସାମୁହିକ ଯତ୍ନର ଭାବନାକୁ ପ୍ରକାଶ କରୁଛି । ଏହି ସେବାର ଅନ୍ୟ ଏକ ଦିଗ ହେଉଛି ପରିବେଶ ସଚେତନତା ଭିତ୍ତିକ ପ୍ରୟାସ । ଭାରତୀୟ ପରମ୍ପରାକୁ ବଜାୟ ରଖି ଏକ ଯୁଗାନ୍ତକାରୀ ପଦକ୍ଷେପ




ସ୍ୱରୂପ, ଆଦାନୀ ଗ୍ରୁପ ଏକକ-ବ୍ୟବହାର ପ୍ଲାଷ୍ଟିକ ଏବଂ ଥର୍ମୋକୁଲକୁ ଦୂର କରିଦେଇଛି । ଖାଦ୍ୟ ପରିବେଷଣ କରାଯାଉଥିବା ପ୍ଲାଷ୍ଟିକ ଓ ଥର୍ମୋକୁଲ ପ୍ଲେଟ୍‌କୁ ଜୈବ ବିଘଟନଶୀଳ ସାମଗ୍ରୀରେ ପରିବର୍ତ୍ତନ କରି ଆବର୍ଜନାମୟ ପରିବେଶକୁ ହ୍ରାସ କରିଛି । ଏହି ପଦକ୍ଷେପ ଦୀର୍ଘକାଳୀନ ପରିବେଶଗତ ବିପଦକୁ କମାଇବାରେ ସାହାଯ୍ୟ କରିଥାଏ । ଖାଦ୍ୟ ବିତରଣ ସ୍ଥଳରେ ବଡ଼ ବଡ଼ ପଲିଥିନ ବ୍ୟାଗ୍ର ବ୍ୟବହାର କରାଇବା ସ୍ୱଚ୍ଛତା ବଜାୟ ରଖିବା ଏବଂ ବର୍ଜ୍ୟ ପରିଚାଳନାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । 'ଏହା କେବଳ ଭୋଜନ ନୁହେଁ- ମହାପ୍ରଭୁଙ୍କୁ ମହାର୍ଘ୍ୟ ଅର୍ପଣ' ବୋଲି ଇସ୍କନର ଜଣେ ସ୍ୱେଚ୍ଛାସେବୀ କହିଛନ୍ତି । ଇସ୍କନ ରୋଷଶାଳାରେ ପରିଷ୍କାର, ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଇ ସ୍ୱେଚ୍ଛାସେବୀଙ୍କ ପାଇଁ ଆପ୍ରନ, ଗ୍ଲୋଭ୍ସ, ଉର୍ଜା ଉପଯୋଗୀ ଉପକରଣ, ଜଳ ବଞ୍ଚାଇବା ଉପରେ ମଧ ଆଧୁନିକ ପ୍ରଣାଳୀ, ଖାଦ୍ୟରେ ପାରମ୍ପରିକ ମସଲା ଓ ଶୁଦ୍ଧ ଦେଶୀ ଘିଅର ବ୍ୟବହାର ଏକ ସାତ୍ତ୍ୱିକ ଭାବନାକୁ ପ୍ରତିପାଦନ କରିଛି । କେବଳ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀଙ୍କ ପାଇଁ ଏହି ନ ସେବା ସୀମିତ ନ ଥିବା ବେଳେ କାର୍ଯ୍ୟରତ ପୋଲିସ ବାହିନୀ, ସୁରକ୍ଷାକର୍ମୀ, ସଫେଇ କର୍ମଚାରୀ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀମାନଙ୍କୁ ସମ୍ମାନର ସହ ଖାଦ୍ୟ ପରିବେଷଣ କରୁଛି । ସ୍ୱଚ୍ଛ ରୋଷଶାଳା, ଶୂନ୍ୟ ପ୍ଲାଷ୍ଟିକ ଲଜିଷ୍ଟିକ, ବର୍ଜ୍ୟ ପରିଚାଳନା ଆଦି ବ୍ୟବସ୍ଥା ବର୍ଗରେ ସମସ୍ତ ପ୍ରଂଶସିତ ହୋଇପାରିଛି । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ଏହି ଉତ୍କଳୀୟ ମହାନ ପର୍ବର ସମାପ୍ତି ହେବ ମାତ୍ର ସେବା ଓ ସମର୍ପଣର ଗଭୀର ଛାପ ଛାଡ଼ିଯାଇଛି, ଯାହା ଲକ୍ଷ ଲକ୍ଷ ଲୋକଙ୍କ କ୍ଷୁଧାକୁ ନୁହେଁ ବରଂ ଆତ୍ମାକୁ ଜିଣିବାରେ ସକ୍ଷମ ହୋଇପାରିଛି ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ବନମହୋତ୍ସବ ପାଳନ




ଭଦ୍ରକ, ୦୫/୭ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ପୌରହିତ୍ୟରେ ସାତଭଉଣୀ ଉଚ୍ଚ ବିଦ୍ୟାପୀଠ, ଭଦ୍ରକ ପରିସରରେ ବନମହୋତ୍ସବ ପାଳନ ନିମିତ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଛଇ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାନୁଷ୍ଠାନ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା । ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରିବେଶର ସୁସ୍ଥ ବାତାବରଣ ନିମିତ୍ତ ବୃକ୍ଷରୋପଣ ନିହାତି ଜରୁରୀ, ପରିବେଶ ସୁସ୍ଥ ରହିଲେ ମଣିଷ ମଧ ସୁସ୍ଥ ଜୀବନ ଯାପନ କରିପାରିବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ବିଚାରପତି ବୃନ୍ଦ, ପୋଲିସ୍ ବିଭାଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା, ସହକାରୀ ସଂରକ୍ଷଣ ବନ୍ୟ ଅଧିକାରୀ ସୁମିତ ମହାନ୍ତି ଏବଂ ଭଦ୍ରକ ଉପଖଣ୍ଡ ଅଧିକାରୀ ପ୍ରିତିରାଣୀ ଦାସ ତଥା ସାତଭଉଣୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଭାମାମଣୀ ଦାସଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ, ଟ୍ରିଫେମିଲିର ସଦସ୍ୟଗଣ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଗଣ, ପ୍ୟାନେଲ ଓକିଲ, ବନ୍ୟପ୍ରାଣୀ ଭଦ୍ରକର କର୍ମକର୍ତ୍ତା ଗଣ ଏବଂ ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣର ସମସ୍ତ କର୍ମଚାରୀଗଣ ଏହି ବନମହୋତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇ କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ ।

# ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶାର ଟ୍ରଷ୍ଟ ବଡ଼ି ମିଟିଂ ଅନୁଷ୍ଠିତ

ବାରିପଦା, ୦୫/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶାର ପ୍ରତିଷ୍ଠାତାଙ୍କ କାର୍ଯ୍ୟାଳୟରେ ପୂର୍ବନିର୍ଦ୍ଧାରିତ ତାରିଖ ଓ ସମୟ ଅନୁସାରେ ଏକ ଟ୍ରଷ୍ଟ ବଡ଼ି ମିଟିଂ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରତିଷ୍ଠାତା, ଚେୟାରମେନ ଶ୍ରୀ ଦିଲ୍ଲିପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଭାରତମାତା ର ସୁରକ୍ଷା, ଗୋମାତାର ସୁରକ୍ଷା, ହିନ୍ଦୁଧର୍ମର ସୁରକ୍ଷା,ନାରୀ ସୁରକ୍ଷା, ମଠ ମନ୍ଦିର ଆଦିର ସୁରକ୍ଷା କରିବା ଆମ ସନିତନୀ ହିନ୍ଦୁ ବାହିନୀର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ ବୋଲି କହିବା ସହିତ ଆହୁରି ମଧ୍ଯ କହିଛନ୍ତି ଯେ ଆମର ଲଢେଇ ଧର୍ମ ପାଇଁ ଲଢେଇ,କାହାର ଧର୍ମ ଛୋଟ ସେକଥା ଆମେ କହୁନୁ କିନ୍ତୁ ଆମ ଧର୍ମ ଶ୍ରେଷ୍ଠ ଏକଥା ଆମେ ଭୁଲିଯିବା ଉଚିତ ନୁହେଁ। ବିଧର୍ମୀ ମାନେ ଗୋ ଚାଲାଣ କରିବା ଗୋମାଂସ ବିକ୍ରିକର ଇ ହିନ୍ଦୁ ମାନଙ୍କର ଧର୍ମ ନଷ୍ଟ କରିବାର ଯୋଉଁ ଷଡ଼ଯନ୍ତ୍ର ଚଳାଇଛନ୍ତି ତାକୁ ଆମ ସଂଗଠନ ତୀବ୍ର ବିରୋଧ କରୁଛି,କରିବ। ସଂଗଠନ କୁ ସୁଦୃଢ କରି ତୃଣମୂଳ ସ୍ତରରେ ଆମ ସଂଗଠନର ଅଭିପ୍ରାୟ କୁ ପ୍ରତି ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସମସ୍ତେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ପ୍ରତିଷ୍ଠାତା କହିଛନ୍ତି।ଏହି ବୈଠକରେ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ବାବଦରେ ପୁଂଖାନୁପୁଂଖ ଆଲୋଚନା କରାଯାଇଛି। ଶେଷରେ ସଂଗଠନର ସକ୍ରିୟ ସଦସ୍ୟ ସୁଜୟ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭାକାର୍ଯ୍ୟ ସାଙ୍ଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଶ୍ରୀମତୀ ପ୍ରତିମା ବାରିକ, ଶାନ୍ତନୁ ଦାସ, ପ୍ରବୀର କୁମାର ବାରିକ,ହ୍ରିତିକ୍ ନାଥ ପ୍ରମୁଖ ଉପସ୍ଥିତ ରହିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida